



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-246 ◆TUESDAY ◆03 MARCH 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୪୬ ◆ମଙ୍ଗଳବାର ◆୦୩ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଭୟଙ୍କର ଯୁଦ୍ଧ

## ୧୭ ଦେଶ ଉପରେ ଇରାନର ଆକ୍ରମଣ ■ ଥରୁଛି ଦୁବାଇ, ଦୋହା, ଆବୁଧାବୀ



- ■ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ଅଫିସ ଉପରେ କ୍ଷେପଣାସ୍ତ୍ର ମାଡ଼
- ■ ସାଉଦିର ତନୁରା ତୈଳ ବିଶୋଧନାଗାରକୁ ନିଶାଣ
- ■ ୩୦ ଘଣ୍ଟାରେ ଇରାନରେ ୩ ହଜାର ବୋମା ମାଡ଼; ୫୫୫ ମୃତ, ୭୦୦ ଆହତ

■ ତେହରାନ, ୨।୩ (ଏଜେନ୍ସି): ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ତୃତୀୟ ଦିନରେ ଆହୁରି ଭୟଙ୍କର ରୂପ ଧାରଣ କରିଛି । ଇରାନ ରକ୍ତମୁଖା ହୋଇ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟ ଉପରେ ଆକ୍ରମଣ ଚଳାଇଛି । ଏହି ଆକ୍ରମଣରେ ଇରାନକୁ ଆତଙ୍କବାଦୀ ଗୋଷ୍ଠୀ ମଧ୍ୟ ସମର୍ଥନ ଦେଇଛନ୍ତି । ଏହା ଯୁଦ୍ଧର ପରିସରକୁ ବଢ଼ାଇ ଦେଇଛି । କୁଏତ ଘାଟୀରୁ ଉଡ଼ାଣ ଆରମ୍ଭ କରୁଥିବା ଆମେରିକାର ଅନେକ ଯୁଦ୍ଧ ବିମାନକୁ ଇରାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରିଦେଇଛି । ପରେ ସାଉଦି ଆରବର ତୈଳ ଠିକଣାରେ ଆକ୍ରମଣ କରିଛି । ଏହି ଆକ୍ରମଣରେ ସାଉଦିର ତନୁରା ରିଫାଇନାରିକୁ ନିଶାଣ କରାଯାଇଛି । ଏଠାରୁ ହିଁ ଆରାମକୋ କମ୍ପାନୀ ପରିଚାଳିତ ହୋଇଥାଏ । ଏହି ଆକ୍ରମଣ ବିଶ୍ୱର ତୈଳ ବଜାରକୁ ଅସ୍ଥିର କରିଦେଇଛି । ତୁର୍କୀ, କାତାର ଭଳି ଦେଶରେ ଥିବା ଆମେରିକା ଠିକଣାକୁ ମଧ୍ୟ ଇରାନ ଛାଡ଼ି ନାହିଁ । ସବୁ ଦେଶ ଉପରେ ଡ୍ରୋନ/କ୍ଷେପଣାସ୍ତ୍ର ମାଡ଼ କରି ଭୟଙ୍କର ସ୍ଥିତି ସୃଷ୍ଟି କରିଛି । ଆଜି ମୋଟ ୧୭ ଦେଶ ଏବଂ ଠିକଣାରେ ଇରାନ ଆକ୍ରମଣ କରିଛି । ଆକ୍ରମଣରେ ଅବୁଧାବି, ଦୋହା, ଦୁବାଇ ଥରହର । ସେହିପରି ଇରାନ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲା ଇସ୍ରାଏଲରେ ଆକ୍ରମଣ କରି ଆତଙ୍କ ▶ପୃଷ୍ଠା-୭

### ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଅନୁରୋଧ କଲେ ନବୀନ

## ଓଡ଼ିଆଙ୍କୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ନିଅନ୍ତୁ ପଦକ୍ଷେପ



■ ଭୁବନେଶ୍ୱର,୨।୩(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବ୍ୟାପକ ହେଉଥିବା ବେଳେ ବିଭିନ୍ନ ଦେଶରେ ବହୁ ସଂଖ୍ୟାରେ ଓଡ଼ିଆ ଫସି ରହିଛନ୍ତି । ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଯୁଦ୍ଧ କ୍ଷେତ୍ର ଅଞ୍ଚଳରେ ଫସି ରହିଥିବା ଓଡ଼ିଆଙ୍କ ତୁରନ୍ତ ଉଦ୍ଧାର ସହ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ନବୀନ କେନ୍ଦ୍ର ସରକାର ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କରଙ୍କୁ ଅନୁରୋଧ କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ କରି ନବୀନ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ କ୍ରମାଗତ ଭାବେ ବଢୁଥିବା ସଂଘର୍ଷ ଯୋଗୁଁ ଓଡ଼ିଶାର ଅନେକ ନାଗରିକ ବର୍ତ୍ତମାନ ସେଠାରେ ଅଟକି ରହିଛନ୍ତି । ଏଥିରେ ▶ପୃଷ୍ଠା-୭

### ଆଜି କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ

## ସୂର୍ଯ୍ୟୋଦୟରୁ ପାକତ୍ୟାଗ, ଦେବନୀତି ନିଷେଧ



ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ନୀତିକାନ୍ତି

■ ପୁରୀ, ୨।୩ (ସମିସ): ଫାଲ୍‌ଗୁନ ପୂର୍ଣ୍ଣିମା ତଥା ଦୋଳ ପୂର୍ଣ୍ଣିମାରେ ସଂଘଟିତ ହେବ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ । ଏହା ଭାରତରେ ଦୃଶ୍ୟମାନ ହେବ । ତେଣୁ ଦୃଶ୍ୟ ହେଉଥିବା ଓଡ଼ିଶା ସମେତ ଅନ୍ୟ ଅଞ୍ଚଳରେ ଏହା ପାଳନୀୟ । ଅପରାହ୍ଣ ୩ଟା ୨୦ ମିନିଟ୍ ୧୭ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ସନ୍ଧ୍ୟା ୬ଟା ୪୭ ମିନିଟ୍ ୧୩ ସେକେଣ୍ଡରେ ସର୍ବମୋକ୍ଷ ହେବ । ଅପରାହ୍ଣ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ, ଅପରାହ୍ଣ ୫ଟା ୩୩ ମିନିଟ୍ ୨୭ ସେକେଣ୍ଡରୁ ମୋକ୍ଷାରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ ମିନିଟ୍ ୧୩ ସେକେଣ୍ଡରେ ସର୍ବମୋକ୍ଷ ହେବ । ଗ୍ରହଣର ଆଦ୍ୟନ୍ତକାଳ ୩ ଘଣ୍ଟା ୨୭ ମିନିଟ୍ ରହିଥିବା ବେଳେ ଏହାର ଦୃଶ୍ୟମାନ ମାତ୍ର ୫୭ ମିନିଟ୍ ।

ପୁରୀକୁ ଗ୍ରହଣ ୩ଟା ୨୦ ମିନିଟ ୧୭ ସେକେଣ୍ଡରେ ସ୍ପର୍ଶ କରିବ । ଗ୍ରାସ ଥାଇ ଚନ୍ଦ୍ର ଉଦୟ ହେବ । ସନ୍ଧ୍ୟା ୬ଟା ୪୭ ମିନିଟ ୧୩ ସେକେଣ୍ଡରେ ସର୍ବମୋକ୍ଷ ରହିଛି । ତେଣୁ ଗ୍ରହଣ ଗ୍ରସ୍ତୋଦୟ ହେଉଥିବାରୁ ସୂର୍ଯ୍ୟ ଉଦୟରୁ ସନ୍ଧ୍ୟା ୬ଟା ୪୭ ମିନିଟ ପର୍ଯ୍ୟନ୍ତ ପାକକର୍ମ, ଅନ୍ନଭୋଗ ▶ପୃଷ୍ଠା-୭

**'ସକାଳ'ର ଛୁଟି**

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ମାର୍ଚ୍ଚ ୩ ଓ ୪ ତାରିଖ ଛୁଟି ରହୁଥିବାରୁ 'ସକାଳ'ର ମାର୍ଚ୍ଚ ୪ ଓ ୫ ତାରିଖ ସଂସ୍କରଣ ବନ୍ଦ ରହିବ । ପରବର୍ତ୍ତୀ ସଂସ୍କରଣ ୬ ତାରିଖ (ଶୁକ୍ରବାର) ପ୍ରକାଶ ପାଇବ ।

- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ










## ବାହାରିନ ରାଜା, ସାଉଦି ରାଜକୁମାରଙ୍କ ସହ କଥା ହେଲେ ମୋଦୀ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ସ୍ଥିତି ସ୍ପଷ୍ଟ କରିଛନ୍ତି। ଶାନ୍ତି ଏବଂ ସ୍ଥିରତା ସପକ୍ଷରେ ନୂଆଦିଲ୍ଲୀ ସବୁବେଳେ ରହିଛି ବୋଲି ମୋଦୀ କହିଛନ୍ତି। ଦିଲ୍ଲୀରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଦୁଇ ଗଣତନ୍ତ୍ର ଏକାଠି ହେଲେ ମିଳିତ ସ୍ୱର ଅଧିକ ଦୃଢ଼ ହୋଇଥାଏ। ପଶ୍ଚିମ ଏସିଆର ସ୍ଥିତି ଏବେ ଚିନ୍ତା ଜନକ ରହିଛି। ନିଜ ନାଗରିକଙ୍କ ସୁରକ୍ଷା ପାଇଁ ଭାରତ ସବୁ ଦେଶଙ୍କ ସହ ମିଶି କାମ କରିବ। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ବାହାର କରିବା ସପକ୍ଷରେ ଭାରତ ରହିଛି ବୋଲି ମୋଦୀ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆଜି ବାହାରିନ ରାଜା ହମାଦ ବିନ ଇସା ଏଲ ଖଲିଫା, ସାଉଦି ରାଜକୁମାର ମହମ୍ମଦ ବିନ ସଲମାନଙ୍କ ସହ ଫୋନରେ କଥା ହୋଇଛନ୍ତି। ସେଠାରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ବିଷୟରେ ଚର୍ଚ୍ଚା କରିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ରବିବାର ରାତିରେ ସିସିଏସ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ସିଡିଏସ ଅନିଲ ଚୌହାନ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରମୁଖ ସାମିଲ ରହିଥିଲେ। ସେଠାରେ ରହୁଥିବା ଭାରତୀୟ ଏବଂ ଫସି ରହିଥିବା ଲୋକଙ୍କ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଯଦି ଆଗକୁ ପରିସ୍ଥିତି ଅଧିକ ବିଗିଡ଼ିଯାଏ, ତେବେ ତାହାକୁ କିଭଳି ମୁକାବିଲା କରାଯିବ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ମୋଦୀ ସାମାଜିକ ଗଣମାଧ୍ୟମରେ କହିଥିଲେ ଯେ ସେ ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟଦ ଅଲ୍ ନାହୟାନ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଫୋନରେ କଥା ହୋଇଛନ୍ତି। ୟୁଏଇ ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରିଛି।

## ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ଜାମିନ ମିଳିଲା

ନୂଆଦିଲ୍ଲୀ, ୨।୩(ଏଜେନ୍ସି): ଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମ୍ମିଳନୀରେ ବିକ୍ଷୋଭ ପ୍ରଦର୍ଶନ କରି ଗିରଫ ହୋଇଥିବା ଯୁବ କଂଗ୍ରେସର ୯ ଜଣ କର୍ମକର୍ତ୍ତାଙ୍କୁ ଜାମିନ ମିଳିଛି। ସ୍ଥାନୀୟ ପଟିଆଲ ହାଉସ୍ କୋର୍ଟ ସାର୍ଟ ଖୋଲି ପ୍ରଦର୍ଶନ କରିଥିବା ଏହି ଯୁବ ନେତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। କୋର୍ଟ କହିଛନ୍ତି ଯେ, ସରକାରଙ୍କୁ ସମାଲୋଚନା କରିବା ଏକ ଗଣତାନ୍ତ୍ରିକ ଅଧିକାର ଏବଂ ଏହି ପ୍ରଦର୍ଶନରେ କୌଣସି ପ୍ରକାର ହିଂସା ବା ଭୟଭୀତ କରିବାର ପ୍ରମାଣ ନାହିଁ। ବିଚାରପତି କହିଛନ୍ତି ଯେ, ପ୍ରଦର୍ଶନକାରୀମାନେ ଦେଇଥିବା ସ୍ଲୋଗାନଗୁଡ଼ିକ ଉତ୍ତେଜନାମୂଳକ ନ ଥିଲା କିମ୍ବା ଏଥିରେ କୌଣସି ଧାର୍ମିକ ବା ଆଞ୍ଚଳିକ ରଙ୍ଗ ନଥିଲା। ସମ୍ମିଳନୀରେ ସ୍ଥଳରେ କୌଣସି ସମ୍ପତ୍ତି ନଷ୍ଟ କରାଯାଇଥିବାର ପ୍ରମାଣ ପୁଲିସ ଦେଇ ପାରିନାହିଁ ବୋଲି କୋର୍ଟ କହିଛନ୍ତି। କୋର୍ଟଙ୍କ ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି ଯେ, ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ସମାଲୋଚନା ପାଇଁ କାହାକୁ ଜେଲ୍‌ରେ ରଖାଯାଇପାରିବ ନାହିଁ। ଉଲ୍ଲେଖଥାଉ କି, ଗତ ଫେବୃଆରୀ ୨୦ରେ ଚାଲିଥିବା ଏଆଇ ସମ୍ମିଳନୀରେ ଏହି କଂଗ୍ରେସ କର୍ମକର୍ତ୍ତାମାନେ ନିଜ ଟି ସାର୍ଟ ଓହ୍ଲାଇ ପ୍ରଦର୍ଶନ କରିଥିଲେ। ଭାରତ- ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ସେମାନେ ବିକ୍ଷୋଭ କରିଥିଲେ।

## ପାକିସ୍ତାନରେ ଐତିହାସିକ ଗୁରୁଦ୍ୱାରା ବିକ୍ରି

ଲୁଧିଆନା, ୨।୩(ଏଜେନ୍ସି): ପାକିସ୍ତାନରେ ଶିଖ ଓ ହିନ୍ଦୁମାନଙ୍କ ଧାର୍ମିକ ସ୍ଥଳ ଉପରେ କ୍ରମାଗତ ଗବେ ଆକ୍ରମଣ ଓ କ୍ଷୟକ୍ଷତି କରାଯାଉଥିବା ଘଟଣା ସାମ୍ନାକୁ ଆସୁଛି। ସଦ୍ୟତମ ଘଟଣା ଅନୁଯାୟୀ, ଖାଇବର ପଖତୁଖ୍ୱା ରାଜ୍ୟର ଆବୋଟାବାଦ୍ ସହରରେ ଥିବା ଏକ ଐତିହାସିକ ଗୁରୁଦ୍ୱାରକୁ ବିକ୍ରି କରିଦିଆଯାଇଛି। 'ଖଲସା ଭୋକ୍ସ'ର ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଇଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ (ଇଟିପିବି)ର ଜଣେ ଅଧିକାରୀ ୧ କୋଟି ପାକିସ୍ତାନୀ ଟଙ୍କା ଲାଞ୍ଚ ନେଇ ଏହି ଗୁରୁଦ୍ୱାରକୁ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଛନ୍ତି। ଜମି କିଣିଥିବା ବ୍ୟକ୍ତିଙ୍କ ନାମ ୱାହିଦ ୱାଲ ବୋଲି ଜଣାପଡ଼ିଛି। ସେ ଏହି ଐତିହାସିକ ଗୁରୁଦ୍ୱାରକୁ ଭାଙ୍ଗି ନିଜ ଦୁଇ ପତ୍ନୀଙ୍କ ପାଇଁ ଏକ କପଡ଼ା ବୁଟିକ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏହି ଗୁରୁଦ୍ୱାରଟି ଶିଖ ଶାସନ ସମୟରେ ନିର୍ମିତ ହୋଇଥିଲା। ପାକିସ୍ତାନରେ ରହୁଥିବା ଶିଖ ସମ୍ପ୍ରଦାୟର ଲୋକେ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ପ୍ରେମିକ ସହ ମିଶି ଲିଭ୍-ଇନ୍ ପାର୍ଟନରଙ୍କୁ ହତ୍ୟା କଲେ ଅଭିନେତ୍ରୀ

ବେଙ୍ଗାଲୁରୁ, ୨।୩(ଏଜେନ୍ସି): ବେଙ୍ଗାଲୁରୁର ମଞ୍ଜୁନାଥନଗର ଅଞ୍ଚଳରୁ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ନିଜର ଲିଭ୍-ଇନ୍ ପାର୍ଟନରଙ୍କୁ ହତ୍ୟା କରିବା ପାଇଁ ଅନ୍ୟ ଜଣେ ପ୍ରେମିକ ସହ ମିଶି ଷଡ଼ଯନ୍ତ୍ର କରିଥିବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଜଣେ ଟିଭି ଅଭିନେତ୍ରୀଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ମୃତ ବ୍ୟକ୍ତି ହେଉଛନ୍ତି ମୋହନ ରାଓ ଓ ତାଙ୍କୁ ଫେବୃଆରୀ ୧୮ ରେ ହତ୍ୟା କରାଯାଇଥିଲା। ଗିରଫ ହୋଇଥିବା ଅଭିନେତ୍ରୀ ହେଉଛନ୍ତି ଉର୍ମିଳା ଓରଫ ବିନ୍ଦୁ। ସେ ଭଜରଙ୍ଗୀ, ପୁଲିସ କ୍ୱାଟର୍ସ ଓ କାଳଭୈରବ ଭଳି କନ୍ନଡ଼ ଚଳଚ୍ଚିତ୍ରରେ ଛୋଟ ଛୋଟ ଭୂମିକାରେ ଅଭିନୟ କରିଛନ୍ତି। ବିନ୍ଦୁ ଓ ବିନୟ ନାମକ ବ୍ୟକ୍ତି ପରସ୍ପରକୁ ବିବାହ କରିବାକୁ ଚାହୁଁଥିଲେ। କିନ୍ତୁ ବିନ୍ଦୁ ପୂର୍ବରୁ ମୋହନ ରାଓଙ୍କ ସହ ଲିଭ୍-ଇନ୍‌ରେ ରହୁଥିଲେ। ମୋହନଙ୍କୁ ରାସ୍ତାରୁ ହଟାଇବା ପାଇଁ ଦୁହେଁ ମିଶି ଏହି ହତ୍ୟାକାଣ୍ଡର ଯୋଜନା କରିଥିଲେ। ଯୋଜନା ମୁତାବିକ ବିନ୍ଦୁ ଓ ମୋହନ ରହୁଥିବା ଘରେ ଏକ ପାର୍ଟିର ଆୟୋଜନ କରାଯାଇଥିଲା। ସମସ୍ତେ ମଦ୍ୟପାନ କରିବା ପରେ ବିନୟ ଓ ତାଙ୍କ ସାଙ୍ଗ ଧନୁଷ ମିଶି ମୋହନଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ମୋହନଙ୍କୁ ବାରମ୍ବାର ଛୁରୀରେ ଆକ୍ରମଣ କରି ହତ୍ୟା କରିଥିଲେ। ଚିତ୍କାର କରିବାରୁ ସେମାନେ ମୋହନଙ୍କ ପାଟି ଓ ନାକରେ ଟେପ୍ ଗୁଡାଇ ଦେଇଥିଲେ। ଫଳରେ ନିଶ୍ୱାସ ନେଇ ନ ପାରି ମୋହନଙ୍କର ମୃତ୍ୟୁ ଘଟିଥିଲା ଓ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ।

# ଭୟରେ ଭାରତୀୟ: କାମ ପାଇଁ ଆସିଥିଲୁ; ଏବେ ବଙ୍କର ଖୋଜୁଛୁ

ଦୁବାଇ, ୨।୩: ଇରାନ ଉପରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଏବେ ଯୁଦ୍ଧ ନିଆଁରେ ଜଳୁଛି। ଏହି ସଂଘର୍ଷ ପାଇଁ ଆକାଶମାର୍ଗକୁ ବନ୍ଦ କରିଦିଆ ଯାଇଛି।



ବିମାନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ମଧ୍ୟପ୍ରାଚ୍ୟକୁ କାମ ଏବଂ ବୁଲିବାକୁ ଯାଇଥିବା ହଜାର ହଜାର ଭାରତୀୟ ପର୍ଯ୍ୟଟକ, ଛାତ୍ର ଏବଂ ଶ୍ରମିକଙ୍କ ଫସି ରହିଛନ୍ତି। ଖାଲି ଇରାନ ନୁହେଁ, ସାଉଦି ଆରବ, ୟୁଏଇ, ସେମାନେ ଜୀବନ ଏବଂ ମୃତ୍ୟୁ ମଧ୍ୟରେ ଫସି ରହିଛନ୍ତି। ସେମାନେ ବଙ୍କରରେ ଆଶ୍ରୟ ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଭାରତ ସରକାରଙ୍କୁ ଆକୁଳ ନିବେଦନର କରୁଛନ୍ତି। ଯୁଦ୍ଧ ରତ ଇରାନରୁ ଉଦ୍ଧାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରଭାବିତ ଦେଶଗୁଡ଼ିକରେ ଥିବା ଭାରତୀୟଙ୍କ ପାଇଁ ଜରୁରୀକାଳୀନ ସହାୟତା ନମ୍ବର ଜାରି କରାଯାଇଛି।

**■ ସହାୟତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆକୁଳ ନିବେଦନ**
**■ ମଧ୍ୟପ୍ରାଚ୍ୟରେ ରହୁଛନ୍ତି ୯୦ ଲକ୍ଷ ଭାରତୀୟ**

ଦୁବାଇରେ ଥିବା ଜଣେ ଶ୍ରମିକ କହୁଛନ୍ତି ଯେ ଏଠାକୁ ଜୀବିକା ପାଇଁ ଆସିଥିଲି, କିନ୍ତୁ ଏବେ ବୋମା ଆକ୍ରମଣରୁ ବଞ୍ଚିବା ପାଇଁ ଆଶ୍ରୟ ଖୋଜୁଛି। ଏଠାରୁ ଉଦ୍ଧାର କରନ୍ତୁ। କେବଳ ଶ୍ରମିକ ନୁହନ୍ତି, ଦୁବାଇ ଏବଂ ଆବୁଧାବିରେ ଅନେକ ପର୍ଯ୍ୟଟକ ମଧ୍ୟ ଅଟକି ରହିଛନ୍ତି। ଏଥିସହ ଏମବିଏ ଏବଂ ମେଡିକାଲ୍ ପଢୁଥିବା ଭାରତୀୟ ଛାତ୍ରଛାତ୍ରୀମାନେ ମଧ୍ୟ ଭିଡିଓ ପୋଷ୍ଟ କରି ସରକାରଙ୍କ ସାହାଯ୍ୟ ମାଗୁଛନ୍ତି। ସୂଚନାଯୋଗ୍ୟ ଯେ ମଧ୍ୟପ୍ରାଚ୍ୟରେ ପ୍ରାୟ ୯୦ ଲକ୍ଷରୁ ଅଧିକ ଭାରତୀୟ ରହୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ। କେବଳ ଇରାନରେ ୧୦ ହଜାର ଭାରତୀୟ ରହୁଛନ୍ତି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଭଳି ଏୟାରଲାଇନ ଏହି ଦେଶକୁ ବିମାନ ବନ୍ଦ କରିଦେଇଛନ୍ତି।

ଯୁଦ୍ଧର ନିଆଁ ଉପସାଗରୀୟ ଦେଶଗୁଡ଼ିକୁ କବଳିତ କରୁଥିବାରୁ ଭାରତୀୟଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଦୁବାଇ ଭଳି ବିଶ୍ୱର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ଏବେ କ୍ଷେପଣାସ୍ତ୍ର ମାଡ଼ ହେଉଛି। ବାହାରିନ, ଇରାକ, ଜୋର୍ଡାନ, କୁଏତ, ଓମାନ, କାତାର, ସାଉଦି ଆରବ ଏବଂ ୟୁଏଇରେ ସାଇରନ୍‌ର ଶବ୍ଦ ପ୍ରବାସୀ ଭାରତୀୟଙ୍କ ମନରେ ଭୟ ସୃଷ୍ଟି କରିଛି। ଇରାନରେ ଥିବା ଭାରତୀୟ ଛାତ୍ରଛାତ୍ରୀ, ବିଶେଷ କରି ତେହେରାନରେ ପଢୁଥିବା ମେଡିକାଲ୍ ଛାତ୍ରୀମାନେ ଭାବୁକ ଭିଡିଓ ସେୟାର କରିଛନ୍ତି। ଜଣେ ଛାତ୍ରୀ କହିଛନ୍ତି, ଏଠାରେ ସ୍ଥିତି ଅତ୍ୟନ୍ତ ଖରାପ ଏବଂ ଅନିଶ୍ଚିତତା ମଧ୍ୟରେ ରହିଛି। ଆଗକୁ କ'ଣ ହେବ ଆମେ ଜାଣିନାହୁଁ। ଭାରତ ସରକାର ଆମ ସୁରକ୍ଷା ପାଇଁ ଆଲୋଚନା କରୁଥିବାରୁ ଆମେ କୃତଜ୍ଞ, କିନ୍ତୁ ଏଭଳି ସମୟରେ ଶୀଘ୍ର ପଦକ୍ଷେପ ନେବା ଜରୁରୀ। ଏୟାର ଷ୍ଟ୍ରାଇକ୍ ଯୋଗୁଁ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ତେଣୁ ଶୀଘ୍ର ଏଠାରୁ ଉଦ୍ଧାର କରିବାକୁ ଦାବି କରିଛନ୍ତି। ଅନ୍ୟ ଜଣେ ଛାତ୍ର କହିଛନ୍ତି ଯେ ତେହେରାନରେ ଏବେ କ୍ଷେପଣାସ୍ତ୍ର ବର୍ଷା ହେଉଛି। ଯଥାଶୀଘ୍ର ଏଠାରୁ ବାହାର କରିବାକୁ ସେ ଭାରତୀୟଙ୍କ ପକ୍ଷରୁ ସରକାରଙ୍କୁ ନିବେଦନ କରିଛନ୍ତି। ଏବେ ଇରାନରେ ପ୍ରାୟ ୨,୦୦୦ କାଶ୍ମୀରୀ ଛାତ୍ରଛାତ୍ରୀ ଫସିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜମ୍ମୁ-କଶ୍ମୀର ଛାତ୍ର ସଂଘ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛି ଏବଂ କୂଟନୈତିକ ହସ୍ତକ୍ଷେପ ଲୋଡ଼ିଛି। ଏହା ମଧ୍ୟରେ ଭାରତୀୟ ଦୂତାବାସ ଏହି ସବୁ ଦେଶର ସରକାରଙ୍କ ସହ ଯୋଗାଯୋଗରେ ରହିଛି। କୁଏତ, ଓମାନ, ଅଷ୍ଟ୍ରିଆ, ଲେବାନନର ଭାରତୀୟ ଦୂତାବାସ ନାଗରିକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛି।

# ଆମେରିକାର ଅନେକ ଯୁଦ୍ଧ ବିମାନ ଧ୍ୱଂସ

ତେହେରାନ, ୨।୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ବଢ଼ି ଚାଲିଛି। ଏହି ଯୁଦ୍ଧର ଆଁରେ କେବଳ ଇରାନ ନୁହେଁ, ଇସ୍ରାଏଲ ଏବଂ ଆମରିକାର ମଧ୍ୟ କ୍ଷତି ହୋଇଛି। ଆମେରିକାର ଅନେକ ଲଢୁଆ ବିମାନ ଏବଂ ଯୁଦ୍ଧ ଜାହାଜ ଧ୍ୱଂସ ହୋଇଯାଇଛି । କୁଏତରୁ ଏହାର ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ଆମେରିକାର ତିନୋଟି ଏଫ-୧୫ଇ ଯୁଦ୍ଧ ବିମାନ ଦୁର୍ଘଟଣାର ଶିକାର ହୋଇ ତଳକୁ ଖସି ପଡ଼ିଛି। ଏକ ବିମାନ ଆକାଶ ମାର୍ଗରୁ ଖସୁଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ତେବେ ଭୁଲରେ ଦେଶର ତିନି ଯୁଦ୍ଧ ବିମାନକୁ କୁଏତ ଏୟାର ଡିଫେନ୍ସ ଖସାଇ ଦେଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ମାତ୍ର ସମସ୍ତ ୬ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଯୁଦ୍ଧ ବିମାନ ତଳେ ପଡ଼ିବା ପୂର୍ବରୁ ସେମାନେ ବାହାରି ଆସିଥିଲେ। ବର୍ତ୍ତମାନ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। କୁଏତ ମଧ୍ୟ ଏହା ସ୍ୱୀକାର କରିଛି। ମାତ୍ର କୁଏତର ଏହି ପଦକ୍ଷେପକୁ ଆମେରିକା ପ୍ରଶଂସା କରିଛି। ଇରାନ ଅଭିଯାନରେ ସମର୍ଥନ ଦେଇଥିବାରୁ ଧନ୍ୟବାଦ ଦେଇଛି। ଏହା ପୂର୍ବରୁ

କୁଏତ ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ପ୍ରବକ୍ତା କହିଥିଲେ ଯେ ସୋମବାର ସକାଳେ ଆମେରିକା ସେନାର ଏକାଧିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ମାତ୍ର ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଏହି ଘଟଣାକୁ ନେଇ ଆମେରିକୀୟ ସେନା ସହିତ ପ୍ରତ୍ୟକ୍ଷ ସମନ୍ୱୟ ରକ୍ଷା କରାଯାଉଛି। ମିଳିତ ଭାବେ ବୈଷୟିକ ପଦକ୍ଷେପ ଗ୍ରହଣ କରାଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। କୌଣସି ଗୁଜବରେ ବିଶ୍ୱାସ ନ କରି କେବଳ ସରକାରୀ ସୂତ୍ର ଉପରେ ଭରସା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା।

**■ ଭୁଲ୍‌ରେ ତିନି ଯୁଦ୍ଧ ବିମାନ ଖସାଇଛି କୁଏତ: ଆମେରିକା**
**■ ଇରାନ କହିଲା, ଆମେ ଖସାଇଛୁ**

ସକାଳେ ଭାଇରାଲ ହୋଇଥିବା ଭିଡିଓରେ ଥିବା ବିମାନଟି 'ପାଟ୍ରିଅଟ୍ ଏୟାର ଡିଫେନ୍ସ ବ୍ୟବସ୍ଥା ଦ୍ୱାରା ଭୁଲ୍ ବଶତଃ ଆକ୍ରମଣର ଶିକାର ହୋଇଥିବା ସନ୍ଦେହ କରାଯାଇଥିଲା। ମାତ୍ର ଏକାଧିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବାରୁ ଏହି ଦାବି ଭରସାଯୋଗ୍ୟ ନୁହେଁ ବୋଲି କୁହାଯାଉଥିଲା। ପାଟ୍ରିଅଟ୍ ଭଳି ଆଧୁନିକ ପ୍ରତିରକ୍ଷା ପ୍ରଣାଳୀରେ ଶତ୍ରୁ କିମ୍ବା ମିତ୍ର ବିମାନକୁ ଚିହ୍ନଟ କରିବା ପାଇଁ ଉନ୍ନତ ରାଡାର ଏବଂ ଏନକ୍ରିପ୍ଟେଡ୍ ଯୋଗାଯୋଗ ବ୍ୟବସ୍ଥା ରହିଛି। କିନ୍ତୁ ଯୁଦ୍ଧ ସମୟରେ ଏଭଳି ଆକ୍ରମଣରେ ନିଜ ବିମାନ ଦୁର୍ଘଟଣାଗ୍ରସ୍ତ ହେବାର ଅନେକ ନଜିର ମଧ୍ୟ ରହିଛି। ତଦନ୍ତ ପରେ କୁଏତ ଏୟାର ଡିଫେନ୍ସ ସିଷ୍ଟମ ଆମେରିକା ବିମାନକୁ ଖସାଇ ଥିବା ସ୍ପଷ୍ଟ ହୋଇଥିଲା।



## ପାକିସ୍ତାନକୁ ଇରାନର ଧମକ

ଯୁଦ୍ଧ ମଧ୍ୟରେ ପାକିସ୍ତାନକୁ ଇରାନ ଚେତାବନୀ ଦେଇଛି। ଏହି ଦେଶ ଆକ୍ରମଣରେ ଆମେରିକାକୁ ସହଯୋଗ କରିଥିଲା ବୋଲି ତେହରାନ ଅଭିଯୋଗ କରିଛନ୍ତି। ଇରାନରେ ଆକ୍ରମଣ ପାଇଁ ଆମେରିକାକୁ ନିଜ ବାୟୁସୀମା ବ୍ୟବହାର କରିବାକୁ ପାକିସ୍ତାନ ଅନୁମତି ଦେଇଥିଲା। ଯଦି ପାକିସ୍ତାନ ଏଭଳି କାର୍ଯ୍ୟକଳାପ ଜାରି ରଖେ ତେବେ ସୁରକ୍ଷିତ ରହିବ ନାହିଁ। ପାକିସ୍ତାନକୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇରାନ ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି)ର ବରିଷ୍ଠ କମାଣ୍ଡର ଧମକ ଦେଇଛନ୍ତି।

## ଆଇରନ ବିମ ବ୍ୟବହାର କଲା ଇସ୍ରାଏଲ

ଇସ୍ରାଏଲ ସେନା (ଆଇଡିଏଫ) ପ୍ରଥମ ଥର ପାଇଁ ନିଜର ଅତ୍ୟାଧୁନିକ ଲେଜର ଡିଫେନ୍ସ ସିଷ୍ଟମ ଆଇରନ ବିମ୍ ବ୍ୟବହାର କରିଛି। ଏହାରି ସହାୟତାରେ ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାକୁ ଆଇଡିଏଫ ଦୃଢ଼ ଜବାବ ଦେଇଛି। ହିଜବୁଲ୍ଲା ମାଡ଼ କରିଥିବା ରକେଟକୁ ଆକାଶରେ ଧ୍ୱଂସ କରିଦେଇଛି। ଆଇରନ ବିମ୍ ଏଭଳି ଏକ ଜ୍ଞାନକୌଶଳ, ଯେଉଁଥିରୁ ଲେଜର ରଶ୍ମି ବାହାରି ଥାଏ। ଏହା ଡ୍ରୋନ ଏବଂ ରକେଟ ଆଦିକୁ ଧ୍ୱଂସ କରିଦେଇଥାଏ।

## ଖାମନେଇଙ୍କ ପତ୍ନୀଙ୍କ ମୃତ୍ୟୁ



ତେହେରାନ/ଜେରୁଜେଲମ, ୨।୩ (ଏଜେନ୍ସି): ଇସ୍ରାଏଲ- ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଆଜି ତୃତୀୟ ଦିନରେ ପହଞ୍ଚିଛି। ଏହି ଯୁଦ୍ଧ ଏବେ ସମଗ୍ର ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ସଦ୍ୟତମ ସୂଚନା ଅନୁଯାୟୀ, ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ପତ୍ନୀ ମନସୁରେହ ଖୋଜାସ୍ତେହଙ୍କର ସୋମାବାର ମୃତ୍ୟୁ ହୋଇଛି। ଆମେରିକା- ଇସ୍ରାଏଲ ଆକ୍ରମଣରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ପୁଣି ଇସ୍ରାଏଲ ବାୟୁସେନା ଦାବି କରିଛି ଯେ ଲେବାନନର ବେରୁଟ୍ ହୋଇଥିବା ଆକ୍ରମଣରେ ହିଜବୁଲ୍ଲା ଗୁପ୍ତଚର ମୁଖ୍ୟ ହସନ ମକଲାଦ ନିହତ ହୋଇଛନ୍ତି। ଏହାର ପ୍ରତବାଦରେ ହିଜବୁଲ୍ଲା ମଧ୍ୟ ଇସ୍ରାଏଲ ଉପରେ ରକେଟ ମାଡ଼ କରିଛି।

# ସେନା ଘାଟୀ ବ୍ୟବହାର ପାଇଁ ଆମେରିକାକୁ ଅନୁମତି ଦେଲା ବ୍ରିଟେନ

ଲଣ୍ଡନ, ୨।୩ (ଏଜେନ୍ସି): ଇରାନ ସଂଘର୍ଷ ମଧ୍ୟରେ ବ୍ରିଟେନ ନିଜ ଆଭିମୁଖ୍ୟ ପରିବର୍ତ୍ତନ କରିଦେଇଛି। ଆମେରିକାର ଅନୁରୋଧକୁ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଗ୍ରହଣ କରିଛନ୍ତି। ଦେଶର ସାମରିକ ଘାଟୀ ବ୍ୟବହାର ପାଇଁ ଆମେରିକାକୁ ଅନୁମତି ଦେଇଛନ୍ତି। ନିର୍ଦ୍ଦିଷ୍ଟ ଏବଂ ସୀମିତ ପ୍ରତିରକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି ବୋଲି ଷ୍ଟାର୍ମର କହିଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର କହିଛନ୍ତି ଯେ, କ୍ଷେତ୍ରୀୟ ସ୍ତରରେ ଇରାନର ସମ୍ଭାବ୍ୟ ଆକ୍ରମଣକୁ ରୋକିବା ପାଇଁ ଆମେରିକାକୁ ବ୍ରିଟିଶ ସାମରିକ ବେସ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ। ଇରାନର କ୍ଷେପଣାସ୍ତ୍ର ଘାଟିଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଇରାନ ଉପରେ ଆମେରିକା-ଇସ୍ରାଏଲର ପ୍ରାରମ୍ଭିକ ଆକ୍ରମଣରେ ବ୍ରିଟେନ ସାମିଲ ନ ଥିଲା। ବର୍ତ୍ତମାନ ମଧ୍ୟ କୌଣସି ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନରେ ଦେଶ ଯୋଗ ଦେବ ନାହିଁ। ଇରାନକୁ କ୍ଷେପଣାସ୍ତ୍ର ମାଡ଼ରୁ ରୋକିବା, ନିରୀହ ନାଗରିକଙ୍କୁ ରକ୍ଷା କରିବା ଏବଂ ବ୍ରିଟିଶ ନାଗରିକଙ୍କ ଜୀବନ ବଞ୍ଚାଇବା ପାଇଁ ଏହି ଅନୁରୋଧକୁ ଗ୍ରହଣ କରାଯାଇଛି। ଏହି ନିଷ୍ପତ୍ତି ସାମୂହିକ ଆତ୍ମରକ୍ଷା ନୀତି ଏବଂ ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ନିଆଯାଇଛି। ମାତ୍ର ବହୁ ପୂର୍ବରୁ ଏହି ଅନୁମତି ଦିଆଯାଇଥିବା କୁହାଯାଉଥିବା। ଇରାନର କ୍ଷେପଣାସ୍ତ୍ର ସାଇଟରେ ଆକ୍ରମଣ ପାଇଁ ସାଇପ୍ରସର ଆକ୍ରୋଟାରୀ ଘାଟୀ ବ୍ୟବହାର କରିବାକୁ ଅନୁମତି ଦେଇଥିଲା। ଏବେ ଇରାନ ଏହାର ପ୍ରତିଶୋଧ ନେଇଛି। ସାଇପ୍ରସ ସ୍ଥିତ ବ୍ରିଟିଶ ରୟାଲ ଏୟାର ଫୋର୍ସ (ଆରଏଏଫ)ର ଏହି ଘାଟୀ ଉପରେ ଡ୍ରୋନ ଆକ୍ରମଣ କରିଛି। ରବିବାର ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ଘାଟୀ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବାବେଳେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ମାତ୍ର ଏହାର ଜବାବରେ ବ୍ରିଟେନ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

ବିବିସିର ରିପୋର୍ଟ ଅନୁଯାୟୀ, ଗ୍ଲୋଷ୍ଟରଶାୟର ସ୍ଥିତ ବ୍ରିଟେନର 'ଆରଏଏଫ୍ ଫେୟାରଫୋର୍ଡ' ଏବଂ ଭାରତ ମହାସାଗରରେ ଥିବା 'ଡିଏଗୋ ଗାର୍ସିଆ' ଘାଟୀକୁ ଆମରିକା ବ୍ୟବହାର କରିବାର ସମ୍ଭାବନା ରହିଛି। ମାତ୍ର ଡିଏଗୋ ଗାର୍ସିଆ ବ୍ୟବହାର କରିବାକୁ ଅନୁମତି ଦେବାକୁ ବ୍ରିଟେନ ପ୍ରଥମେ ମନା କରିଦେଇଥିଲା। ୪୮ ଘଣ୍ଟା ପରେ କେବଳ ଇରାନର କ୍ଷେପଣାସ୍ତ୍ର ଠିକଣାକୁ ଆକ୍ରମଣ ପାଇଁ ବ୍ୟବହାର ନିମନ୍ତେ ଅନୁମତି ଦେଇଥିଲା। ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି। ଷ୍ଟାର୍ମର ନିରାଶ କରିଥିବା କହିଛନ୍ତି। ଏହା ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଯଦି ଇରାନ କୌଣସି ଚୁକ୍ତି କରିବାକୁ ମନା କରେ, ତେବେ ଏହି ଘାଟୀଗୁଡ଼ିକର ବ୍ୟବହାର ଜରୁରୀ ହୋଇପାରେ।

ସୂଚନାଯୋଗ୍ୟ ଯେ ଶନିବାର ଭୋରରୁ ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି। ଏହାର ଜବାବରେ ଇରାନ ମଧ୍ୟ ବାହାରିନ, କାତାର, ୟୁଏଇ, କୁଏତ ଏବଂ ଇରାକ ସମେତ ଆମେରିକୀୟ ଘାଟୀ ଥିବା ଦେଶଗୁଡ଼ିକ ଉପରେ ଆକ୍ରମଣ କରିଛି। ଏହାକୁ ନେଇ ଷ୍ଟାର୍ମର କହିଛନ୍ତି ଯେ ବ୍ରିଟିଶ ବିମାନଗୁଡ଼ିକ ମଧ୍ୟପ୍ରାଚ୍ୟରେ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଇରାନର ଆକ୍ରମଣକୁ ପ୍ରତିହତ କରିଛନ୍ତି। ଉପସାଗରୀୟ ଅଞ୍ଚଳରେ ଥିବା ସହଯୋଗୀ ଦେଶମାନେ ସୁରକ୍ଷା ଦେବା ପାଇଁ ଅନୁରୋଧ କରିଛନ୍ତି। ବ୍ରିଟିଶ ନାଗରିକଙ୍କ ଜୀବନ ରକ୍ଷା କରିବା ମଧ୍ୟ ଆମର କର୍ତ୍ତବ୍ୟ। ଏବେ ମଧ୍ୟପ୍ରାଚ୍ୟରେ ପ୍ରାୟ ୨ ଲକ୍ଷ ବ୍ରିଟିଶ ନାଗରିକ ଅଛନ୍ତି। ଯଦି ଆକାଶମାର୍ଗ ବନ୍ଦ ରହେ, ତେବେ ସରକାର ସେମାନଙ୍କୁ ବାହାର କରିବା ପାଇଁ ଅଭିଯାନ ଆରମ୍ଭ କରିପାରନ୍ତି।

# ଜଳୁଛି ମଧ୍ୟପ୍ରାଚ୍ୟ, ଯୁଦ୍ଧ ବୋଲି ମାନିବାକୁ ଟ୍ରମ୍ପ ନାରାଜ

ନୂଆଦିଲ୍ଲୀ, ୨।୩(ଏଜେନ୍ସି): ଗତ ଶନିବାରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ଏକ ବୃହତ୍ ସାମରିକ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଆକ୍ରମଣରେ ଇରାନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ସମେତ ଅନେକ ଶୀର୍ଷ ନେତା ପ୍ରାଣ ହରାଇଛନ୍ତି। ମଧ୍ୟ-ପ୍ରାଚ୍ୟ ଏବେ ଜଳୁଛି ଓ ଭୟଙ୍କର ଯୁଦ୍ଧ ଭଳି ସ୍ଥିତି ଉପୁଜିଥିଲେ ମଧ୍ୟ ଟ୍ରମ୍ପ ଏହାକୁ ଯୁଦ୍ଧ ବୋଲି ମାନିବାକୁ ନାରାଜ। ଅର୍ଥାତ ସେ ଏହାକୁ ଯୁଦ୍ଧ ବୋଲି କହୁନାହାନ୍ତି। ଏହା ପଛରେ ରହିଛି ଆଇନଗତ କାରଣ। ଏହାର ମୁଖ୍ୟ କାରଣ ହେଉଛି ଆମେରିକାର ସମ୍ବିଧାନ। ଆମେରିକା ସମ୍ବିଧାନର ଧାର ୧ ଅନୁଯାୟୀ, କୌଣସି ଦେଶ ବିରୋଧରେ ଯୁଦ୍ଧ ଘୋଷଣା କରିବାର ଏକମାତ୍ର ଅଧିକାର କେବଳ ଆମେରିକା କଂଗ୍ରେସ ଅର୍ଥାତ ସଂସଦ ପାଖରେ ରହିଛି। ସେହିପରି ଧାରା ୨ ଅନୁଯାୟୀ, ରାଷ୍ଟ୍ରପତି 'କମାଣ୍ଡର ଇନ୍ ଚିଫ୍' ଭାବେ ଦେଶର ସୁରକ୍ଷା ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ, କିନ୍ତୁ ଏହାକୁ ଯୁଦ୍ଧ କୁହାଯାଇପାରିବ ନାହିଁ। ଯଦି ଏହାକୁ ଯୁଦ୍ଧ ବୋଲି ଘୋଷଣା କରନ୍ତି, ତେବେ ତାଙ୍କୁ କଂଗ୍ରେସର ଅନୁମତି ନେବାକୁ ପଡ଼ିବ। ଏବେ ଏହାକୁ ନେଇ ଆମେରିକା ରାଜନୀତିରେ ବିତର୍କ ଆରମ୍ଭ ହୋଇଛି। ୱାର୍ ପାୱାର୍ସ ରିଜୋଲୁସନ (୧୯୭୩) ଅନୁଯାୟୀ, ରାଷ୍ଟ୍ରପତି ସେନା ମୁତୟନ କରିବାର ୪୮ ଘଣ୍ଟା ମଧ୍ୟରେ କଂଗ୍ରେସକୁ ରିପୋର୍ଟ ଦେବା ଆବଶ୍ୟକ। ଯଦି ୬୦ ଦିନ ମଧ୍ୟରେ କଂଗ୍ରେସ ଏହାକୁ ଅନୁମୋଦନ ନକରେ, ତେବେ ସେନା ପ୍ରତ୍ୟାହାର କରିବାକୁ ପଡ଼ିବ। ବିରୋଧୀ ଡେମୋକ୍ରାଟ୍ ନେତାମାନେ ଏହାକୁ ଏକ 'ବେଆଇନ୍ ଶାସନ ପରିବର୍ତ୍ତନର ଯୁଦ୍ଧ' କହୁଥିବା ବେଳେ, ଟ୍ରମ୍ପ ପ୍ରଶାସନ ଏହାକୁ ଆତ୍ମରକ୍ଷା ଏବଂ ଆସନ୍ନ ବିପଦର ମୁକାବିଲା ବୋଲି ଦର୍ଶାଉଛି। ସୂଚନାଯୋଗ୍ୟ ଯେ, ଆମେରିକା ଶେଷଥର ପାଇଁ ୧୯୪୨ରେ ଅର୍ଥାତ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅନୁଷ୍ଠାନିକ ଭାବେ ଯୁଦ୍ଧ ଘୋଷଣା କରିଥିଲା। ଏହାପରଠାରୁ କୋରିଆ, ଆଫଗାନିସ୍ତାନ କିମ୍ବା ଇରାକ ଅଭିଯାନକୁ ସରକାରୀସ୍ତରରେ ଯୁଦ୍ଧ ନୁହେଁ, ବରଂ ସାମରିକ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଇଛି। ଟ୍ରମ୍ପ ଏହି ସଂଘର୍ଷକୁ ଯୁଦ୍ଧ ନ କହି କେବଳ ସାମରିକ ଅଭିଯାନ କହୁଛନ୍ତି। ଯାହାଫଳରେ ତାଙ୍କୁ କଂଗ୍ରେସର କଠୋର ନିୟମାବଳୀର ସାମ୍ନା କରିବାକୁ ପଡ଼ିବ ନାହିଁ।

# ଟ୍ରମ୍ପଙ୍କ ପାଗଳାମି: ୧୨ ମାସରେ ୭ ଦେଶ ଉପରେ ଆକ୍ରମଣ

ୱାସିଂଟନ, ୨।୩ (ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତାର କାରଣ ପାଲଟି ଯାଇଛନ୍ତି। ଗୋଟିଏ ପରେ ଗୋଟିଏ ଆଶା ପୂରଣ ନ ହେବା ପରେ ଟ୍ରମ୍ପ ପାଗଳପ୍ରାୟ ହୋଇଯାଇଛନ୍ତି। ନୋବେଲ ଶାନ୍ତି ନ ପାଇ ଟ୍ରମ୍ପ ଅଶାନ୍ତ ହୋଇ ଯାଇଛନ୍ତି। ତାଙ୍କର ଏହି ଅଶାନ୍ତି ବିଶ୍ୱର ଶାନ୍ତିକୁ ଭଙ୍ଗ କରିଦେଇଛି। ସେ ଯାହା କହୁଛନ୍ତି ତାହାର ବିପରୀତ କରୁଛନ୍ତି। ନିଜ ପ୍ରତିଶ୍ରୁତି ବି ପାଳନ କରୁନାହାନ୍ତି। ମାତ୍ର କ୍ଷମତା ଦଖଲ ନିଶା ତାଙ୍କୁ ଘାରିଛି। ଶାନ୍ତି ନ ପାଇଁ ଏବେ କ୍ରୁର ଶାସକ ହୋଇ ଯାଇଛନ୍ତି। ସେ ୧୨ ମାସ ମଧ୍ୟରେ ୭ ଦେଶ ଉପରେ ଆକ୍ରମଣ କଲେଣି।

ଟ୍ରମ୍ପ ଯାହା କରିଛନ୍ତି ତାହା ଆଧୁନିକ ଆମେରିକାର



ଇତିହାସରେ ଅନ୍ୟ କୌଣସି ରାଷ୍ଟ୍ରପତି କରି ନ ଥିଲେ। ଏତେ ସଂଖ୍ୟକ ଦେଶ ଉପରେ ସାମରିକ ଆକ୍ରମଣ କରି ନ ଥିଲେ। ନିଜକୁ ଜଣେ ଯୁଦ୍ଧ ବିରୋଧୀ ନେତା ଭାବେ ଉପସ୍ଥାପିତ କରି ନିର୍ବାଚନ ଜିତିଥିବା ଟ୍ରମ୍ପ ୨୦୨୫ରେ ଆମେରିକାର ସାମରିକ ରଣନୀତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲେ। ଟ୍ରମ୍ପଙ୍କ ନିର୍ଦ୍ଦେଶରେ ୭ଟି ଦେଶ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଥିମଧ୍ୟରୁ ଇରାନ, ନାଇଜେରିଆ ଏବଂ ଭେନେଜୁଏଲା ଭଳି ତିନୋଟି ଦେଶ ସାମିଲ ରହିଛି। ଏହି ସବୁ ଦେଶରେ ଆମେରିକା ପୂର୍ବରୁ କେବେ ବି ସାମରିକ ଆକ୍ରମଣ କରି ନ ଥିଲା। ପୂର୍ବତନ ରାଷ୍ଟ୍ରପତି ବାଇଡେନ ନିଜର ଚାରି ବର୍ଷର କାର୍ଯ୍ୟକାଳ ମଧ୍ୟରେ ଯେତିକି ଏୟାର ଷ୍ଟ୍ରାଇକ ପାଇଁ ଅନୁମତି ଦେଇ ନଥିଲେ, ତା'ଠାରୁ ଅଧିକ ଆକ୍ରମଣ ପାଇଁ ଟ୍ରମ୍ପ କେବଳ ୨୦୨୫ ରେ କରିଥିଲେ।

ନିର୍ବାଚନ ପ୍ରଚାର ସମୟରେ ଆମେରିକାକୁ କୌଣସି ନୂଆ ଯୁଦ୍ଧରେ ଜଡ଼ିତ କରିବେ ନାହିଁ ବୋଲି ଟ୍ରମ୍ପ କହିଥିଲେ। ହେଲେ ତାର ଓଲଟା କରିଥିଲେ। ହ୍ୱାଇଟ୍ ହାଉସ ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ଦର୍ଶାଇ କହିଛି ଯେ ଟ୍ରମ୍ପ ପ୍ରଥମେ କୂଟନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତି। ଶାନ୍ତିର ମାର୍ଗ ବନ୍ଦ ହେବା ପରେ ଶକ୍ତି ପ୍ରୟୋଗ କରନ୍ତି। ପ୍ରଚଣ୍ଡ ଶକ୍ତି ପ୍ରଦର୍ଶନ ହିଁ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାର ଏକମାତ୍ର ରାସ୍ତା।

## ପ୍ରାର୍ଥୀଙ୍କ ସଂଖ୍ୟାକୁ ନେଇ ବିଜେପିରେ ସସ୍‌ପେନ୍ସ

# ୩ ପ୍ରାର୍ଥୀ ଦେବ ବିଜେପି!

ଭୁବନେଶ୍ୱର,୨।୩(ସମିସ): ଆସନ୍ତା ରାଜ୍ୟସଭା ନିର୍ବାଚନରେ ବିଜେପି କେତେଜଣ ପ୍ରାର୍ଥୀ ଦେବ ଓ କାହାକୁ ପ୍ରାର୍ଥୀ କରିବ ତାହା ଏଯାଏ ଛିଡ଼ୁନାହିଁ। ଦଳ ନିକଟରେ ୨ଟି ଆସନରେ ଜିତିବାର କ୍ଷମତା ରହିଛି, ଏହାବ୍ୟତୀତ ଆଉ୨୦ଟି ପ୍ରଥମ ପ୍ରସନ୍ଦ ଭୋଟ ବଳକା ରହିଛି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଦଳୀୟ ବୈଠକରେ ଦଳ ୩ ଜଣ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୋଇଥିବା କୁହାଯାଉଛି। ତେବେ ରାଜନୈତିକ ହଟଚମଟ ପାଇଁ ୪ର୍ଥ ଆସନରେ ବଳିବୋଦା ହେବାକୁ ଜଣେ ବ୍ୟକ୍ତିଙ୍କୁ ଦଳ ଖୋଜୁଥିବା ମଧ୍ୟ ଆଲୋଚନା ହେଉଛି।

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଦଳର ବିଧାୟକମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ସମସ୍ତ ବିଧାୟକମାନେ ଉପସ୍ଥିତ ଥିଲେ ଓ ସେମାନଙ୍କଠାରୁ ନାମାଙ୍କନ ଫର୍ମରେ ପ୍ରସ୍ତାବକ ଓ ସମର୍ଥକ ରୂପେ ଆଗୁଆ ଦସ୍ତଖତ ସଂଗ୍ରହ କରାଯାଇଛି। ଦଳର ସଂସଦୀୟ ବୋର୍ଡ ଯାହା ନିଷ୍ପତ୍ତି ନେବ, ତାହାକୁ ସାଦରେ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୫ ତାରିଖରେ ବିଜେପିର ପ୍ରାର୍ଥୀମାନେ ନାମାଙ୍କନ କରିବାକୁ ଥିବାବେଳେ ସମସ୍ତ ବିଧାୟକ ଏହି ଅବସରରେ ଉପସ୍ଥିତ ରହିବାକୁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

- ନାମାଙ୍କନ ଫର୍ମରେ ସ୍ୱାକ୍ଷର କଲେ ପ୍ରସ୍ତାବକ ଓ ସମର୍ଥକ ବିଧାୟକ
- ୫ରେ ପ୍ରାର୍ଥୀ କରିବେ ନାମାଙ୍କନ, ଉପସ୍ଥିତ ରହିବେ ସବୁ ବିଧାୟକ

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଏବଂ ବିଧାୟକମାନେ ଉପସ୍ଥିତ ଥିଲେ। ଆଗାମୀ ରାଜ୍ୟସଭା ନିର୍ବାଚନ ଏବଂ ଦଳୀୟ ରଣନୀତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ଏଯାବତ୍ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନ ଥିଲେ ହେଁ ସଂସଦୀୟ ବୋର୍ଡର ନିଷ୍ପତ୍ତି ସର୍ବମାନ୍ୟ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ତେବେ ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଚତୁର୍ଥ ଆସନ ପାଇଁ କମନ କ୍ୟାଣ୍ଡିଡେଟ ଭାବରେ ଘୋଷଣା କରାଯାଇଥିବାରୁ ବିଜେପି ଚତୁର୍ଥ ଆସନରେ ପ୍ରାର୍ଥୀ ଦେବ କି ନାହିଁ, ସେନେଇ ଦଳର ନେତାମାନେ ଏଯାଏ ସନ୍ଦେହରେ ଅଛନ୍ତି। ଏହା ସତ୍ତ୍ୱେ ଦଳ ୩ଟି ଆସନରେ ପ୍ରାର୍ଥୀ ଦେବ ଓ ଆବଶ୍ୟକ ପଡ଼ିଲେ ଦଳ ସବୁ ୪ଟି ଆସନରେ ପ୍ରାର୍ଥୀ ଦେଇପାରେ ବୋଲି କୁହାଯାଉଛି। ଯଦି ଏହା ବାସ୍ତବ ରୂପ ନିଏ, ତେବେ ଆଗାମୀ ଦିନରେ ରାଜ୍ୟସଭା ଲଢ଼େଇ ରୋଚକ ହେବା ନେଇ ନିଶ୍ଚିତ ହୋଇଯାଇଛି।

### ୫ ବିଜେପି ବିଧାୟକ ନେଲେ ୧୬ ସେଟ୍ ନାମାଙ୍କନପତ୍ର

ଭୁବନେଶ୍ୱର,୨।୩(ସମିସ): ଆସନ୍ତା ରାଜ୍ୟସଭା ନିର୍ବାଚନ ପାଇଁ ସୋମବାର ନାମାଙ୍କନ ପତ୍ର ଗ୍ରହଣ କରିଛି ବିଜେପି। ବିଜେପିର ୫ ଜଣ ବିଧାୟକ ଆଜି ନିର୍ବାଚନ ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରୁ ୧୬ ସେଟ୍ ଫର୍ମ ଗ୍ରହଣ କରିଛନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ଆଶ୍ରିତ ପଟ୍ଟନାୟକ, ରଘୁନାଥ ଜଗଦଲା, ପ୍ରତାପ ଚନ୍ଦ୍ର ନାୟକ ଓ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଏହି ନାମାଙ୍କନ ପତ୍ର ଗ୍ରହଣ କରିଛନ୍ତି । ଦଳ ତରଫରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁନ୍ଦରଗଡ଼ ଜିଲ୍ଲାର ବିଜେପି ନେତ୍ରୀ ପୂର୍ଣ୍ଣିମା କେର୍କେଟାଙ୍କ ପ୍ରାର୍ଥିତ୍ୱ ପ୍ରାୟ ଚୂଡ଼ାନ୍ତ ବୋଲି କୁହାଯାଉଛି। ତେବେ ତୃତୀୟ ଆସନରେ ସୁଜିତ କୁମାର ବା ସମୀର ମହାନ୍ତିଙ୍କୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଚାଲିଛି। ସେହିପରି ଜାତୀୟସ୍ତରରୁ ଜଣେ ବିଜେପି ନେତାଙ୍କୁ ସୁଯୋଗ ମିଳିପାରେ ବୋଲି କୁହାଯାଉଛି।

## ମେଣ୍ଢାପୋଡ଼ି ନୀତି ସମ୍ପନ୍ନ

# ଆଜି ମହାପ୍ରଭୁଙ୍କ ସୁନାବେଶ



ପୁରୀ, ୨।୩(ସମିସ): ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ସୋମବାର ମହାପ୍ରଭୁଙ୍କ ଅଗ୍ନି ଉତ୍ସବ ବା ମେଣ୍ଢାପୋଡ଼ି ନୀତି ସମ୍ପନ୍ନ ହୋଇଛି। ମଙ୍ଗଳବାର ପବିତ୍ର ଦୋଳପୂର୍ଣ୍ଣିମା। ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧା ବିଗ୍ରହଙ୍କ ଦୁର୍ଲଭ ସୁନାବେଶ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିରରେ ହଜାରହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସୋମବାର ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ତିନିବାଡ଼ରେ ମଇଲମ ହୋଇଥିଲା। ପାଳିଆ ମେକାପ ଭଣ୍ଡାର ଘରୁ ଚନ୍ଦନ ବିଜେ କରାଇବା ପରେ ପୁଷ୍ପାଳକ ସେବକ ସର୍ବାଙ୍ଗ ଲାଗି କରାଇଥିଲେ। ଏହାପରେ ଚାଚେରୀ ବେଶ ନିମନ୍ତେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣୀ ଘରେ ପଡ଼ିଥିବା ଖଟଶେଯ ଉପରକୁ ବିଜେ କରିଥିଲେ। ତିନିବାଡ଼ରେ ଚାଚେରୀ ବେଶ ବଢ଼ି ମାଳଫୁଲ ଏବଂ କର୍ପୂର ଲାଗି ହୋଇଥିଲା। ପାଳିଆ ପଡ଼ିଆରୀ ଚାଚେରୀ ଭୋଗ ଡାକି ଯାଇଥିଲେ। ଚାଚେରୀ ଭୋଗ ଉଠିଲା ପରେ ଦକ୍ଷିଣୀଘର ଭୋଗ ସରି ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଭିତରକୁ ବିଜେ କରିଥିଲେ। ଏହାପରେ ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ପଣ୍ଡା ପଞ୍ଚୋପଚାରରେ ଭୋଗ କରିଥିଲେ। ପଣ୍ଡା, ପତି, ମୁଦିରସ୍ତ ଘଟୁଆରି ଘରଠାରୁ ଘଣ୍ଟ, ଛତା, କାହାଳି ସହ ଚନ୍ଦନ, ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗ ଲାଗି କରାଇଥିଲେ। ସିଂହାସନ ତଳେ ମୁଦିରସ୍ତ ତିନିବାଡ଼ରେ ଝିମିରି ଫଗୁ ଅଞ୍ଜଳି କରିବା ସହ ଶ୍ରୀଅଙ୍ଗରେ ଚନ୍ଦନ ଫଗୁମଣି ଲାଗି କରିଥିଲେ। ପଣ୍ଡା ଆଜ୍ଞାମାଳ ଦେଲା ପରେ ମହାଜନେ ଠାକୁରଙ୍କୁ ହାତରେ ଜୟବିଜୟ ଦ୍ୱାର, ମୁକ୍ତିମଣ୍ଡପ ଦେଇ ଲକ୍ଷ୍ମୀ ମନ୍ଦିରଠାରେ ପଲଙ୍କରେ ବିଜେ କରାଇଥିଲେ। ପରେ ଲକ୍ଷ୍ମୀନାରାୟଣଙ୍କ ହୋରି ଫଗୁଖେଳ ହୋଇଥିଲା। ପ୍ରସାଦ ଲାଗି ହୋଇ ବନ୍ଦାପନା ପରେ ମହାଜନେ ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀଙ୍କୁ ପଲଙ୍କରୁ ଆଣି ବିମାନରେ ବିଜେ କରାଇଥିଲେ। ବିମାନରେ ଠାକୁର ସିଂହଦ୍ୱାର ଦେଇ ଦୋଳବେଦୀସ୍ଥିତ ଅଗ୍ନି ଉତ୍ସବକୁ ବିଜେ କରିଥିଲେ। ସେଠାରେ ପୂଜାପଣ୍ଡା ସାମନ୍ତ ହୋମ କରିଥିଲେ। ହୋମ ବଢ଼ିବା ପରେ ପ୍ରସାଦ ଲାଗି ଏବଂ ଶୀତଳ ଭୋଗ ମଣୋହି ହୋଇ ଚାମର ଆଲଟ ହୋଇଥିଲା। ଏହାପରେ ଅଗ୍ନି ଘରେ ନିଆଁ ଲଗାଯାଇଥିଲା। ଅଗ୍ନିଘର ଚତୁଃପାର୍ଶ୍ୱରେ ଠାକୁର ବିମାନରେ ସାତଥର ପ୍ରଦକ୍ଷିଣ କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ଅନ୍ୟପକ୍ଷରେ, ଦୋଳ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ମଙ୍ଗଳବାର ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିକାନ୍ତି ନିର୍ଘଣ୍ଟ କରାଯାଇଛି। ଗ୍ରହଣ ଲାଗିବା ପରେ ମହାପ୍ରଭୁଙ୍କର ମଇଲମ ଓ ଗ୍ରହଣ ମହାସ୍ନାନ ନୀତି କରାଯିବ। ପରେ ଅନ୍ୟାନ୍ୟ ନୀତି ପରେ ସନ୍ଧ୍ୟା ସାଢ଼େ ୬ଟାରେ ଗ୍ରହଣ ଭୋଗ ହେବ। ୭ଟାରେ ମଇଲମ ପରେ ରାତି ୮ରୁ ସାଢ଼େ ୯ଟା ମଧ୍ୟରେ ମହାପ୍ରଭୁଙ୍କ ସୁନାବେଶ ବା ରାଜାଧିରାଜ ବେଶ ଅନୁଷ୍ଠିତ କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି।

# ସରିଲା ମାଟ୍ରିକ୍ ପରୀକ୍ଷା



କଟକ, ୨।୩ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ସୋମବାର ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ରାଜ୍ୟର ମୋଟ ୩,୦୮୨ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଫେବୃଆରୀ ୧୯ରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ଯାଏଁ ଚାଲିଥିଲା। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ସୂଚନା ଅନୁସାରେ, କେତେକ ସାମାନ୍ୟ ଘଟଣାକୁ ବାଦ୍ ଦେଲେ ପରୀକ୍ଷା ସମ୍ପୂର୍ଣ୍ଣ ସୁରୁଖୁରୁରେ ଶେଷ ହୋଇଛି। ଏଥର ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀ କପି ବା ଅସାଧୁ ଉପାୟ ଅବଲମ୍ବନ କରିନଥିବା ଜଣାପଡ଼ିଛି। ବର୍ତ୍ତମାନ ଓଏମ୍‌ଆର୍ ସିଟ୍ ମୂଲ୍ୟାୟନ ଜାରି ରହିଥିବା ବେଳେ ଆସନ୍ତା ୧୯ ତାରିଖରୁ ସବଜେକ୍ଟିଭ ପେପର୍ ମୂଲ୍ୟାଙ୍କନ କରାଯିବ। ଏଥିପାଇଁ ୫୨ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ମୂଲ୍ୟାୟନ ପ୍ରକ୍ରିୟାରେ ପ୍ରାୟ ୧୫ ହଜାର ଶିକ୍ଷକଙ୍କୁ ନିୟୋଜିତ କରାଯିବ। ସେହିଭଳି ମେ' ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ରେକର୍ଡ ସଂଖ୍ୟକ ୩୯୯୯ ଜଣ ଭିନ୍ନକ୍ଷମ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ଏଥର ୫ଲକ୍ଷରୁ ଅଧିକ ପରୀକ୍ଷା ଦେଇଥିବା ବେଳେ ପ୍ରାୟ ୧୨ହଜାର ଛାତ୍ରଛାତ୍ରୀ ଫର୍ମପୂରଣ କରିଥିଲେ ମଧ୍ୟ ପରୀକ୍ଷା ଦେଇନାହାନ୍ତି। ଚଳିତବର୍ଷ କେନ୍ଦ୍ରୀୟକମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ଲାଇଭ୍ ସର୍ଭେଲାନ୍ସ ମାଧ୍ୟମରେ ପରୀକ୍ଷାର କଡ଼ା ନଜର ରଖାଯାଇଥିଲା। ପରୀକ୍ଷା ପ୍ରଶ୍ନପତ୍ରରେ କ୍ୟୁଆର କୋଡ୍, ୱାଟର୍‌ମାର୍କ ଏବଂ ଏଆଇ-ଇଣ୍ଟିଗ୍ରେଟେଡ୍ ମନିଟରିଂ ଭଳି ଆଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ନୂତନ ଜ୍ଞାନକୌଶଳ ଯୋଗୁଁ ପରୀକ୍ଷା ପରିଚାଳନା ଅଧିକ ସ୍ୱଚ୍ଛ ଏବଂ ସହଜ ହୋଇପାରିଛି ବୋଲି ବୋର୍ଡ ସୂତ୍ରରୁ ଜଣାପଡ଼ିଛି।

**ମେ' ଦ୍ୱିତୀୟ ସପ୍ତାହରେ ପରୀକ୍ଷା ଫଳ**

## ମନରେଗାରେ ମିଳୁନି ପାରିଶ୍ରମିକ

# ଅଢ଼େଇ ମାସ ହେଲା ପ୍ରାପ୍ୟ ଅପେକ୍ଷାରେ ୨୭ ଲକ୍ଷ ଶ୍ରମିକ

ଭୁବନେଶ୍ୱର, ୨।୩(ସମିସ): ମନରେଗା ଯୋଜନାର ନାମ ପରିବର୍ତ୍ତନ ପରେ ଶ୍ରମିକଙ୍କୁ ପାରିଶ୍ରମିକ ମିଳୁନି। କାମ କରିଥିବା ଶ୍ରମିକମାନେ ଦୀର୍ଘ ଅଢ଼େଇ ମାସ ହେବ ପାଉଣା ଅପେକ୍ଷାରେ ରହିଛନ୍ତି। ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କୁ ଗୁହାରି କରୁଥିଲେ ମଧ୍ୟ ସମସ୍ତେ ହାତ ଟେକି ଦେଉଛନ୍ତି। ଫଳରେ ଶ୍ରମିକମାନେ ଆନ୍ଦୋଳନ ମୁହାଁ ହୋଇଛନ୍ତି।

ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ପ୍ରାୟ ୧ କୋଟି ୮୯ ଲକ୍ଷ ୨୯ ହଜାରରୁ ଅଧିକ ଶ୍ରମିକ ମନରେଗା ଯୋଜନାରେ କାର୍ଯ୍ୟ କରିଛନ୍ତି। ତନ୍ମଧ୍ୟରୁ ୧ କୋଟି ୬୧ ଲକ୍ଷ ୬୭ ହଜାର ୩୫୮ ଶ୍ରମିକଙ୍କୁ ପାଉଣା ପ୍ରଦାନ କରାଯାଇଛି। ମାତ୍ର ଆହୁରି ୨୭ ଲକ୍ଷ ୬୨ ହଜାର ୨୯୧ ଜଣ ଶ୍ରମିକଙ୍କୁ ଏବେଯାଏଁ ପାରିଶ୍ରମିକ ମିଳିନାହିଁ। ଏଫ୍‌ଟିଓ ଜେନେରେଟ୍ ହୋଇ ନଥିବା ଆହୁରି ଅନେକ ଶ୍ରମିକ ପାଉଣା ଅପେକ୍ଷାରେ ରହିଛନ୍ତି। ଗତ ଡିସେମ୍ବର ୧୫ ତାରିଖ ଠାରୁ କାମ କରିଥିବା ଶ୍ରମିକଙ୍କୁ ଆଉ ମଜୁରି ମିଳିନାହିଁ। କେବେ ମିଳିବ ସେ ନେଇ ମଧ୍ୟ ପଞ୍ଚାୟତ ଠାରୁ ବ୍ଲକ୍ ସ୍ତରୀୟ ଅଧିକାରୀମାନେ କୌଣସି ସ୍ପଷ୍ଟ ଉତ୍ତର ଦେଇପାରୁ ନାହାନ୍ତି। ଫଳରେ ଶ୍ରମିକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଦିନରେ କାମ କଲେ ସଞ୍ଜରେ ଚୁଲି ଜଳୁଥିବା ପରିବାର ଏବେ ମନରେଗାରେ କାମ କରି ନିଜ ଭାଗ୍ୟକୁ ନିନ୍ଦୁଛନ୍ତି। ସରକାର ସେମାନଙ୍କୁ କାମ ଦେବ କହି ସଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ କରୁନଥିବାରୁ ହିନସ୍ତା ହେଉଛନ୍ତି। ଦୁଇଓଳି ଖାଇବା ପାଇଁ ଅନ୍ୟ ପାଖରେ ହାତ ପତାଉଥିବା ଅଭିଯୋଗ ହୋଇଛି।

- ନାମ ପରିବର୍ତ୍ତନ ପରେ ବାଟ ହୁଡ଼ିଛି ଯୋଜନା
- ଦାଦନ ଯିବାକୁ ବାଧ୍ୟ କରୁଛି ବ୍ୟବସ୍ଥା

ରାଜ୍ୟରେ ଦାଦନ ସମସ୍ୟା ଉତ୍କଟ ରୂପ ଧାରଣ କରୁଥିବାବେଳେ ମନରେଗା ଯୋଜନାକୁ ସରକାର ଅଧିକ ବ୍ୟାପକ କରିଥିଲେ। ଘର ଛାଡ଼ି ବାହାରେ ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ପରିବାରକୁ ନିଜ ପଞ୍ଚାୟତରେ ମାସିକ ଶହେ ଦିନ କାମ ଯୋଗାଇ ଦେଉଛନ୍ତି। ମନରେଗା ଯୋଜନାର ନାମ ପରିବର୍ତ୍ତନ କରି ବିକଶିତ ଭାରତ ନିଶ୍ଚିତ ରୋଜଗାର ଓ ଆଜୀବିକା ମିସନ (ଗ୍ରାମୀଣ) ବା 'ଭିବି-ଜି ରାମ ଜି' କରି କର୍ମ ନିଯୋଜନ ଦିବସକୁ ଆଉ ୨୫ ଦିନ ବଢ଼ାଇଛନ୍ତି।

ମାତ୍ର କାମ କରୁଥିବା ଶ୍ରମିକମାନଙ୍କୁ ସଠିକ୍ ସମୟରେ ପାରିଶ୍ରମିକ ମିଳୁ ନଥିବାରୁ ବହୁ ଶ୍ରମିକ ଏହି ଯୋଜନାରୁ ମୁହଁ ଫେରାଉଛନ୍ତି। କାମ କରି ପ୍ରାପ୍ୟ ନ ପାଇବା ଠାରୁ ଦାଦନ ଯିବାକୁ ଶ୍ରେୟ ମଣୁଛନ୍ତି। ଫଳରେ ସରକାରଙ୍କ ଏହି ଯୋଜନା ଏକପ୍ରକାର ବାଟବଣା ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ଉପା ସରକାର ଅମଳରେ ୨୦୦୫ରେ ଆସିଥିବା ଲୋକପ୍ରିୟ "ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଏବେ ଅସ୍ତିତ୍ୱ ହରାଇବା ଦ୍ୱାରରେ ଉପନୀତ ହୋଇଛି। ଦୁଇ ଦଶନ୍ଧି ଧରି ଦେଶର ଗ୍ରାମୀଣ ପରିବାର ଲାଗି ରୋଜଗାରର ମାଧ୍ୟମ ପାଲଟିଥିବା ଏହି ଯୋଜନା ଲୋକଙ୍କ ପାଇଁ କାଳ ହେଉଛି।

# 'ଶିକ୍ଷକତା ଭଳି ମହାନ ବୃତ୍ତିରେ ଦାୟିତ୍ୱହୀନତା ଗ୍ରହଣୀୟ ନୁହେଁ'

**୭ ବର୍ଷ ଧରି ଅନୁପସ୍ଥିତ ଶିକ୍ଷୟିତ୍ରୀଙ୍କ ଆବେଦନ ଖାରଜ କଲେ ହାଇକୋର୍ଟ**

କଟକ, ୨।୩ (ସମିସ): କାର୍ଯ୍ୟରେ ଦୀର୍ଘ ଦିନ ଧରି ଅନୁପସ୍ଥିତି ଏବଂ ନିଜର କର୍ତ୍ତବ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରିଥିବା ଜଣେ ଶିକ୍ଷୟିତ୍ରୀଙ୍କ ଆବେଦନକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ଶିକ୍ଷା ସହାୟିକା ଭାବେ ନିଯୁକ୍ତି ପାଇ ପରେ ବହିଷ୍କୃତ ହୋଇଥିବା ଆବେଦନକାରୀ ସୁଚିତ୍ରା ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କୃଷ୍ଣାଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଶିକ୍ଷକତା ବୃତ୍ତିର ଗାରିମା ଏବଂ ଦାୟିତ୍ୱବୋଧ ଉପରେ କଠୋର୍ ଟିପ୍ପଣୀ କରିଛନ୍ତି। ଶିକ୍ଷକମାନେ ହେଉଛନ୍ତି, ଦେଶର ନିର୍ମାତା। ଶିକ୍ଷକତା ଏକ ମହାନ ବୃତ୍ତି, ଯାହା ଜଣେ ବ୍ୟକ୍ତିର ଚରିତ୍ର ଏବଂ ଭବିଷ୍ୟତ ଗଠନ କରେ। ଶିକ୍ଷୟିତ୍ରୀଜଣଙ୍କ ୭ ବର୍ଷ କାଳ ସ୍କୁଲ ଆସି ନାହାନ୍ତି କିମ୍ବା ପିଲାମାନଙ୍କ ଭବିଷ୍ୟତ କଥା ଚିନ୍ତା କରିନାହାନ୍ତି। ପିଲାମାନଙ୍କ ଯେଉଁ ଅପୂରଣୀୟ ଶିକ୍ଷାଗତ କ୍ଷତି ହୋଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି ହାଇକୋର୍ଟ କହିଛନ୍ତି। ଏପରି ବ୍ୟକ୍ତି ଯିଏ ନିଜର କର୍ତ୍ତବ୍ୟ ପ୍ରତି ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି, ସେ ସମ୍ବିଧାନର ଧାରା ଅନୁଯାୟୀ କୌଣସି ସୁବିଧା ପାଇବାକୁ ଯୋଗ୍ୟ ନୁହନ୍ତି। ଫଳସ୍ୱରୂପ, ଆବେଦନକାରୀଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଗଜପତି ଜିଲ୍ଲା ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟିକା ଭାବେ ନିଯୁକ୍ତ ହୋଇଥିଲେ। ମାତ୍ର ୨୦୧୩ ଜୁନ୍ ୨୦ ତାରିଖଠାରୁ ସେ କୌଣସି ସୂଚନା ନଦେଇ କାର୍ଯ୍ୟରେ ଅନୁପସ୍ଥିତ ରହିଥିଲେ। ପ୍ରାୟ ୭ ବର୍ଷର ଅନୁପସ୍ଥିତି ପରେ ୨୦୨୦ ଅକ୍ଟୋବର ୨୦ରେ ତାଙ୍କୁ ଚାକିରିରୁ ବାହାର କରାଯାଇଥିଲା। ଏହାକୁ ବିରୋଧ କରି ସେ ପ୍ରଥମେ ଜଣିକିଆ ବିଚାରପତିଙ୍କ ଅଦାଲତରେ ମାମଲା ଦାୟର କରିଥିଲେ। ତାଙ୍କୁ ଚାକିରିରୁ ବାହାର କରାଯିବା ଆଦେଶକୁ ଜଣିକିଆ ବିଚାରପତି କଏମ ରଖି ଆବେଦନକୁ ଖାରଜ କରିଥିଲେ। ପରେ ସେ ଏହାକୁ ଦୁଇ ଜଣିଆ ଖଣ୍ଡପୀଠରେ ଚାଲେଞ୍ଜ କରିଥିଲେ। ତେବେ ଅପିଲ୍ ଦାୟର କରିବାରେ ୫୯୨ ଦିନର ଅହେତୁକ ବିଳମ୍ବ ହୋଇଥିଲେ ମଧ୍ୟ ଆବେଦନକାରୀଙ୍କ ପକ୍ଷରୁ କୌଣସି ଯଥାର୍ଥ କାରଣ ଦର୍ଶାଯାଇ ପାରିନଥିଲା।

## ● ରାଜ୍ୟସଭା ନିର୍ବାଚନ

# ବସିଲା କଂଗ୍ରେସ ବିଧାୟକ ଦଳ ବୈଠକ

ଭୁବନେଶ୍ୱର,୨।୩(ସମିସ): ଆସନ୍ତା ରାଜ୍ୟସଭା ନିର୍ବାଚନ ପ୍ରରିପେକ୍ଷୀରେ କଂଗ୍ରେସର ବିଧାୟକ ଦଳ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୱସ୍ତିରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଜେଡି ଦ୍ୱାରା ଘୋଷିତ 'କମନ୍ କ୍ୟାଣ୍ଡିଡେଟ୍' ଡାକ୍ତର ଦତ୍ତେଶ୍ୱର ହୋତା ବୈଠକରେ ଉପସ୍ଥିତ ରହି ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଥିବାରୁ କଂଗ୍ରେସ ବିଧାୟକ ସମେତ ହାଇକମାଣ୍ଡ ଓ ରାଜ୍ୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ସୋମବାର ପ୍ରଥମେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଘରେ ବୈଠକ ଅନୁଷ୍ଠିତ ହେବା ନେଇ ଧାର୍ଯ୍ୟ ହୋଇଥିଲା। ତେବେ କିଛି ନିର୍ଦ୍ଦିଷ୍ଟ କାରଣରୁ ବୈଠକ ସ୍ୱସ୍ତି ପ୍ରିମିୟମରେ ରଖାଯାଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କଂଗ୍ରେସର ୧୨ ଜଣ ବିଧାକ ଉପସ୍ଥିତ ଥିଲେ ହେଁ ବିଧାୟକ ରମେଶ ଜେନା ଓ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ବୈଠକରେ ପହଞ୍ଚି ପାରି ନ ଥିଲେ। ବୈଠକ ପରେ ଡାକ୍ତର ହୋତା କହିଥିଲେ ଯେ ଆଜିର ବୈଠକରେ ମୁଁ କଂଗ୍ରେସର ସଦସ୍ୟମାନଙ୍କୁ ଭେଟିବାର ସୁଯୋଗ ପାଇଲି। ମୋତେ ସୁଯୋଗ ଦେଇଥିବାରୁ କଂଗ୍ରେସର ପ୍ରଭାରୀ, ସହପ୍ରଭାରୀ, ପିସିସି ସଭାପତି, କଂଗ୍ରେସ ବିଧାୟକ ଦଳ ନେତା ଓ ବିଧାୟକମାନଙ୍କୁ କୃତଜ୍ଞତା ଜଣାଉଛି। ମୁଁ ପେସାରେ ଜଣେ ଡାକ୍ତର, ସେବା କରିବା ମୋ ଧର୍ମ ହୋଇଥିବା ବେଳେ ମୋତେ ସୁଯୋଗ ଦେଲେ ରାଜ୍ୟର ସେବା କରିବି। ଜଣେ କମନ କ୍ୟାଣ୍ଡିଡେଟ ଭାବରେ ମୁଁ ସମସ୍ତଙ୍କର ସାହାଯ୍ୟ ଭିକ୍ଷା କରିଛି। ସେହିପରି ଆଜିର ବୈଠକରେ ଅନୁପସ୍ଥିତ ଥିବା କଂଗ୍ରେସର ଅନ୍ୟ ୨ ବିଧାୟକଙ୍କୁ ଭେଟିବି ବୋଲି ସେ କହିଛନ୍ତି। ବୈଠକରେ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ଉପସ୍ଥିତ ଥିଲେ।

- ଡା. ଦତ୍ତେଶ୍ୱର ହୋତା ଲୋଡ଼ିଲେ ସମର୍ଥନ
- ବୈଠକରେ ପହଞ୍ଚିପାରିଲେନି ୨ ବିଧାୟକ

## ବିଶ୍ୱ ବନ୍ୟପ୍ରାଣୀ ଦିବସ ଆଜି

# ବନ୍ୟଜନ୍ତୁ ଶିକାରର ହଟ୍‌ସ୍ପଟ୍ କୁଲଡିହା





ବାଲେଶ୍ୱର, ୨।୩ (ରୁଚିକ ରଞ୍ଜନ ମହାପାତ୍ର): ୨୦୧୩ ମସିହାରେ ଜାତିସଂଘ ସାଧାରଣ ସଭା ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ଘୋଷଣା କରିଥିଲା। ସେବେଠାରୁ ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ସାରା ବିଶ୍ୱ ପାଳୁଛି ବନ୍ୟପ୍ରାଣୀ ଦିବସ। ଏହି ଦିବସ ପାଳନର ଉଦ୍ଦେଶ୍ୟ ଥିଲା, ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ସଚେତନତା ବଢ଼ାଇବା, ଜୈବବିବିଧତା ରକ୍ଷା କରି ପରିବେଶ ସମାନତା ରକ୍ଷା କରିବା, ବନ୍ୟପ୍ରାଣୀ ଶିକାର ଓ ଅବୈଧ ବାଣିଜ୍ୟକୁ ରୋକିବା, ପ୍ରାକୃତିକ ସମ୍ପଦର ବ୍ୟବହାରକୁ ପ୍ରୋତ୍ସାହନ ଦେବା, ଲୋକମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ନେଇ ଦାୟିତ୍ୱବୋଧ ସୃଷ୍ଟି କରିବା ଇତ୍ୟାଦି। ଏପରିସ୍ଥଳେ ବିଶ୍ୱ ବନ୍ୟପ୍ରାଣୀ ଦିବସରେ ଯେତେବେଳେ ସାରା ବିଶ୍ୱ ବନ୍ୟଜନ୍ତୁ ସୁରକ୍ଷା ଓ ପରିବେଶ ସନ୍ତୁଳନକୁ ନେଇ ଆଲୋଚନାରେ ବ୍ୟସ୍ତ, ସେତେବେଳେ ବାଲେଶ୍ୱର ଜିଲ୍ଲାର ତଥ୍ୟ ଅତ୍ୟନ୍ତ ଚିନ୍ତା ଓ ଉଦ୍‌ବେଗଜନକ।

ଜିଲ୍ଲା ବନ ବିଭାଗ ସୂଚନା ମୁତାବକ, ୨୦୨୩-୨୪ରୁ ୨୦୨୫-୨୬ ଗତ ୩ ଆର୍ଥିକ ବର୍ଷ ମଧ୍ୟରେ ଜିଲ୍ଲାର ବିଭିନ୍ନ ବନବିଭାଗ ରେଞ୍ଜରେ ମୋଟ ୧୧୯ଟି ବନ୍ୟଜନ୍ତୁ ଶିକାର ମାମଲା ରୁଜୁ ହୋଇଛି। ଏହି ସବୁ ମାମଲାରେ ୧୫୬ଜଣ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଥିବା ବେଳେ ବିଭିନ୍ନ ଶିକାରୀଙ୍କଠାରୁ ୪୬ଟି ବନ୍ଧୁକ ଜବତ ହୋଇଛି। ଏହି ତଥ୍ୟ ଜଙ୍ଗଲ ଭିତରେ ଚାଲୁଥିବା ଅବୈଧ ଶିକାରର ସ୍ପଷ୍ଟ ଚିତ୍ରକୁ ପଦାକୁ ଆଣିଛି।

ବନବିଭାଗ ତଥ୍ୟ ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ୨୦୨୩-୨୪ରେ ୪୧ଟି ମାମଲା ରୁଜୁ ହୋଇଥିବା ବେଳେ ୩୯ଜଣ ଗିରଫ ହୋଇଥିଲେ। ବିଭିନ୍ନ ଶିକାରୀଙ୍କଠାରୁ ୧୧ଟି ବନ୍ଧୁକ ଜବତ ହୋଇଥିଲା। ସେହିଭଳି ୨୦୨୪-୨୫ରେ ମାମଲା ସଂଖ୍ୟା ୪୨କୁ ଛୁଇଁଥିଲା। ବନ ବିଭାଗ ୩୭ଜଣଙ୍କୁ ଗିରଫ କରିଥିବା ବେଳେ ୬ଟି ବନ୍ଧୁକ ଜବତ ହୋଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୩୬ଟି ମାମଲା ରୁଜୁ ହୋଇଥିବା ବେଳେ ୮୦ଜଣ ଗିରଫ ହୋଇଛନ୍ତି ଏବଂ ସେମାନଙ୍କଠାରୁ ୨୯ଟି ବନ୍ଧୁକ ଜବତ ହୋଇଛି।

- ବାଲେଶ୍ୱରରେ ୩ ବର୍ଷରେ ୧୧୯ ମାମଲା
- ୧୫୬ ଶିକାରୀ ଗିରଫ, ୪୬ ବନ୍ଧୁକ ଜବତ

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚଳିତ ବର୍ଷରେ ଗିରଫ ଓ ବନ୍ଧୁକ ଜବତ ସଂଖ୍ୟାର ହଠାତ୍ ବୃଦ୍ଧି ପାଇଛି। ଏହା ଦୁଇଟି ସମ୍ଭାବନାକୁ ଇଙ୍ଗିତ କରୁଛି; ଗୋଟିଏ ହେଲା ଶିକାରୀଙ୍କ ସକ୍ରିୟତା ବଢ଼ିଛି ଏବଂ ଅନ୍ୟଟି ଚାପରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି କରିଥିବା ଚର୍ଚ୍ଚା ହେଉଛି। ଏହି ତିନି ବର୍ଷର ମଧ୍ୟରେ ସବୁଠାରୁ ଅଧିକ ଚର୍ଚ୍ଚିତ ଓ ପ୍ରଭାବିତ ଅଞ୍ଚଳ ହେଉଛି କୁଲଡିହା ରେଞ୍ଜ। ଏଠାରେ ମୋଟ ୪୦ଟି ମାମଲା ରୁଜୁ ହୋଇ ୧୦୨ଜଣ ଗିରଫ ଓ ୩୫ଟି ବନ୍ଧୁକ ଜବତ ହୋଇଛି। ବିଶେଷକରି ଚଳିତ ବର୍ଷରେ କୁଲଡିହାରେ ୧୬ଟି ମାମଲାରେ ୭୧ ଜଣ ଗିରଫ ଓ ୨୧ଟି ବନ୍ଧୁକ ଜବତ ହେବାରୁ ଏହାକୁ ଶିକାରୀଙ୍କ ହଟସ୍ପଟ ବୋଲି କୁହାଯାଉଛି।

ଅନ୍ୟପଟେ ନୀଳଗିରି, ଜଳେଶ୍ୱର, ସୋର ଓ ଚାନ୍ଦିପୁର ରେଞ୍ଜରେ ମଧ୍ୟ ପ୍ରତିବର୍ଷ ମାମଲା ରୁଜୁ ହେଉଛି। ଯଦିଓ ସେଠାରେ ଅସ୍ତ୍ର ଜବତ ସଂଖ୍ୟା କମ୍। ଅନ୍ୟ ଏକ ତଥ୍ୟ ହେଉଛି, ଏହି ସମୟସୀମାରେ ଅନ୍ୟ ରାଜ୍ୟର କୌଣସି ଅଭିଯୁକ୍ତ ଗିରଫ ହୋଇନାହାନ୍ତି। ଏହାର ଅର୍ଥ, ଅଧିକାଂଶ ଶିକାରୀ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ସକ୍ରିୟ ଓ ସଂଗଠିତ ହୋଇ ଏହି ଜଙ୍ଗଲରେ ଶିକାର ଚଳାଇଛନ୍ତି ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଛି। ଏପରି ସ୍ଥିତିରେ ଜଙ୍ଗଲ ଭିତରେ ନିୟମିତ ପାଟ୍ରୋଲିଂ, ଗୁପ୍ତଚର ଓ ଆଧୁନିକ ନିରୀକ୍ଷଣ ବ୍ୟବସ୍ଥା କେତେଦୂର କାର୍ଯ୍ୟକ୍ଷମ ବୋଲି ପ୍ରଶ୍ନ ଉଠିଛି।

ସେପଟେ, କେବଳ ମାମଲା ରୁଜୁ ଓ ଗିରଫ କରିବା ଦ୍ୱାରା ବନ୍ୟ ଜନ୍ତୁ ଶିକାର କମିବ ତାହା ନୁହେଁ; ଜଙ୍ଗଲରେ ବନ୍ୟଜନ୍ତୁ ସୁରକ୍ଷିତ ରହିବା ପାଇଁ ଗ୍ରାମସ୍ତରରେ ସଚେତନତା, ଯୁବସମାଜକୁ ସୁରକ୍ଷା ଅଭିଯାନରେ ସାମିଲ କରିବା, ରାତିରେ ବିଶେଷ ଭାବେ ପାଟ୍ରୋଲିଂ କଡ଼ାକଡ଼ି କରିବା, ଡ୍ରୋନ ଓ ଟ୍ରାପ୍ କ୍ୟାମେରା ବ୍ୟବହାର ବୃଦ୍ଧି କରିବା ଏବଂ ଦୃଢ଼ ଆଇନ ପ୍ରକ୍ରିୟା ଆବଶ୍ୟକ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

ଏ ସଂପର୍କରେ ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି, ଜଙ୍ଗଲରେ ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ପାଟ୍ରୋଲିଂ କଡ଼ାକଡ଼ି କରାଯାଉଛି। ଚଳିତବର୍ଷ ସର୍ବାଧିକ ଶିକାରୀଙ୍କୁ ବନ ବିଭାଗ ଧରିବା ସହ ଅନ୍ୟ ରାଜ୍ୟକୁ ଯାଇ ମଧ୍ୟ ଶିକାରୀଙ୍କୁ ଧରିବାରେ ସଫଳ ହୋଇଛି। ଆଗାମୀ ଦିନରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ ଗ୍ରହଣ ସହ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି।

# ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ ବିଜୁ ଜୟନ୍ତୀ

ଭୁବନେଶ୍ୱର,୨।୩(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯିବ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜୟନ୍ତୀ ପାଇଁ ମାର୍ଚ୍ଚ ୫ ତାରିଖରେ ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମ ଗୁଡିକ ବିଷୟରେ ରାଜ୍ୟର ସମସ୍ତ ଜିଲ୍ଲା ସଭାପତି ଓ ସମସ୍ତ ନିର୍ବାଚନ ମଣ୍ଡଳୀର ନେତାଙ୍କୁ ବିଜେଡି ପକ୍ଷରୁ ଅବଗତ କରାଯାଇଛି ।

ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା ବିଜୁ ଜୟନ୍ତୀ ଅବସରରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି।

ଶ୍ରୀ ମିଶ୍ରଙ୍କ ସୂଚନା ଅନୁସାରେ ୫ ତାରିଖରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ, ଦେଶାତ୍ମବୋଧ ସଙ୍ଗୀତ ଗାନ କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହାଛଡ଼ା ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜିତ ହେବ। ବିଜେଡି ମୁଖ୍ୟାଳୟରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେଉଁଥିରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ।



# ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗର ଦୁଇ ଗିରଫ



କେନ୍ଦୁଝର, ୨।୩(ସମିସ): କେନ୍ଦୁଝର ସଦର ପୁଲିସ ଏକ ଆନ୍ତଃରାଜ୍ୟ ଅନଲାଇନ ଠକେଇ ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଉଛନ୍ତି କଳ୍ପତରୁ ପଲେଇ (୩୬), ଅଭିନନ୍ଦନ ପୁହାଣ (୩୦)। କେନ୍ଦୁଝର ସଦର ଥାନା ଇନ୍ସପେକ୍ଟର ଅମିତ ଭୂୟାଁ ସୂଚନା ଦେଇଛନ୍ତି ଯେ ଅଭିଯୁକ୍ତମାନେ ବିଭିନ୍ନ ରାଜ୍ୟରେ ସାଇବର ଠକେଇ ମାଧ୍ୟମରେ ଅର୍ଜନ କରାଯାଇଥିବା ଠକେଇ ଟଙ୍କାକୁ ଚାଲାଣ କରିବା ପାଇଁ ବ୍ୟବହୃତ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରୁଥିଲେ। ଆର୍ଥିକ ବିଶ୍ଳେଷଣ କରାଯିବାରୁ ଏପର୍ଯ୍ୟନ୍ତ ୩୯ଟି ଅନଲାଇନ୍ ଠକେଇ ଅଭିଯୋଗ ସହିତ ଜଡିତ ଦୁଇଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରାୟ ୪ କୋଟି ୯ ୭ ଲକ୍ଷ ଟଙ୍କାର ସନ୍ଦେହଜନକ କାରବାର ଚିହ୍ନଟ କରିଛି। ଅଭିଯୁକ୍ତଙ୍କୁ ରବିବାର ଗିରଫ କରାଯାଇ କୋର୍ଟକୁ ପଠାଯାଇଥିଲା। ସମ୍ପୃକ୍ତ ଅନ୍ୟ ସହଯୋଗୀ ଏବଂ ଅତିରିକ୍ତ ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। ସାଇବର ଠକେଇ ବିରୋଧରେ ସତର୍କ ରହିବାକୁ ଏବଂ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ କିମ୍ବା ନିକଟତମ ପୁଲିସ ଷ୍ଟେସନ ମାଧ୍ୟମରେ ଘଟଣାଗୁଡ଼ିକ ତୁରନ୍ତ ରିପୋର୍ଟ କରିବା ପାଇଁ ଶ୍ରୀ ଭୂୟାଁ ନିବେଦନ କରିଛନ୍ତି।

# ବୋଲେରୋ ଓଲଟି ୨୦ରୁ ଅଧିକ ଆହତ



ତେଲକୋଇ, ୨।୩(ସମିସ): ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ବାରହା ଦେବତା ଛକ ରେ ଏକ ବୋଲେରୋ କ୍ୟାମ୍ପର ଓଲଟି ୨୦ ଜଣରୁ ଅଧିକ ଯାତ୍ରୀ ଗୁରୁତର ହୋଇଥିବା ଜଣାପଡ଼ିଛି। ସମସ୍ତ ଗୁରୁତର ସୁନ୍ଦରଗଡ଼ ଜିଲ୍ଲା ରାଜାମୁଣ୍ଡା ଥାନା ସରେଇକଳା ଗ୍ରାମର ହୋଇଥିବା ସୂଚନା ରହିଛି। ସମସ୍ତ ଗୁରୁତର ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ, ସରେଇକଳା ଗ୍ରାମର ୨୫ ରୁ ଅଧିକ ପୁରୁଷ ଓ ମହିଳା ବିବାହ କାର୍ଯ୍ୟରେ ତେଲକୋଇ ଥାନା ବାରହା ଦେବତା ଗ୍ରାମକୁ ଏକ ବୋଲେରୋ କ୍ୟାମ୍ପର ଗାଡ଼ିରେ ଆସୁଥିଲେ। ବାରହା ଦେବତା ଛକ ବୁଲଣି ରେ ଗାଡି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଗାଡ଼ିରେ ଥିବା ଯାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତ ଯାତ୍ରୀଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଗୁରୁତରଙ୍କ ମଧ୍ୟରେ ଶିଶୁ ଥିବା ମଧ୍ୟ ଜଣାପଡ଼ିଛି।

# ବନ୍ଧଗ୍ରାମରେ ଶ୍ରୀମହାବୀର ନାଇଟ୍ କ୍ରିକେଟ




ଆନନ୍ଦପୁର, ୨।୩ (ସମିସ):

ଆନନ୍ଦପୁର ବ୍ଲକ ଧକୋଠା ବନ୍ଧଗ୍ରାମରେ ଶ୍ରୀ ମହାବୀର ହନୁମାନ କ୍ଲବ୍‌ର ପ୍ରଥମ ବାର୍ଷିକ ଦିନିକିଆ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳରୁ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ରଙ୍ଗମାଟିଆ ଟିମକୁ ହରାଇ କବିତ୍ରା ଏକାଦଶ ବିଜୟୀ ହେଇଥିଲା। ଖେଳର ମୁଖ୍ୟ ପରିଚାଳକ ସୁନନ୍ଦ କୁମାର ପାତ୍ରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ତିଷ୍ଟି ପାତ୍ର ଓ କପିନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଅମ୍ପାୟାର ଭାବେ ସୁଶାନ୍ତ ପଣ୍ଡା ଓ ବିଜୟ ବାବୁ ଖେଳ ପରି ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱରେ ସୁବାସ ଖିଲାର ସହିତ ବିକାଶ ପାତ୍ର ରହିଥିଲା ବେଳେ ଅଜୟ ବେଜ, ମାଇକେଲ ଡେବିଶ ବେଜ ଧାରା ବିବରଣୀ ଦେଇଥିଲେ। କ୍ଲବ୍‌ର ସମସ୍ତ ସହଯୋଗୀ ସଦସ୍ୟ ସାମିଲ ଥିଲେ।

## ଆନନ୍ଦପୁର ବ୍ୟାରେଜ୍ ରାସ୍ତା ଶୋଚନୀୟ

# ଟେଣ୍ଡରର ପ୍ରକ୍ରିୟାରେ ଅଂଶଗ୍ରହଣ କରୁନାହାନ୍ତି ଠିକାଦାର

ଆନନ୍ଦପୁର, ୩।୨ (ସମିସ): ଆନନ୍ଦପୁର ବ୍ୟାରେଜ୍ ନିର୍ମାଣ ପରେ ଏହାକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥାରେ କୌଣସି ସୁଧାର ଆସୁ ନଥିବାରୁ ସାଧାରଣ ଯାତାୟାତରେ ବିଶେଷ ଅସୁବିଧା ହେଉଛି। ଉଦ୍‌ଘାଟନକୁ ୬ ବର୍ଷ ବିତିଥିଲେ ମଧ ଅଦ୍ୟାବଧି ମୁଖ୍ୟରାସ୍ତା ନିର୍ମାଣ ହୋଇପାରୁ ନାହିଁ। ଯାହାଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପଟେ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ବାରମ୍ବାର ଟେଣ୍ଡର ଆହ୍ୱାନ କରାଯାଉଥିଲେ ବି କୌଣସି ଠିକାଦାର ଅଂଶଗ୍ରହଣ କରୁ ନଥିବା ଜଣାପଡ଼ିଛି।

୨୦ ନମ୍ବର ଜାତୀୟ ରାଜପଥର ପ୍ରାଣବଲ୍ଲଭପବ୍ଲିକ ସ୍କୁଲ୍ ନିକଟରୁ ୫୩ ନମ୍ବର ରାଜ୍ୟ ରାଜପଥରେ ଥିବା ଜେଲ୍ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଛି। ଅନେକ ସ୍ଥାନରେ ବଡ଼ବଡ଼ ଖାଲ ହୋଇଥିବାରୁ ଗାଡ଼ିମୋଟର ଯିବାରେ ସମସ୍ୟା ହେଉଛି। ସହିଦ ସୁଶାନ୍ତ ଖୁଣ୍ଟିଆ ଶିଶୁ ଉଦ୍ୟାନ ସମ୍ମୁଖରେ ପାଣିଜମି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଏଠାକୁ ଛୋଟପିଲାଙ୍କ ଯାତାୟାତ ରହିଥିବା ବେଳେ ଅନେକ ସମୟରେ ପାଣିକାଦୁଅରେ ପଡ଼ି ହଟହଟା ହେଉଛନ୍ତି। ଦୁଇବର୍ଷ ହେଲା ଏଭଳି ଅବସ୍ଥା ଲାଗି ରହିଥିବାବେଳେ ରାସ୍ତା ମରାମତି କରାଯାଉ ନାହିଁ। ତେବେ, ବ୍ୟାରେଜ୍ ନିର୍ମାଣ ହେବା ପରଠାରୁ ତିନିଥର ରାସ୍ତା ମରାମତି ହେଲାଣି। ନିମ୍ନମାନର କାମ ଯୋଗୁଁ ରାସ୍ତା ପୁଣି ପୂର୍ବ ଅବସ୍ଥାକୁ ଚାଲିଆସୁଛି। ଏପଟେ ରାସ୍ତା ନିର୍ମାଣପାଇଁ ବିଭାଗ ପକ୍ଷରୁ ତିନିଥର ଟେଣ୍ଡର ଆହ୍ୱାନ କରାଯାଇଛି। ଆଜି ମଧ ୬.୯ କୋଟି ଟଙ୍କାର ବ୍ୟୟରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ କେହି ଠିକାଦାର ଅଂଶଗ୍ରହଣ କରୁ ନଥିବା ଜଣାପଡ଼ିଛି। ବ୍ୟୟଅଟକଳରେ ୧୦ବର୍ଷ ତଳର ମୂଲ୍ୟରେ



ଆକଳନ ହୋଇଥିବାରୁ ବର୍ତ୍ତମାନ ଦର ଅନୁସାରେ କାମ କରିବା ସମ୍ଭବ ନୁହେଁ ବୋଲି ଆନନ୍ଦପୁରର ଠିକାଦାରମାନେ ଟେଣ୍ଡରରେ ସାମିଲ ହେଉ ଥିବା ଜଣାପଡ଼ିଛି।

# ନାବାଳକର ମୃତ୍ୟୁ; ହତ୍ୟା ଅଭିଯୋଗ

ତୁରୁମୁଙ୍ଗା, ୨।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଫୁଲପାହାଡ଼ି ଗ୍ରାମର ଗୋପୀନାଥ ମୁଣ୍ଡାଙ୍କ ପୁଅ ରାଜେଶ ମୁଣ୍ଡା (୧୬)ର ଶବକୁ ଝୁଲନ୍ତା ଅବସ୍ଥାରେ ପୁଲିସ ସୋମବାର ଉଦ୍ଧାର କରିଛି। ଘର ପଛ ପଟ ଏକ ଗଛରୁ ଜବତ କରି ପୁଲିସ ଶବ ବ୍ୟବଚ୍ଛେଦ କରାଇଥିବା ବେଳେ ଏନେଇ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖଇଛି। ଅନ୍ୟପଟେ, ମୃତକର ବାପା ଗୋପୀନାଥ ପୁଲିସ ନିକଟରେ ନାବାଳକ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୁଲିସ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ପରେ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ରବିବାର ଅପରାହ୍ନରୁ ରାଜେଶ ନିଖୋଜ ଥିବା ବେଳେ ମୃତଦେହ ହୁଡ଼ିର ଏକ କେନ୍ଦୁ ଗଛରେ ଦେଖି ଗୋପୀନାଥ ପାଟଣା ପୁଲିସକୁ ସୂଚନା ଦେଇଥିଲେ। ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ଏଏସଆଇ ଗୌରହରି ଗରଡିଆ କହିଛନ୍ତି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



କେନ୍ଦୁଝର, ୨।୩(ସମିସ):

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଆଜିର ଏହି ଶିବିରରେ ମୋଟ ୧୮୩ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି। ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ୧୫୧ଟି, ସାମୂହିକଅଭିଯୋଗ୩୨ଟି, ରେଡକ୍ରସ ସହାୟତା ପାଇଁ ୧୬ଟି ଆବେଦନ ଗ୍ରହଣ କରାଯାଇଛି। ୩୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବିନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଯୋଗ ଦେଇଥିଲେ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ମାର୍ଚ୍ଚ ମାସର ପରବର୍ତ୍ତୀ ଅଭିଯୋଗ ଶୁଣାଣିଗୁଡ଼ିକ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନିମ୍ନମତେ ଅନୁଷ୍ଠିତ ହେବ। ୦୯।୦୩।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସାହାରପଡା, ୧୬।୦୩।୨୦୨୬ (ସୋମବାର) ପଞ୍ଚାୟତସମିତି କାର୍ଯ୍ୟାଳୟ ଆନନ୍ଦପୁର, ୨୩।୦୩।୨୦୨୬ (ସୋମବାର) ପଞ୍ଚାୟତସମିତି କାର୍ଯ୍ୟାଳୟ, ଝୁମ୍ପୁରା ଏବଂ ୩୦।୦୩।୨୦୨୬ (ସୋମବାର) ପଞ୍ଚାୟତସମିତି କାର୍ଯ୍ୟାଳୟ ବାଂଶପାଳରେ ଏହି କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଅଞ୍ଚଳବାସୀ ଏହି ସୁଯୋଗର ସଦୁପଯୋଗ କରି ନିଜ ନିଜର ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି।

# ଛେନାପଦି ଶାଖା ଡାକପାଳ ପୁରସ୍କୃତ

ହାଟଡ଼ିହୀ,୨।୩(ସମିସ): ରବିବାର କେନ୍ଦୁଝର ମୁଖ୍ୟ ଡାକଘରଠାରେ ଡ଼ିଭିଜନର ୬୦ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ହାଟଡିହୀ ଉପଡ଼ାକଘର ଅଧୀନରେ ଥିବା ଛେନାପଦି ଶାଖାଟି ସମଗ୍ର ଡ଼ିଭିଜନରେ ନୂଆ ଆକାଉଣ୍ଟ ଖୋଲିବା କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏନେଇ ଶାଖା ଡାକପାଳ ସନ୍ତୋଷ ମଲ୍ଲିକଙ୍କୁ ଡ଼ିଭିଜନ ପକ୍ଷରୁ ଶ୍ରେଷ୍ଠ ଡାକପାଳ ଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଛି। ହାଟଡିହୀ ଉପଡାକପାଳଙ୍କ ସମେତ ସମସ୍ତ ସାଥୀଙ୍କ ପ୍ରେରଣାକୁ ଶ୍ରୀ ମଲ୍ଲିକ ନିଜର ଶ୍ରେୟ ଦେଇଛନ୍ତି। ସେଥିପାଇଁ ସେ ମଣ୍ଡଳ ଅଧୀକ୍ଷକ, ଉପଖଣ୍ଡ ନିରୀକ୍ଷକ ଏବଂ ହାଟଡିହୀ ଉପଡାକପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ତରୁଆଁ ଗ୍ରାମରେ ପଞ୍ଚୁଦୋଳ ଉତ୍ସବ

ଆନନ୍ଦପୁର, ୨।୩(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ତରୁଆଁ ଗ୍ରାମର ଦଧିବାମନଜୀଉଙ୍କ ଚଳନ୍ତି ପ୍ରତିମା ରାଧାକୃଷ୍ଣଙ୍କୁ ନେଇ ଦୋଳ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଦୋଳ ପୂର୍ଣ୍ଣିମା ଅବସରରେ ରାଧାକୃଷ୍ଣ ଦୋଳ ବିମାନରେ ବିରାଜମାନ କରି ସାହି ପରିକ୍ରମା କରିଥିଲେ। ଭକ୍ତମାନେ ଅବିର ବୋ।ଳା।ବୋ।ଳି ହୋଇ ସଙ୍କୀର୍ତ୍ତନର ତାଳେ ତାଳେ ରାଧାକୃଷ୍ଣଙ୍କ ଭକ୍ତିରେ ମସଗୁଲ ରହିଥିଲେ।



ପ୍ରତି ସାହିରେ ଦୋଳ ବିମାନ ପହଞ୍ଚିବା ପରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଧିବାମନଜୀଉ ମନ୍ଦିରର ପୂଜକ ଦୁର୍ଯ୍ୟୋଧନ ପାଢ଼ୀ, ସୁଶାନ୍ତ ପାଢ଼ୀଙ୍କ ସଂକଳ୍ପରେ ମନ୍ଦିର କମିଟି ସେବକ ପ୍ରାଣକୃଷ୍ଣ ଭଞ୍ଜ, ନାରାୟଣ ରାଉତ, ଶରତ କୁମାର ରାଉତ, କଳାକାର ଜେନା, ମାୟାଧର ମଲ୍ଲିକ, ଜନାର୍ଦ୍ଦନ ବେହେରା, ମକରଧ୍ୱଜ ଜେନା, ଖଗେଶ୍ୱର ରାଉତ, ଲକ୍ଷ୍ମୀଧର ଭଞ୍ଜ, ଚନ୍ଦ୍ରମଣି ରାଉତ ସହଯୋଗ କରିଥିବା ବେଳେ ରାଧାକୃଷ୍ଣଙ୍କ ବେଶରେ ସାଇଦିକ୍ଷିତା ରାଉତ, ପରମିତା ଭଞ୍ଜ, ସଂପୂର୍ଣ୍ଣା ନାୟକ, ମଧୁମିତା ଜେନା ନୃତ୍ୟ ପରିବେଷଣ କରିଥିଲେ।

■ ଇଣ୍ଟରକ୍ଲବ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସିଲଭର ଜୁବିଲି

# ଆଜାଦବସ୍ତି କ୍ଲବ୍ ଚାମ୍ପିଅନ

ଯୋଡ଼ା,୨।୩(ସମିସ): ରବିବାର କେନ୍ଦ୍ରିୟ ଖେଳପଡ଼ିଆରେ କାର୍ଲ ଲୁଇସ୍ କ୍ଲବ୍ ଯୋଡ଼ା ପକ୍ଷରୁ ଆୟୋଜିତ ଏକ ତିନି ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଓଡ଼ିଶା ଅଲମ୍ପିକ ଆସୋସିଏସନ୍‌ର ସଭାପତି ତଥା ବିଜେପି ବରିଷ୍ଠ ନେତା ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱ ଓଡ଼ିଆ ସମ୍ମିଳନୀର ଅନ୍ତର୍ଜାତୀୟ ସଭାପତି ଡ. ମୁରଲୀ ମନୋହର ଶର୍ମା, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ଯୋଡ଼ା ନଗରପାଳ ରବୀନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଦିଲୀପ ମହାକୁଡ଼ ଓ କାଉନସିଲର ଦିପ୍ତୀରଞ୍ଜନ ବେହେରା ପରିଚାଳନା କରିଥିଲେ। ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଯୋଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରୁ ୩୨ଟି ଦଳ ଭାଗ ନେଇଥିବାବେଳେ ସେମାନଙ୍କ ମଧ୍ୟରେ ଅତ୍ୟନ୍ତ ରୋମାଞ୍ଚକର କ୍ରୀଡା ଦେଖିବାକୁ ମିଳିଥିଲା। ଆଜାଦବସ୍ତି କ୍ଲବ୍ ପେନାଲଟି ସଟ୍‌ରେ ବିଜୟ ହାସଲ କରିଥିଲା। ସେହିପରି ବିଛାକୁଣ୍ଡି ଏ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ମର୍ଣ୍ଣିଂଷ୍ଟାର ତୃତୀୟ ଓ ବିଛାକୁଣ୍ଡି ବି ଚତୁର୍ଥସ୍ଥାନ ଅଧିକାର କରିଥିଲେ। ବିଜେତା ଦଳକୁ ୫୧ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟକୁ କ୍ଲବ୍ ତରଫରୁ ରାମଚନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ଓଝା, ଗୋପାଳ ବେହେରା ଏବଂ ସନ୍ତୋଷ ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟବୃନ୍ଦ ପରିଚାଳନା କରିଥିଲେ।

# ଆନନ୍ଦପୁର ରେଳପଥ ପାଇଁ ମୁଣ୍ଡ ଟେକୁଛି ଆନ୍ଦୋଳନ



ଆନନ୍ଦପୁର,୨।୩(ସମିସ):

ରେଳ ବଜେଟ୍‌ରେ ଓଡ଼ିଶା ପାଇଁ ୧୦,୯୨୮ କୋଟି ଟଙ୍କାର ଅନୁଦାନ ଘୋଷଣା ହୋଇଛି। ହେଲେ କେନ୍ଦୁଝର ଜିଲ୍ଲା ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଦୀର୍ଘ ଦିନର ପ୍ରସ୍ତାବକୁ ପୁଣି ଅଣଦେଖା କରାଯାଉଛି। ଏନେଇ କେନ୍ଦୁଝର ସାଂସଦଙ୍କ ପ୍ରତିଶ୍ରୁତି ଓ ଲୋକସଭାରେ ଉଠାଇଥିବା ଦାବି ମଧ ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ। ଯାହାକୁ ନେଇ ଆନନ୍ଦପୁରର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲାର ପ୍ରମୁଖ ଅଞ୍ଚଳ ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପାଇଁ ଦୀର୍ଘ ୧୫ବର୍ଷ ହେଲା ଆନ୍ଦୋଳନ ହୋଇଆସୁଛି। ଯାଜପୁର-କେନ୍ଦୁଝରରୋଡ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ଯଶୀପୁରକୁ ନୂତନ ରେଳପଥ ସଂଯୋଗ ପାଇଁ ଦିଆଯାଇଥିବା ପ୍ରସ୍ତାବ ଏବେ ବି ରାଜ୍ୟ ସରକାରଙ୍କ ଫାଇଲ୍ ତଳେ ରହିଛି। ୨୦୧୩-୧୪ ବର୍ଷରେ ରେଳବାର ବୋର୍ଡ ଏହି ପ୍ରକଳ୍ପପାଇଁ ମଞ୍ଜୁରି ପ୍ରଦାନ କରିଥିଲେ। ଜିଲ୍ଲାପାଳମାନଙ୍କଠାରୁ ରିପୋର୍ଟ ମିଳିବା ପରେ ରେଳପଥ ସଂଯୋଗ ପାଇଁ ସର୍ଭେ ଅରମ୍ଭ ହୋଇଥିଲା। ଆନନ୍ଦପୁର ଉପଖଣ୍ଡର ଲୁଣହାର, ଆନନ୍ଦପୁର ଓ କଣ୍ଟିପାଳରେ ଷ୍ଟେସନ ନିର୍ମାଣ ନେଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ରୁଟ୍‌ରେ ଖଣିଜ ପରିବହନ, ଯାତ୍ରା ପରିବହନ ଓ ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହି ପ୍ରସ୍ତାବ ଏବେ ଫାଇଲ୍ ତଳେ ରହିଯାଇଛି। ଆନନ୍ଦପୁରକୁ ରେଳ ସଂଯୋଗ ହେଲେ ଉପଖଣ୍ଡର ବିକାଶ ହୋଇପାରିବ ବୋଲି ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଅନନ୍ଦପୁର ବାଣିଜ୍ୟ ମହୋତ୍ସବରେ ଯୋଗଦେବା ଅବସରରେ କହିଥିଲେ। ବିଜେପି ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। କେନ୍ଦୁଝର ସାଂସଦ ଅନନ୍ତ ନାୟକ ବାଣିଜ୍ୟ ମହୋତ୍ସବରେ ଆନନ୍ଦପୁରକୁ ରେଳପଥ ସଂଯୋଗ ନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ଚଳିତ ରେଳ ବଜେଟ୍‌ରେ ଆନନ୍ଦପୁରବାସୀଙ୍କୁ ପୁଣି ନିରାଶ ହେବାକୁ ପଡ଼ିଛି। ଛାତ୍ର ବିଜେଡି ଜିଲ୍ଲା ସଭାପତି ଅମରେନ୍ଦ୍ର ଧଳ କହିଛନ୍ତି, ଆନନ୍ଦପୁରକୁ ରେଳପଥ ସଂଯୋଗ ସ୍ଥାନୀୟ ଲୋକଙ୍କ ଭାବାବେଗ ସହିତ ଜଡ଼ିତ। ଉପଖଣ୍ଡର ଜନସାଧାରଣ ଏଥିପାଇଁ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବାକୁ ସୁରେନ୍ଦ୍ର ନାଥ ନାହାକ, ପଞ୍ଚାନନ ରଣା ପ୍ରମୁଖ ମତ ଦେଇଛନ୍ତି। ଆନନ୍ଦପୁରର ଯୁବନେତା ସତ୍ୟବ୍ରତ ଜେନା, ଶୈଲଙ୍ଗର ଛାତ୍ରନେତା ମତ୍ୟନାରାୟଣ ସାହୁ, ଶାଳପଡ଼ାର ବ୍ୟବସାୟୀ ଗୋବିନ୍ଦ ଚନ୍ଦ୍ର ପତି, ଆଇନଜୀବୀ ଭାଗୀରଥି ଦାଶ, ସମର ସିଂହ, ବରିଷ୍ଠ ନେତା ମାର୍କଣ୍ଡ ଓଝା, ପ୍ରଦ୍ୟୁତ୍ ବିଶ୍ୱାଳ ପ୍ରମୁଖ ସମାଲୋଚନା କରିଛନ୍ତି।

# ଭାଲୁକାରେ ହନୁମାନ ଚାଳିଶା ପାଠ ମହାଯଜ୍ଞ



ଆନନ୍ଦପୁର, ୨।୩ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଞ୍ଚାୟତ ଭାଲୁକା ଗ୍ରାମର ମହାବୀର କମିଟି ତରଫରୁ ହନୁମାନ ମନ୍ଦିର ପରିସରରେ ବିଶ୍ୱ କଲ୍ୟାଣ ନିର୍ମିତ ଶ୍ରୀ ଶ୍ରୀ ହନୁମାନଙ୍କର ତୃତୀୟ ବାର୍ଷିକ ୧୦୮ ହନୁମାନ ଚାଳିଶା ପାଠ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଗ୍ରାମର ପୁଷ୍କରିଣୀରୁ କଳସ ବୁଡ଼ା ଯିବାପରେ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଯଜ୍ଞ ମଣ୍ଡପରେ କଳସ ରଖାଯାଇଥିଲା। ପୁରୀ ଜଗନ୍ନାଥ ଧାମର ଗୋବର୍ଦ୍ଧନ ପୀଠର ବିଦ୍ୟାର୍ଥୀ ମୁଖ୍ୟ ପୂଜକ ଲିଙ୍ଗରାଜ ରଥ, ସହଯୋଗୀ ବିମଳ ପାଢ଼ୀ, ରୁଦ୍ର ପାଢ଼ୀ, ମନୋରଞ୍ଜନ ତ୍ରିପାଠୀ, ସତ୍ୟସୁନ୍ଦର ମିଶ୍ରଙ୍କ ଦ୍ୱାରା ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା ସହିତ ହନୁମାନଜୀଙ୍କ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞରେ ମୁଖ୍ୟକର୍ତ୍ତା ଅନ୍ତର୍ଯ୍ୟାମୀ ଭଞ୍ଜ, ସହଧର୍ମିଣୀ ଲିପ୍ସାରାଣୀ ଭଞ୍ଜ, ଲାଲପ୍ରସାଦ ଭଞ୍ଜ, ସହଧର୍ମିଣୀ ରଶ୍ମିତା ଭଞ୍ଜ, ପ୍ରଫୁଲ୍ଲ ଜେନା, ସହଧର୍ମିଣୀ ରଞ୍ଜିତା ଜେନା, ସୁଭାଶିଷ ଜେନା ସହଧର୍ମିଣୀ ପ୍ରଭାତଲକ୍ଷ୍ମୀ ଜେନା, ଜଗନ୍ନାଥ ଜେନା, ସହଧର୍ମିଣୀ ଝରଣା ଜେନା ପୂଜା ସଂକଳ୍ପରେ ରହିଥିଲେ। ମହାବୀରଙ୍କ ନିକଟରେ ବିଭିନ୍ନ ଭୋଗରାଗ ଲାଗି କରାଯାଇ ୧୦୮ ହନୁମାନ ଚାଳିଶା ପାଠ ସହ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତିରେ ସୁଆଁଳ ଭାଲୁକା, କଇଁସିଆରୀ ତଥା ଆଖପାଖ ଗ୍ରାମର ଶହଶହ ଭକ୍ତମାନେ ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୁତି ଦେଇଥିଲେ। ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପଞ୍ଚସଖା ଭଜନ ପରିଷଦ ଧୋନିମଠ ଅଣା ହାଟଡିହିର କଳାକାରଙ୍କ ଦ୍ୱାରା ପରିବେଷିତ ଭଜନ ସନ୍ଧ୍ୟା ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମକୁ ଭାଲୁକା ଯୁବକ ସଂଘ, ମହାବୀର ମନ୍ଦିର କମିଟିର ସମସ୍ତ ସଦସ୍ୟ ଓ ଭାଲୁକା ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ଗଣିତ ପରୀକ୍ଷାରେ ସର୍ବାଧିକ ୯୦୦ ଛାତ୍ରଛାତ୍ରୀ ଅନୁପସ୍ଥିତ




ବାଲେଶ୍ୱର,୨।୩(ସମିସ)

ଗତ ୧୯ତାରିଖ ଠାରୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ଆଜି ଶେଷ ହୋଇଛି। ଶେଷ ଦିବସରେ ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ସର୍ବାଧିକ ୯ଶହ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ଆଜି ରେଗୁଲାର ଗଣିତ ପରୀକ୍ଷାରେ ମୋଟ ୩୦ହଜାର ୩୫୬ଜଣ ଛାତ୍ରଛାତ୍ର ପରୀକ୍ଷା ଦେଇଥିବା ବେଳେ ୭୨୨ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ମଧ୍ୟମା ପରୀକ୍ଷାରେ ୮୯୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୫୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ୧୪୪ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଏସଓଏସସିରେ୭୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୪ଜଣ ଅନୁପସ୍ଥିତ ରହିଛନ୍ତି। ଆଜି କୌଣସି ଛାତ୍ରଛାତ୍ରୀ ଏମପିରେ ବୁକ ହୋଇ ନ ଥିବା ଜଣାଯାଇଛି। ଅନ୍ୟପଟେ ଚଳିତ ବର୍ଷ ରେଗୁଲାର ପରୀକ୍ଷାରେ ସିମୁଳିଆ ବ୍ଲକର ଆରଏନ ସରକାରୀ ବିଦ୍ୟାଳୟରେ ୧୫୫୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫୩୧ଜଣ ପରୀକ୍ଷା ଦେଇଥିବା ବେଳେ୨୮ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବସ୍ତା ବ୍ଲକର ଏସଏନ ହାଇସ୍କୁଲରେ୨୨୫୪ଜଣ ରେଗୁଲାର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୮୦ଜଣ ପରୀକ୍ଷା ଦେଇଥିବା ବେଳେ ୭୪ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଖଇରା ବ୍ଲକର ଖଇରା ସରକାରୀ ହାଇସ୍କୁଲରେ ୩୬୧୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୫୨୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୦ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବାହାନଗା ବ୍ଲକର ଖନ୍ତାପଡା ହାଇସ୍କୁଲରେ ୨୨୧୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୬୮ଜଣ ପରୀକ୍ଷା ଦେଇଥିବା ବେଳେ ୪୨ଜଣ ଅନୁପସ୍ଥିତ ରହିଛନ୍ତି। ରେମୁଣା ବ୍ଲକରେ ରେମୁଣା ହାଇସ୍କୁଲରେ୨୦୫୦ଜଣଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୦୭ଜଣ ପରୀକ୍ଷା ଦେଇଥିବା ବେଳେ ୪୩ଜଣ ଅନୁପସ୍ଥିତ ରହିଛନ୍ତି। ନୀଳଗିରି ବ୍ଲକରେ କେସି ହାଇସ୍କୁଲରେ ୨୪୬୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୩୯୮ଜଣ ପରୀକ୍ଷା ଦେଇଥିବା ବେଳେ ୬୯ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ସୋର ବ୍ଲକରେ ଏସଏନ ହାଇସ୍କୁଲରେ ୨୬୨୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫୫୨ଜଣ ପରୀକ୍ଷା ଦେଇଥିବା ବେଳେ ୭୬ଜଣ ଅନୁପସ୍ଥିତ ରହିଛନ୍ତି। ଜଳେଶ୍ୱର ବ୍ଲକରେ ଜଳେଶ୍ୱର ସରକାରୀ ହାଇସ୍କୁଲରେ ୩୦୨୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯୫୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୯ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଭୋଗରାଇ ବ୍ଲକରେ କର୍ମର୍ଦ୍ଦା ଜେଏନ ହାଇସ୍କୁଲରେ ୧୪୫୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ୧୪୧୯ଜଣ ପରୀକ୍ଷା ଦେଇଥିବା ବେଳେ ୩୯ଜଣ ଅନୁପସ୍ଥିତ ଥିବା ବେଳେ ଏଚସି ଏକାଡେମୀରେ ୨୧୦୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୮୨ଜଣ ପରୀକ୍ଷା ଦେଇଥିବା ବେଳେ୨୭ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବାଲିଆପାଳ ବ୍ଲକର ଏସଆର ସରକାରୀ ହାଇସ୍କୁଲରେ ୩୧୮୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୦୯୦ଜଣ ପରୀକ୍ଷା ଦେଇଥିବା ବେଳେ ସର୍ବାଧିକ ୯୭ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବାଲେଶ୍ୱର ସଦର ବ୍ଲକର ଜିଲ୍ଲା ସ୍କୁଲରେ ୪୫୨୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୪୫୪ଜଣ ପରୀକ୍ଷା ଦେଇଥିବା ବେଳେ ୬୮ଜଣଅନୁପସ୍ଥିତ ରହିଛନ୍ତି। ତେବେ ମୋଟ ଉପରେ ରେଗୁଲାର ପରୀକ୍ଷାରେ ୭୨୨,ମଧ୍ୟମା ପରୀକ୍ଷାରେ ୧୪୪ ଏବଂ ଏସଓଏସସିରେ ୩୪ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ଆଜି ଶେଷ ପରୀକ୍ଷା ପରେ ଛାତ୍ରଛାତ୍ରୀମାନେ ଖୁସି ମନାଉଥିବା ବେଳେ ସେମାନେ ପରସ୍ପରକୁ ଅଭିର ବୋଳି ଖୁସି ମଧ ମନାଉଥିଲେ। ଏପରିକି ଆଜି ଗଣିତ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଭଲ କରିଥିବାରୁ ସେମାନେ ବେଶ ଖୁସିଥିବା କହିଛନ୍ତି।

# ଗୋପାଳଙ୍କ ଲଉଡି ଖେଳ



ବାଲେଶ୍ୱର,୨।୩(ସମିସ): ଆସିଛି ରଙ୍ଗର ପର୍ବ ହୋଲି। ଫଗୁଣ ମାସରେ ପାଳିତ ହେଉଥିବା ଏହି ପର୍ବ ସହ ରାଧାକୃଷ୍ଣଙ୍କର ଆଧ୍ୟାତ୍ମିକ ଭାବନା ଯୋଡ଼ି ହୋଇରହିଛି। ବିଶେଷ କରି ଦୋଳ ପୂର୍ଣ୍ଣିମା ଠାରୁ ହୋଲି ଯାଏଁ ବିଭିନ୍ନ ପରମ୍ପରା ଦେଖିବାକୁ ମିଳିଥାଏ। ଏହି ପରମ୍ପରା ଭିତରୁ ଗୋପାଳମାନଙ୍କ ଲଉଡି ଖେଳ ଏକ ଅନନ୍ୟ ପରମ୍ପରା। ଗୋପାଳମାନେ ଏହି ପର୍ବକୁ ତିନିଧରି ପାଳନ କରନ୍ତି। ଏହି ସମୟରେ ଦୋଳ କଳସ ଏବଂ ଲଉଡି ଖେଳ ଆୟୋଜନ କରାଯାଇଥାଏ। ଅନ୍ୟପଟେ ଲଉଡ଼ି ଖେଳର ଏକ ବିଶେଷତ୍ୱ ରହିଛି। ପ୍ରଶ୍ନ ଉତ୍ତର ମାଧ୍ୟମରେ ଏହି ଖେଳ ହୋଇଥାଏ। ଗୋଟିଏ ଦଳ ଗୀତ ମାଧ୍ୟମରେ ଅନ୍ୟ ଦଳକୁ ପ୍ରଶ୍ନ ପଚାରିଥାଏ ଓ ଅପର ଦଳ ଗୀତ ମାଧ୍ୟମରେ ଉତର ଫେରାଇଥାଏ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଜି ମଧ ଏହି ଅନନ୍ୟ ପରମ୍ପରା ବଜାୟ ରହିଛି। ପୁରୁଷ ପୁରୁଷ ଧରି ଚଳି ଆସୁଥିବା ଏହି ସର୍ବପୁରାତନ ପରମ୍ପରାର ଛିଟା ଆଜି ମଧ ବାଲେଶ୍ୱରର କୋଣ ଅନୁକୋଣରେ ଦେଖିବାକୁ ମିଳିଥାଏ। ଜିଲ୍ଲାର ବିଭିନ୍ନ ଅଂଚଳରେ ଦୋଳ ସମୟରେ ଗୋପାଳ ଭାଇମାନେ ଓଗାଳ ଗାଇ ଲଉଡି ଖେଳିବା ପରମ୍ପରାକୁ ଭୁଲି ନାହାନ୍ତି। କୁହାଯାଏ ଶ୍ରୀକୃଷ୍ଣ ତାଙ୍କ ବାଲ୍ୟକାଳରେ ଗୋପଦାଣ୍ଡରେ ଗୋପାଳ ବାଳକମାନଙ୍କ ସହ ବିଭିନ୍ନ ପ୍ରକାର ଗୀତ ଗାଇ ଲଉଡି ନୃତ୍ୟ କରିଥିଲେ। ସେହିଦିନ ଠାରୁ ଏହି ପ୍ରଥା ଆଜି ଯାଏ ବଂଚି ରହି ଆସିଛି ବୋଲି ଶୁଣିବାକୁ ମିଳେ। ପରିବାରର ମୁଖ୍ୟ ଗ୍ରାମ ନିକଟ ପୋଖରୀରୁ ପାଣି ଆଣି ଘରେ କଳସ ସ୍ଥାପନ କରନ୍ତି। ଆମ୍ବକଷି ଓ ଡାଳ ଆଣି କଳସ ଉପରେ ରଖି ପୂଜା କରନ୍ତି। ଏହିତିନି ଦିନଧରି ଗୋପାଳମାନଙ୍କ ଘରେ ଶୁଦ୍ଧ ନିରାମିଷ ବ୍ୟଞ୍ଜନ ରନ୍ଧାଯାଏ। ସମସ୍ତେ ନୂଆଲୁଗା ପିନ୍ଧି ଦୋଳପୂର୍ଣ୍ଣିମା ଦିନ ସାହିର ସମସ୍ତଙ୍କ ଘରକୁ ଯାଇ ଓଗାଳ ଗାଇଥାଆନ୍ତି। ଶେଷ ଦିନ କଳସକୁ ପାଣିରେ ବିସର୍ଜନ କରାଯାଏ।

# ଦାବିରେ ଅଟକିଛି ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା




ବାଲେଶ୍ୱର,୨।୩ (ସମିସ): ଗତ ତିନିବର୍ଷ ଧରି ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ହୋଇଆସୁଛି। ହେଲେ ଏଥିପ୍ରତି ସରକାର କର୍ଣ୍ଣପାତ କରୁନଥିବାରୁ ଚଳିତ ମାର୍ଚ୍ଚ ମାସ ୧୫ ତାରିଖ ଦିନ "ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ସମିତି'ର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀରେ ସମସ୍ତ ବ୍ଲକ୍ ଓ ପଞ୍ଚାୟତସ୍ତରର ପ୍ରତିନିଧି ଯୋଗଦେଇ ଆଗାମୀ ଦିନରେ ଚରମ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ସମ୍ମିଳନୀ ପ୍ରସ୍ତୁତି କମିଟି ବୈଠକରେ ଆହ୍ୱାନ ଦିଆଯାଇଛି। ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମିତି ସଭାପତି ଡ. କେଶବ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସାଧାରଣ ସଂପାଦକ ଅଭୟ କୁମାର ମିଶ୍ର ଆଗାମୀ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ଷ୍ଟେସନ କ୍ଲବ୍‌ରେ ଅନୁଷ୍ଠିତ ହେବ ବୋଲି ଜଣାଇଥିଲେ। ନିରଞ୍ଜନ ପରିଡ଼ା ଓ ଗିରୀଶ ଚନ୍ଦ୍ର ଦାଶ କହିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଉପରେ ଗୁରୁତ୍ୱ ଦେଉଥିବାବେଳେ ଉତ୍ତର ଓଡ଼ିଶାର କୃଷି ଓ କୃଷକର ହିତ ଦୃଷ୍ଟିରୁ କୃଷି ସଂପର୍କିତ ଏକ ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦାବି ପ୍ରତି ଗୁରୁତ୍ୱ ନ ଦେବା ଘଟଣା ଜିଲ୍ଲାବାସୀଙ୍କୁ ବିସ୍ମିତ କରିଛି। ଏହି ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ବ୍ଲକ୍ କମିଟି ପକ୍ଷରୁ ଦିଲ୍ଲୀପ ଗିରି, ମହେଶ୍ୱର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଭୋଇ, ଅଜିତ୍ କୁମାର ମହାନ୍ତିଙ୍କ ସମେତ ରମେଶ ଚନ୍ଦ୍ର ଜେନା, ଭୂପତି କୁମାର ପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ହରନାରାୟଣ ମଡୁଆଳ, ପ୍ରଫୁଲ୍ଲ ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଶ୍ୟାମାଚରଣ ରଣ ଦାସ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଆସନ୍ତା ସମ୍ମିଳନୀରେ ବାଲେଶ୍ୱର ସାଂସଦ ଓ ସମସ୍ତ ବିଧାୟକ, ବ୍ଲକ୍ ଅଧ୍ୟକ୍ଷ, ସରପଞ୍ଚଙ୍କ ସମେତ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, କୃଷକ ସଂଗଠନମାନଙ୍କୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶେଷରେ ସରସ୍ୱତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆନ୍ତଃବିଶ୍ୱବିଦ୍ୟାଳୟ ଖେଳ କସରତ ଓ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତେଜନା ଓ ବିଶୃଙ୍ଖଳା




ବାଲେଶ୍ୱର,୨।୩(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତଃବିଶ୍ୱବିଦ୍ୟାଳୟ ଖେଳ କସରତ ଓ କ୍ରୀଡ଼ା ପ୍ରତିଯୋଗିତାର ସମାପନୀ ଉତ୍ସବରେ ଉତ୍ତେଜନା ଓ ବିଶୃଙ୍ଖଳା ବ୍ୟବହାର ଦେଖିବାକୁ ମିଳିଛି। ଏହି ପ୍ରତିଯୋଗିତାରେ ୧୫ଟି ବିଶ୍ୱବିଦ୍ୟାଳୟ ଭାଗ ନେଇଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଖେଳାଳିଙ୍କ ସହ ଆସିଥିବା କେତେକ ଟିମ ମ୍ୟାନେଜର କ୍ୟାମ୍ପସ ମଧ୍ୟରେ ଥିବା ଛାତ୍ରୀମାନଙ୍କ ପଛରେ ବୁଲି ପେଁକାଳୀ ବଜେଇବା ସହିତ ଦୁର୍ବ୍ୟବହାର କରି ଅଶାଳୀନ ମନ୍ତବ୍ୟ ଦେଇଥିବା ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଭିଯୋଗ ହୋଇଛି। ଆସିଥିବା ଅଫିସିଆଲ ସଦସ୍ୟମାନେ ମଦ୍ୟପାନ କରି ଛାତ୍ରୀମାନଙ୍କୁ ଖରାପ ବ୍ୟବହାର କରିବା ଆରମ୍ଭ କରିଦେଇଥିଲେ ମଧ୍ୟ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନଠାରୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟିମ ମ୍ୟାନେଜରମାନେ ଅତ୍ୟନ୍ତ ରୁକ୍ଷ ବ୍ୟବହାର କରିଆସୁଥିଲେ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସେମାନ ନିଜ ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ କରିନଥିଲେ। ଏଥିସହ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳକୁ ବାଲେଶ୍ୱର ରେଳଷ୍ଟେସନ ପର୍ଯ୍ୟନ୍ତ ଛାଡିବା ପାଇଁ ପୂର୍ବନିର୍ଦ୍ଧାରିତ ସମୟ ଅନୁସାରେ ସୂଚୀତ କରାଯାଇଥିଲା ଓ ସେମାନେ ଏଥିପ୍ରତି ସଂପୂର୍ଣ୍ଣ ଅବଗତ ଓ ସହମତ ଥିଲେ। କିନ୍ତୁ ଉକ୍ତ ସମୟରେ ନ ଯାଇ ବିଶ୍ୱବିଦ୍ୟାଳୟ ସମ୍ମୁଖ ଗେଟ୍ ନିକଟରେ ନିଜର ଜିନିଷପତ୍ର ନେଇ ବସି ରହିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଏହିସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଅଧିକାରୀ ଓ କର୍ମଚାରୀଗଣ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟିମ ମ୍ୟାନେଜର ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରି କ୍ୟାମ୍ପସ ଭିତରକୁ ଡାକି ରାତିରେ ରହିବାକୁ କହିଥିଲେ ମଧ ସେମାନେ ଫାଟକ ସମ୍ମୁଖରେ ବସିରହିଥିଲେ। ଅନ୍ୟପଟେ ଏହି ସବୁ ବିଶୃଙ୍ଖଳିତ ଆଚରଣକୁ ନେଇ ଘଟିଥିବା ଘଟଣାର ଭିଡ଼ିଓ ଉତ୍ତୋଳନ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଯାହା ଭୁଲ ତଥ୍ୟ ସହ ଉପସ୍ଥାପନ କରାଯାଉଛି ବୋଲି ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଯଦି ଏହି ଭିଡ଼ିଓକୁ ପ୍ରତ୍ୟେକ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ପ୍ରତ୍ୟାହାର ନ କରାଯାଏ ତେବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନହାନୀ ମକଦ୍ଦମା କରିବାକୁ ପ୍ରସ୍ତୁତ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ସୁବର୍ଣ୍ଣରେଖା ଛାତ୍ରୀ ନିବାସରେ ସ୍ୱାସ୍ଥ୍ୟ ଶିବିର




ବାଲେଶ୍ୱର,୨।୩ (ସମିସ): ଫକୀରମୋହନ କଲେଜ ଆଲୁମନି ତରଫରୁ ସୁବର୍ଣ୍ଣରେଖା ଛାତ୍ରୀ ନିବାସରେ ଏକସ୍ୱାସ୍ଥ୍ୟଶିବିରଅନୁଷ୍ଠିତହୋଇଯାଇଛି। ଅଧିକ୍ଷିକା ପ୍ରଫେସର ମିନତି ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯୩ ଜଣ ଅନ୍ତେବାସୀଙ୍କ ହିମୋଗ୍ଲୋବିନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆଲୁମ୍ନି ସଭାପତି ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଭାତ ଚୌଧୁରୀଙ୍କ ଦ୍ୱାରା ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ହିମୋଗ୍ଲୋବିନ ରିପୋର୍ଟ ଅନୁସାରେ ମେଡ଼ିସିନ୍ ସେବନ ପାଇଁ ବ୍ୟବସ୍ଥାପକ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଡାକ୍ତର ସୁଧାଂଶୁ ପରିଡ଼ା,ଡାକ୍ତର ତାରାକାନ୍ତ ନନ୍ଦ, ଅନିଲ ପଟ୍ଟନାୟକ, ଅମୃତାଂଶୁ ପଟ୍ଟନାୟକ, ଦେବାଶିଷ ପାଣି, ପୀତାମ୍ବର ଦାସ, ପାର୍ଥ ସାରଥି ଆଶ, କଲ୍ୟାଣୀ ନନ୍ଦ, ତ୍ରିଲୋଚନ ନାୟକ ସହଯୋଗ କରିଥିବା ବେଳେ ବାୟୋଲୋଜିକାଲ ଇଭାଂଶ ତରଫରୁ କମ୍ପାନି ଏ.ବି.ମ. ତିବୁଲା ବିଶ୍ୱାଳ, ପ୍ରକାଶ କୁମାର ବାରିକଙ୍କ ଦ୍ୱାରା ସହାୟତା ଯୋଗାଇ ଦିଆଯାଇଥିଲା।

# ଶିଖରପୁରରେ ନାଲି ଇଟାଭାଟି ପ୍ରଦୂଷଣ, ଗ୍ରାମବାସୀ କଳବଳ




ଜଳେଶ୍ୱର, ୨।୩ (ସମିସ) : ଜଳେଶ୍ୱର ତହସିଲ ଅଧିନ ଶିଖରପୁର ପଂଚାୟତର ସେହି ଗାଁରେ ରହିଛି ନାଲି ଇଟାଭାଟି। ବାଘାବଳୀ ଓଟି ରୋଡରୁ ରାଇବଣିଆ ଯାଏ ଯାଇଥିବା ରାସ୍ତାର ଗାଁ ନିକଟରେ ୬ଟି ଇଟାଭାଟିରୁ ରାତିଦିନ କଳାଧୂଆଁ ସମଗ୍ର ଅଂଚଳକୁ ପ୍ରଭାବିତ କରୁଛି। ଇଟାଭାଟିକୁ ଲାଗି ଏକ ଆରୋଗ୍ୟ କେନ୍ଦ୍ର ଓ ମାତ୍ର ୨୦୦ ମିଟର ଦୂରରେ ବିଦ୍ୟାଳୟ ରହିଥିଲେ ମଧ ଏଥିପ୍ରତି କାହାରି ନିଘା ନାହିଁ। ଏସ୍.ଏସ୍.ବିବି, ତାରା, ଗୀତା, ଡିଲକ୍ସ, ସୁପର, ଏନ୍ ରାଧା ପ୍ରଭୃତି ୬ଟି ଇଟାଭାଟିର ମାଲିକମାନେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ହାତମୁଠାରେ ରଖି ଏପରି ବେଆଇନ୍ କାର୍ଯ୍ୟ କରି ଚାଲିଥିଲେ ମଧ କୌଣସି ପ୍ରତିକାର ହେଉନାହିଁ। ଜନବସତି ନିକଟରେ ଭାଟିଗୁଡିକ କାର୍ଯ୍ୟ କରୁଥିବାରୁ ଲୋକମାନେ ବିଭିନ୍ନ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରୁଛନ୍ତି। ଗାଁର ଉତ୍ତରପଟେ ଇଟାଭାଟି ଓ ଦକ୍ଷିଣପଟେ ସୁବର୍ଣ୍ଣରେଖା ନଦିରୁ ବାଲି ଉତ୍ତୋଳନ ଯୋଗୁଁ ଅଧିକ ପ୍ରଦୂଷଣ ହେଉଥିବାରୁ ଏହାର ପ୍ରତିକାର ଲାଗି ଆଜି ଚିନ୍ମୟ ଦାସ, ଦିବାକର ଦାସ, ଚକ୍ରଧର ଦାସ, ଜ୍ୟୋସ୍ନା ବେହେରାଙ୍କ ସହିତ ବହୁ ଗ୍ରାମବାସୀ ଜିଲାପାଳ, ପ୍ରଦୋଷଣା ଚେୟାରମ୍ୟାନ, ତହସିଲଦାର, ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ଓ କୁଟୀର ବହିମେଳାର ସପ୍ତମ ଦିବସ




ବାଲେଶ୍ୱର,୨।୩ (ସମିସ): ସଂଗଠକ ଥିଲେ ସଂଗଠନ ଥାଏ। ସଂଗଠନ ଏକ ଫୁଲ ହେଲେ କର୍ମପ୍ରବାହ ତା'ର ମହକ। ସଂଗଠନ ପାଇଁ ଉତ୍ସାହ, ଆତ୍ମପ୍ରତ୍ୟୟ ଓ ପରିବେଶ ଦରକାର। ସାହିତ୍ୟ ଗୋଟିଏ ଜାତିର ଚେତନା ହୋଇଥିବା ବେଳେ ସାହିତ୍ୟ ସଂଗଠନ ମାଧ୍ୟମରେ ଏହାର ବିକାଶ ସମ୍ଭବ ହୋଇଥାଏ। ଅନୁଷ୍ଠାନ ଚଳାଇବାକୁ ହେଲେ ଅବଧୂତଙ୍କ ପରି ସମସ୍ତଙ୍କୁ ନିଜର ଗୁରୁ ବୋଲି ମାନିବାକୁ ପଡ଼ିବ ଓ ଧ୍ରୁବ ପରି ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିବାକୁ ପଡ଼ିବ ବୋଲି ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ଭାଷାପକ୍ଷର ସପ୍ତମ ଦିବସରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଚନ୍ଦ୍ରଭାଗାର ନିର୍ଦ୍ଦେଶକ କବି ଶ୍ରୀଦେବ, ପ୍ରଜାପତି ଅନୁଷ୍ଠାନର ମୁଖ୍ୟ କବି ପ୍ରଶାନ୍ତ ଦାସ, ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଯୁଗ୍ମ ସଂପାଦକ କବି ଜୁମରନାଥ ପାତ୍ର "ଓଡ଼ିଆ ସାହିତ୍ୟ ସଂଗଠନ' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତା ଭାବେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ପ୍ରାକ୍‌କଥା ରଖିଥିଲେ। ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଆଲୋଚନାଚକ୍ରର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର




ବାଲେଶ୍ୱର,୨।୩ (ସମିସ): ବରୁଣ ସିଂ ଶ୍ରୀ ଜଗନ୍ନାଥ ଏଜୁକେଶନାଲ ଫାଉଣ୍ଡେସନ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି ଅବସରରେ 'ଭାରତୀୟ ଶିକ୍ଷାର ବିକାଶ: ଚାର୍ଟର୍ ଆଇନରୁ ରାଷ୍ଟ୍ରୀୟ ଶିକ୍ଷା ନୀତି୨୦୨୦ ପର୍ଯ୍ୟନ୍ତ' ଶୀର୍ଷକରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ମୁଖ୍ୟ ଅଧ୍ୟକ୍ଷ ନିରଞ୍ଜନ ବେହେରା ସଂରକ୍ଷକ ଭାବେ ଉପସ୍ଥିତ ଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ, ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ସହାୟକ ପ୍ରଫେସର, ଡ଼. ଶିଖାଶ୍ରୀ ରାୟ ମୁଖ୍ୟ ଅତିଥି ଓ ଶାନ୍ତିଗୋପାଳ ଜାନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କିପରି ଗୁରୁକୁଳ ପ୍ରଣାଳୀ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ଜଡିତ ସେବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ମାର୍କଣ୍ଡ ସେଠୀ ଅତିଥି ପ୍ରତ୍ରୋତ୍ସାହକ ଭାବେ ଉପସ୍ଥିତ ଥିଲେ। ଇତିହାସ ବିଭାଗ ବିଭାଗ ଅଧ୍ୟାପକ କାର୍ଯ୍ୟକ୍ରମର ସଂଯୋଜକ ଥିଲେ ଇତିହାସ ବିଭାଗ ଅଧ୍ୟାପକ ଶାନ୍ତନୁ କୁମାର ପତି। କାର୍ଯ୍ୟକ୍ରମ ପରିଚାଳନା ଇତିହାସ ବିଭାଗର ଅଧ୍ୟାପକ ବିକାଶ ନାୟକ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ଡ଼. ଶଶୀକାନ୍ତ ମହାନ୍ତି ଅତିଥିମାନଙ୍କ ପରିଚୟ ଦେଇଥିଲେ। ଶେଷରେ ଓଡ଼ିଆ ବିଭାଗ ଅଧ୍ୟାପକ କୈଳାଶ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣି ବିଭାଗର ଚଢ଼ଉ, ପଥର ଜବତ

ସୋର,୨।୩ (ସମିସ): ସୋର ଥାନା ବାଗୁଡ଼ି ପଥର ଖାଦାନରେ ବେଆଇନ ପଥର ଲୁଟ ହେଉଥିବାବେଳେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜବତ ପଥରକୁ ନିଲାମ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପଥର ଚୋରିରେ ରୋକ ଲଗାଇବାକୁ ଖାଦାନ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲେ ମଧ ମାଫିଆମାନେ ଏହାକୁ ଖାତିର ନକରି କୋଟି କୋଟି ଟଙ୍କାର ପଥର ଲୁଟ୍ କରୁଛନ୍ତି। ଆଜି ପଥର ଚାଲାଣ ହେଉଥିବାର ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ, ସମ୍ବିତ କୁମାର ମଣି ଖାଦାନରେ ଚଢ଼ଉ କରିଥିଲେ। ଏହି ସମୟରେ ୪୭ ନମ୍ବର କ୍ୱାରିରୁ ହଜାରେ କ୍ୟୁବି ମିଟର ପଥର ଜବତ କରିଥିଲେ। ଅପରାହ୍ଣରେ ସୋର ତହସିଲଦାରଙ୍କ ଉପସ୍ଥିତିରେ ଜବତ ପଥରକୁ ୪ ଲକ୍ଷ ୭୪ ହଜାର ୩୦୯ ଟଙ୍କାରେ ନିଲାମ କରିଛନ୍ତି।

# ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବ୍ୟାସକବିଙ୍କ ଜନ୍ମସ୍ଥାନ

ବାଲେଶ୍ୱର,୨।୩(ସମିସ)

ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବାଲେଶ୍ୱର ସହର ମଲ୍ଲିକାଶପୁରରେ ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ସାମିଲ ହୋଇଛି। ଏହି ଯୋଜନାରେ ଐତିହ୍ୟ ଗ୍ରାମ ବିକାଶ ପାଇଁ ଖର୍ଚ୍ଚ ହେବ ୧୫ କୋଟି ବୋଲି ଜଣାପଡିଛି। ତେବେ ଫକୀରମୋହନଙ୍କ ଜନ୍ମସ୍ଥାନ ତଥା ଶାନ୍ତିକାନନ ବିକାଶ ପାଇଁ ପୂର୍ବରୁ ମଧ ଅର୍ଥ ଆସିଛି ହେଲେ ଏହାର କାମ ହୋଇପାରିନାହିଁ। ତେବେ ଏହି ଯୋଜନାର କାମ କେବେ ଆରମ୍ଭ ହୋଇ ସଫଳ ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା।

ସୂଚନାଯୋଗ୍ୟ, ଓଡିଶାର ମହାପୁରୁଷମାନଙ୍କ ସ୍ମୃତିରେ ଐତିହ୍ୟ ଗ୍ରାମ ଯୋଜନା ଘୋଷଣା କରାଯାଇଥିଲା। ମହାପୁରୁଷମାନଙ୍କ ଜନ୍ମସ୍ଥାନର ବିକାଶ ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ରଖାଯାଇଥିଲା। ଏହି ଯୋଜନା ଅଧିନରେ ବାଲେଶ୍ୱରର ବରପୁତ୍ର କଥାସମ୍ରାଟ ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ମଲ୍ଲିକାଶପୁର ଗ୍ରାମକୁ ଐତିହ୍ୟ ଗ୍ରାମ ଭାବେ ଘୋଷଣା କରାଯାଇଛି। ସମ୍ପ୍ରତି ସରକାରଙ୍କ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ମଲ୍ଲିକାଶପୁର ଗ୍ରାମକୁ ସାମିଲ କରାଯାଇ ଯୋଜନାରେ ହେବାକୁ ଥିବା ଉନ୍ନତିମୂଳକ ପ୍ରକ୍ରିୟା ଯୋଜନା କରାଯାଇଛି। ଓଡ଼ିଶାର-ସାମାଜିକ-ସାଂସ୍କୃତିକ-ସାହିତ୍ୟିକ ପରିବେଶକୁ ଗଢ଼ି ତୋଳିଥିବା ପ୍ରତିଷ୍ଠିତ ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଏବଂ ମହାନ୍ ବ୍ୟକ୍ତିତ୍ୱଙ୍କ ଅବଦାନ ପରପିଢ଼ିକୁ ପ୍ରେରିତ ଓ ଅନୁପ୍ରାଣିତ ତଥା ସେମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର "ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା' ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ସର୍ବାଧିକ ୩୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ଆବଶ୍ୟକତା ଅନୁଯାୟୀ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ଓଡିଆ ଭାଷାର ତ୍ରାଣକର୍ତ୍ତା ଭାବେ ପରିଚିତ ବରପୁତ୍ର ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ମଲ୍ଲିକାଶପୁରକୁ "ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ର ପ୍ରଥମ ପର୍ଯ୍ୟାୟରେ ସ୍ଥାନିତ କରାଯାଇଛି। ଏହି ଯୋଜନା ଅଧୀନରେ ବରପୁତ୍ରଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ। ସେଠାରେ ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଂଚ, ଶିଶୁ ଉଦ୍ୟାନ ସ୍ଥାପନ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ବିକାଶ କରାଯିବ। ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ସ୍ମାରକୀ ସ୍ଥାପନ କରାଯିବ। ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ସେହି ଅଂଚଳର ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଓ ହସ୍ତଶିଳ୍ପ ଉତ୍ପାଦ ପ୍ରଭୃତିର ବିକ୍ରୟ କେନ୍ଦ୍ର ସ୍ଥାପନ କରାଯିବ। ବରପୁତ୍ରଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ସେମାନଙ୍କର ଆଦର୍ଶ, ପ୍ରେରଣା ଓ ମୂଲ୍ୟବୋଧର ପ୍ରଚାର ପ୍ରସାର କରାଯିବ। ତେବେ ଏହି ପ୍ରସଙ୍ଗ ନିକଟ ବଜେଟ ଅଧିବେଶନରେ ମଧ ଉଠିଥିଲା।

**ଐତିହ୍ୟ ଗ୍ରାମ ବିକାଶ ପାଇଁ ଖର୍ଚ୍ଚ ହେବ ୧୫ କୋଟି**

# ସମ୍ପାଦକୀୟ



ଅନ୍ୟର ଅଧିକାର ଉଲ୍ଲଘଂନ କଲେ ଯାଇ ଆଇନ ଆଖିରେ ଭୁଲ୍ ବୋଲି ଧରାଯାଏ, କିନ୍ତୁ ନୈତିକତା ଆଧାରରେ ସେ ବିଷୟରେ ଚିନ୍ତା କରିବା ହିଁ ଭୁଲ୍।
-ଇମାନୁଏଲ୍ କାଣ୍ଟ

ସକାଳ
THE SAKALA

## କ୍ଷମତାର ମୁଖା ଖୋଲିଛି

ଦିଲ୍ଲୀ 'ଆପ୍' ସରକାରର ମଦ ନୀତି ଭ୍ରଷ୍ଟାଚାର ମାମଲାରେ ସିବିଆଇର ସ୍ୱତନ୍ତ୍ର ଅଦାଲତ ଗତ ଶୁକ୍ରବାର ଯେଉଁ ରାୟ ଶୁଣାଇଛନ୍ତି ତାହା କେବଳ ଦେଶବାସୀଙ୍କୁ ଚକିତ କରିନାହିଁ ଏହାର ପୃଷ୍ଠଭାଗରେ ଥିବା ମନ୍ଦ ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି। ଏପର୍ଯ୍ୟନ୍ତ କ୍ଷମତା ରାଜନୀତି ପ୍ରତିପକ୍ଷ ବିରୋଧୀଙ୍କୁ ସାଧାରଣରେ ନିନ୍ଦିତ ଓ ବଦ୍‌ନାମ କରିବା ପାଇଁ ଦେଶର ଦୁଇ ପ୍ରମୁଖ ତଦନ୍ତକାରୀ ସଂସ୍ଥାକୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରୟୋଗ କରୁଛି ବୋଲି ହେଉଥିବା ସମାଲୋଚନାର ଯେ ଯଥାର୍ଥତା ଅଛି ତାହା ପ୍ରମାଣିତ ହୋଇଛି। ତେବେ ସିବିଆଇ ଏହି ରାୟ ବିରୋଧରେ ହାଇକୋର୍ଟରେ ଆବେଦନ କରି ସମାଲୋଚନାରେ ସାମୟିକ ବିରାମ ଦେଇଥିବା ଭଳି ମନେ ହୁଏ। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ହାଇକୋର୍ଟ ଏହି ମାମଲାର ଅଭିଯୁକ୍ତ ଅରବିନ୍ଦ କେଜ୍ରିୱାଲ ଓ ମନୀଷ ସିସୋଦିଆଙ୍କ ଜାମିନ ଆବେଦନକୁ ବାରମ୍ବାର ପ୍ରତ୍ୟାଖାନ କରିବାରୁ ସେମାନଙ୍କୁ ଯଥାକ୍ରମେ ୬ ଓ ୧୭ ମାସ ଜେଲରେ ବିତାଇବାକୁ ପଡ଼ିଛି। ଏହି ମାମଲାରେ ସମସ୍ତ ୨୩ ଜଣ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିବା ବେଳେ ସିବିଆଇର ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମ୍ବେଦନଶୀଳ ଭ୍ରଷ୍ଟାଚାର ମାମଲା ନିମ୍ନ ଅଦାଲତରୁ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଘୂରି ବୁଲୁଥିବା ବେଳେ ସିବିଆଇର ତଦନ୍ତ ସହ ଇଡିକୁ ଏହି ପ୍ରକ୍ରିୟାରେ ସଂଯୁକ୍ତ କରାଯାଇଥିଲା। ମନି ଲଣ୍ଡରିଂ ଆକ୍ଟର କଠୋର ନିୟମ ମାଧ୍ୟମରେ ଅଭିଯୁକ୍ତମାନଙ୍କୁ ଅଧିକ ଦିନ ଜେଲରେ ଅଟକ ରଖିବାର ସୁଯୋଗ ଏକ୍ଷେତ୍ରରେ ପ୍ରୟୋଗ କରାଯାଉଥିଲା। ଜାମିନ ଆବେଦନର ଶୁଣାଣି ବେଳେ ବିଚାରପତିଙ୍କ ଅସହାୟତାରୁ ଏହା ସ୍ପଷ୍ଟ ହୋଇଥିଲା। ରାୟ ପ୍ରଦାନ କରିଥିବା ଅତିରିକ୍ତ ଦୌରାଜଜ ଜିତେନ୍ଦ୍ର ସିଂହ ପୁଣି ଥରେ ପ୍ରମାଣ କରିଛନ୍ତି ଯେ ଭାରତୀୟ ବିଚାର ବ୍ୟବସ୍ଥା ନିରପେକ୍ଷ ଓ ଚାପମୁକ୍ତ। ଅନୁସଂଧାନକାରୀ ସଂସ୍ଥା ପକ୍ଷରୁ ଅଦାଲତରେ ୧୪ ହଜାର ଇମେଲ ସହ ଦସ୍ତାବିଜର ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା। ଏହା ଅଭିଯୋଗର ଯଥାର୍ଥତା ପ୍ରମାଣ କରିବା ସକାଶେ ଯେତିକି ନୁହେଁ ଶୁଣାଣି କରୁଥିବା ବିଚାରପତିଙ୍କୁ ବିଭ୍ରାନ୍ତ ଓ ସମୟସାପେକ୍ଷତାକୁ ଦୃଷ୍ଟିରେ ରଖି କରାଯାଇଥିବା ଭଳି ମନେ ହୁଏ। ଏହି ଯୋଜନାବଦ୍ଧ ପ୍ରୟାସର ଲକ୍ଷ୍ୟ ହାସଲ ହୋଇଛି ସତ, କିନ୍ତୁ ମନ୍ଦ ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି।

ରାୟ ପ୍ରକାଶ ପରେ ପରେ କେଜ୍ରିୱାଲ୍‌ଙ୍କ ପ୍ରତିକିୟାକୁ କୋଳାଶ୍ରିତ ଗଣମାଧ୍ୟମରୁ ତର୍ଜମା ଓ ବିଚାରରେ ସାଧାରଣରେ ଯେଉଁ ଧାରଣା ସୃଷ୍ଟି ହୋଇଛି ସେଥିରେ ଏହି ଦୋଷମୁକ୍ତିର ଭୂମିକା ଗୌଣ ହୋଇପଡ଼ିଛି। ଏବେ ମଧ୍ୟ ବିଶ୍ୱାସ ଓ ଅବିଶ୍ୱାସର ସନ୍ଧିକ୍ଷଣ ମଧ୍ୟରେ ଅପହୃତ ସମ୍ମାନ ଫେରିପାଇବା ଏତେ ସହଜ ନୁହେଁ। ଯାହାକି ଜେଲର ଯାତନାଠାରୁ ଅଧିକ ପୀଡ଼ାଦାୟକ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ଯେଉଁ ରାଜନୈତିକ ଷଡ଼ଯନ୍ତ୍ର ହୋଇଥିଲା ତାହା କ୍ଷମତାର ମୁଖା ଖୋଲି ଦେଇଥିଲେ ମଧ୍ୟ ତାହା କେତେଦୂର ବ୍ୟବସ୍ଥାକୁ ପ୍ରଭାବିତ କରିବ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ●

## ବଢୁଛି ନାରୀ ନିର୍ଯାତନା

ରାଜ୍ୟ ସରକାର ଉପସ୍ଥାପନ କରିଥିବା ନିଜ ତଥ୍ୟରେ ଦୋଷୀ ସାବ୍ୟସ୍ତ ହୋଇଗଲେଣି। ରାଜ୍ୟରେ ସୁଭଦ୍ରା ଯୋଜନା ମାଧ୍ୟମରେ ଲକ୍ଷପତି ମହିଳା ସଂଖ୍ୟା ବୃଦ୍ଧି ଆକଳନ କରି ନିଜ ପିଠି ଥାପୁଡ଼ାଇ ଚାଲିଥିବା ସରକାର ସେମାନଙ୍କୁ ସୁରକ୍ଷା ଓ ନିରାପତ୍ତା ଯୋଗାଇବାରେ ଅସମର୍ଥ ତାହା ସ୍ପଷ୍ଟ ହୋଇଛି। ନିଜେ ମୁଖ୍ୟମନ୍ତ୍ରୀ ଗୃହ ଦାୟିତ୍ୱରେ ଅଛନ୍ତି। କେବଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ଯଦି ପୁଲିସ ବାହିନୀକୁ ସମର୍ଥ ଓ ସକ୍ଷମ କରାଯାଇପାରନ୍ତା ତେବେ ଚିନ୍ତା ନଥା'ନ୍ତା। ନାରୀ ନିର୍ଯାତନା ଓ ବଳାତ୍କାର ଘଟଣା ନିୟନ୍ତ୍ରିତ ହୋଇପାରନ୍ତା। କିନ୍ତୁ ଏହା ବାସ୍ତବ ଆଧାରିତ ନୁହେଁ।

ନାରୀ ନିର୍ଯାତନା ସଂକ୍ରାନ୍ତ ତଥ୍ୟ ଉପସ୍ଥାପନ କଲା ବେଳେ ବର୍ଦ୍ଧିତ ପରିସଂଖ୍ୟାନ ପାଇଁ ଲଜ୍ଜିତ ହେବାକୁ ପଡୁଛି। ମା' ଓ ମହିଳାଙ୍କୁ ସ୍ୱତନ୍ତ୍ର ସମ୍ମାନ ଦେବାକୁ କହି ଆସୁଥିବା ସରକାର ନିଜର ଅପାରଗତା ଓ ଅସଫଳତାକୁ ଘୋଡ଼ାଇବାକୁ ଯାଇ କେବଳ ଅପଦସ୍ତ ହେବା ସାର ହୋଇଛି। କଥାକଥାକେ ସରକାର ପରିସ୍ଥିତିକୁ ସୁଧାରିବା ପରିବର୍ତ୍ତେ ସହାୟତା ରାଶି ଘୋଷଣା କରି ପ୍ରତିବାଦର ସ୍ୱରକୁ ଚପାଇ ଦେବାର ଉଦ୍ୟମ କରିଚାଲିଛନ୍ତି। କିଛି ଅର୍ଥ ବିନିମୟରେ ପୀଡ଼ିତାର କ୍ଷତ ଯେ ଭରଣା ହୋଇଯିବ ଏକଥା ନୁହେଁ। ରାଜ୍ୟର ଅଧିକାଂଶ ଥାନାରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ ସକ୍ରିୟ ଥିବା ସତ୍ତ୍ୱେ ୨୦୨୫ରେ ୩୨,୬୮୭ଟ ନାରୀ ନିର୍ଯାତନା ମାମାଲା ରୁଜୁ ହୋଇଛି। ସେଥିମଧ୍ୟରେ ନାରୀ ଅପହରଣ ଜନିତ ମାମଲା ସଂଖ୍ୟା ୭,୩୯୮। ଏହା ହିସାବକୁ ନେଲେ ଦୈନିକ ହାରାହାରି ୨୦ ରୁ ଊର୍ଦ୍ଧ୍ୱ ମହିଳା ଆମ ରାଜ୍ୟରେ ଅପହୃତ ହେଉଛନ୍ତି। ଏହାକୁ ବାଦଦେଲେ ୨୯୯୪ ଟି ବଳାତ୍କାର ମାମଲା ଓ ୧୧୫ ଦୁଷ୍କର୍ମ ଉଦ୍ୟମ ମାମଲା ରୁଜୁ ହୋଇଛି। ଅନୁରୂପ ଘଟଣାକ୍ରମରେ ବିବାହ ପ୍ରଲୋଭନ ଦେଖାଇ ଅସଦାଚରଣ କରାଯାଉଥିବା ଘଟଣା ପୁଲିସ ରେକର୍ଡ ଅନୁଯାୟୀ ୭୦୨। ପରିସଂଖ୍ୟାନ କୁହେ ଯେ ଯୌନ ଉତ୍ପୀଡ଼ନ ଓ ଯୌନ ଶୋଷଣ ନେଇ ରୁଜୁ ହୋଇଥିବା ମାମଲା ସଂଖ୍ୟା ଯଥାକ୍ରମେ ୭୩୮୨ ଓ ୧୧୮୩। ରାଜ୍ୟ ରାଜଧାନୀଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ମହିଳାଙ୍କୁ ସାଧାରଣ ସ୍ଥାନରେ ଖରାପ ଇଙ୍ଗିତ ଓ ଅସଦାଚରଣ କରିବା ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ନିଜକୁ ଅସୁରକ୍ଷିତ ମଣୁଥିବାରୁ ସନ୍ଧ୍ୟା ପରେ ମହିଳା ଏକୁଟିଆ ବଜାର କରିବାକୁ ମଧ୍ୟ ସାହସ କରୁନାହାନ୍ତି। ଏଥିସହ ସଂପୃକ୍ତ ୧୪୪୮ ମାମଲା ରୁଜୁ ହୋଇଛି। ମହିଳାଙ୍କ ସହ ସଂପର୍କ ରକ୍ଷା କରି ଭିଡିଓ ଭାଇରାଲ ମାଧ୍ୟମରେ ବ୍ଲାକମେଲ୍ କରିବା ଘଟଣା କ୍ରମାଗତ ବୃଦ୍ଧି ପାଇଛି। ଯୌତୁକ ନିର୍ଯାତନାରେ ମୃତ୍ୟୁ ଓ ତାଡ଼ନା ସହ୍ୟ କରି ନ ପାରି ଆତ୍ମହତ୍ୟା ଘଟଣା ଓ ମାମଲା ସଂଖ୍ୟା ୧୦ ହଜାର ଅତିକ୍ରମ କରିଛି।

ଥାନାରେ ମହିଳା ଓ ଶିଶୁ ଡେସ୍କ ସହିତ କ୍ରାଇମବ୍ରାଞ୍ଚ ଅଧୀନରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା କାର୍ଯ୍ୟକ୍ଷମ। ପ୍ରତି ଜିଲ୍ଲାରେ ସମନ୍ୱିତ ମହିଳା ଚାଲାଣ ନିରୋଧ ଶାଖା ମଧ୍ୟ ରହିଛି। ସରକାରୀ ବ୍ୟବସ୍ଥା ଓ ବ୍ୟୟବରାଦରେ କିଛି ଢିଲା ନାହିଁ। କିନ୍ତୁ ସ୍ଥିତି ଅପରିବର୍ତ୍ତିତ ରହିଛି। ଏସବୁକୁ ଅନୁଧ୍ୟାନ କଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଆମ ଲୋକ ଚରିତ୍ର କ'ଣ ଏତେ ନିମ୍ନଗାମୀ ହୋଇଗଲାଣି? ସତ କହିବାକୁ ଗଲେ ପୁଲିସ ବ୍ୟବସ୍ଥା ବିଗିଡ଼ି ଯାଇଥିବାରୁ ଜନଜୀବନ ଏକପ୍ରକାର ଲଗାମଛଡ଼ା ହୋଇଯାଇଛି। ●

## 'ଭେଣ୍ଟିଲେଟର'ରେ ଓଡ଼ିଶାର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା

ପ୍ରହଲାଦ କୁମାର ସିଂହ

ଚରିତ୍ରବିହୀନ ଶିକ୍ଷା ହେଉଛି ନୀତିବିହୀନ ରାଜନୀତି ପରି ଏକ ଭୟଙ୍କର ପାପ। ଏହି ପାପ ପାଇଁ ଆମେ ଛାତ୍ରଛାତ୍ରୀଙ୍କୁ ଦାୟୀ କରିପାରିବା ନାହିଁ। ବ୍ୟବସ୍ଥାର ବଡ଼ପଣ୍ଡାମାନେ ଏଥିଲାଗି ସଂପୂର୍ଣ୍ଣ ଦାୟୀ। କୁହାଯାଏ 'ସା ବିଦ୍ୟା ଯା ବିମୁକ୍ତୟେ'। ବିଦ୍ୟା ହିଁ ମୁକ୍ତିର ବାଟ ଦେଖାଏ। ଅସତ୍ ପଥରୁ ସତ୍ ପଥକୁ, ଅନ୍ଧକାରରୁ ଆଲୋକ ଆଡ଼କୁ ଏବଂ ମୃତ୍ୟୁରୁ ଅମୃତଲୋକକୁ ନେଇଯାଏ ବିଦ୍ୟା। କିନ୍ତୁ ଏବେ ବେକାରୀ, ବେରୋଜଗାରୀ ଯୁଗରେ ଶିକ୍ଷିତ ଯୁବକଯୁବତୀମାନଙ୍କ ଅବସ୍ଥା କ'ଣ ହେଉଛି ତାହା ସମସ୍ତେ ଜଳଜଳ କରି ଦେଖୁଥିବା ବେଳେ ପ୍ରତିକାର କରିବା ପରିବର୍ତ୍ତେ ବ୍ୟବସ୍ଥାର ବଡ଼ପଣ୍ଡାମାନେ ନିଶା, ହିଂସା, ଆଳସ୍ୟ, ଜଡ଼ତା ଆଦିରେ ସେମାନଙ୍କୁ ବୁଡ଼ାଇ ରଖିବା ପାଇଁ ଅହରହ ଷଡ଼ଯନ୍ତ୍ର ଚଳାଇଛନ୍ତି। ଏବେ ସମ୍ବାଦ ପ୍ରକାଶ ପାଇଛି କେନ୍ଦ୍ରାପଡ଼ା ଜିଲ୍ଲାର କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାମାନେ ଶିକ୍ଷକ ନିଯୁକ୍ତି ପାଇଁ ଅଳି କରି କର୍ତ୍ତୃପକ୍ଷ ଯୋଗାଉଥିବା ମାଗଣା ଭୋଜନ ଓ ମାଗଣା ପୋଷାକକୁ ବର୍ଜନ କରିଛନ୍ତି। କିଛିବର୍ଷ ତଳେ ଅବିଭକ୍ତ କୋରାପୁଟ ଜିଲ୍ଲାର ଆମିଳିପୁଟ ବିଦ୍ୟାଳୟର ପିଲାମାନେ ରାସ୍ତା ଅବରୋଧ କରି ନେହୁରା ହେଉଥିଲେ ସେମାନଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ଶିକ୍ଷକ ନିଯୁକ୍ତି କରିବାକୁ। ଏଭଳି ଅବସ୍ଥା ନଗଡ଼ାରୁ ନୂଆପଡ଼ା ପର୍ଯ୍ୟନ୍ତ ସାରା ରାଜ୍ୟରେ ଲାଗି ରହିଛି।

ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ ମରୁଡ଼ି ଅବସ୍ଥା ଅତି ଉତ୍କଟ ଥିବା ବେଳେ 'ପର୍ସେଣ୍ଟେଜ୍‌ରାଜ' ବ୍ୟବସ୍ଥାରେ କିନ୍ତୁ ନିର୍ମାଣ ଓ ରଙ୍ଗ ଦେବା କାମରେ କୋଟିକୋଟି ଟଙ୍କା ବରବାଦ ହୋଇଚାଲୁଛି। ତେଣେ ହଜାର ହଜାର ସରକାରୀ ସ୍କୁଲ ବି ବନ୍ଦ ହୋଇଯାଉଛି। ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ପାଖାପାଖି ୫୦ ହଜାର ଶିକ୍ଷକ ପଦବୀ ଖାଲି ବୋଲି କୁହାଯାଉଛି। ଏମିତିକି ଅନେକ ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ନାହିଁ କି ଜଣେ ଲେଖାଏଁ ଶିକ୍ଷକ ନାହାନ୍ତି। କେତେକ ହାଇସ୍କୁଲରେ ତ କ୍ରୀଡ଼ା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଗଣିତ, ବିଜ୍ଞାନ ଆଦି ପଢ଼ାଇବାକୁ ପଡୁଛି। ରାଜ୍ୟରେ ଲକ୍ଷଲକ୍ଷ ଉଚ୍ଚଶିକ୍ଷିତ ଯୁବକଯୁବତୀ ସିଟି ତାଲିମ ଏବଂ ବିଏଡ୍ ଓ ଏମ୍‌ଏଡ୍ ଆଦି ଡିଗ୍ରୀ ଧରି ବାରଦୁଆର ହେଉଥିବା ବେଳେ ବିଦ୍ୟାଳୟଗୁଡ଼ିକରେ କିନ୍ତୁ ଶିକ୍ଷକ ମରୁଡ଼ି ଜନିତ ସ୍ଥିତି ଉତ୍କଟତର ଥିବାରୁ ପିଲାମାନଙ୍କ ପାଠପଢ଼ା ଆରମ୍ଭରୁ ଖଇଚା ରହୁଛି।

ରାଜ୍ୟରେ ଅନ୍ୟୂନ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। ଭାରପ୍ରାପ୍ତ କୁଳପତିଙ୍କ ଭରସାରେ ସଂଖ୍ୟାଧିକ ବିଶ୍ୱବିଦ୍ୟାଳୟ ଚାଲୁଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୬୮ ପ୍ରତିଶତରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଗବେଷଣା, ଶିକ୍ଷାଦାନ, ପରୀକ୍ଷା ପରିଚାଳନା ଏବଂ ପ୍ରଶାସନିକ କାର୍ଯ୍ୟରେ ଅବ୍ୟବସ୍ଥା ଲାଗି ରହିଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ୨୯୯ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ଥିବା ବେଳେ ସେଥିରୁ ୨୬୧ଟି ଖାଲି। ବସ୍ତୁତଃ ଅନେକ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ବିନା ପ୍ରଫେସରରେ ଚାଲୁଛି। ସେହିଭଳି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୫୯୩ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରଫେସର ପଦବୀ ଥିବା ବେଳେ ସେଥିରୁ ବି ୪୫୮ଟି ଖାଲି। ୧୧୯୪ଟି ସହକାରୀ ପ୍ରଫେସର ପଦବୀରେ ମଧ୍ୟରୁ ୭୦୮ଟି ଖାଲି। ମୋଟାମୋଟି ଭାବେ ସରକାରୀ ହିସାବ ମୁତାବକ କେବଳ ଉଚ୍ଚଶିକ୍ଷା ବିଭାଗର ଏହି ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ପାଇଁ ୨୦୮୬ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀରୁ ୧୪୨୭ ଖାଲି ପଡ଼ିଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୩୦୮୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବା ବେଳେ ସେଥିରୁ ୨୩୨୫ଟି ଖାଲି ପଡ଼ିଛି। ଅର୍ଥାତ୍ ଏ କ୍ଷେତ୍ରରେ ବି ଖାଲି ପଦବୀ ସଂଖ୍ୟା ୭୫ ପ୍ରତିଶତରୁ ଅଧିକ। ରାଜ୍ୟ ସରକାର ୨୦୨୬ ଫେବୃଆରୀ ମାସରେ ବିଧାନସଭାରେ ଦେଇଥିବା ତଥ୍ୟରୁ ଏହା ଜଣାପଡୁଛି। ରାଜ୍ୟରେ ଲକ୍ଷଲକ୍ଷ ବେକାର ଯୁବକଯୁବତୀ କର୍ମନିଯୁକ୍ତି ପାଇପାରୁ ନ ଥିବା ବେଳେ ଏ ପଦବୀ ସବୁ କିନ୍ତୁ ପୂରଣ କରାଯାଉ ନାହିଁ।

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବୈଷୟିକ ଗବେଷଣା ବିଶ୍ୱବିଦ୍ୟାଳୟ, ଓଡ଼ିଶା ମେଡିକାଲ ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଏହାର ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ମାଳମାଳ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ବର୍ଷବର୍ଷ ଧରି ଖାଲି ରହିଛି। ସରକାରୀ ଆଇଟିଆଇ, ଇଞ୍ଜିନିୟରିଂ ସ୍କୁଲ ଓ କଲେଜ୍, ପଲିଟେକ୍‌ନିକ୍, ସିଟି, ବି.ଏଡ୍ ଶିକ୍ଷାନୁଷ୍ଠାନମାନଙ୍କରେ ତ ଏହି ସମସ୍ୟା ଅତି ସାଙ୍ଘାତିକ। କିନ୍ତୁ ମୂଳ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ନିଯୁକ୍ତି ନପାଇ ହା'ହତାଶାରେ ଛଟପଟ ହେଉଥିବା ଯୁବକଯୁବତୀମାନଙ୍କୁ ନିଯୁକ୍ତିଦାତା ହେବାର ଆହ୍ୱାନ ଦିଆଯାଉଛି।

ସେହିପରି ଓଡ଼ିଶାରେ ଥିବା ସରକାରୀ ଡିଗ୍ରୀ କଲେଜ୍‌ଗୁଡ଼ିକରେ ୬୬୬ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଅଧିକାଂଶ ଅଟୋନୋମସ କଲେଜ୍‌ରେ ବ୍ୟାପକ ସଂଖ୍ୟକ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲିଥିବାରୁ ଏହା ସତେଯେମିତି ଅଟୋମେଟିକ୍ ଭାବେ ଚାଲୁଛି। ଫକୀରମୋହନ ଅଟୋନୋମସ କଲେଜ୍‌ରେ ୬୫ଟି, ବିଜେବି ଅଟୋନୋମସ କଲେଜ୍‌ରେ ୯୬ଟି, ଏମ୍‌ପିସି ଅଟୋନୋମସ କଲେଜ୍‌ରେ ୮୯ଟି, ଏସ୍‌ସିଏସ୍ ଅଟୋନୋମସ କଲେଜ୍‌ରେ ୮୪ଟି, ଶୈଳବାଳା ମହିଳା ଅଟୋନୋମସ କଲେଜ୍‌ରେ ୪୦ଟି ଅଣଶିକ୍ଷକ ପଦବୀ ଖାଲି। ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ମଧ୍ୟ ତଦ୍ରୂପ। ଅଧିକାଂଶ ସରକାରୀ ଡିଗ୍ରୀ କଲେଜ୍ ଓ ଅଟୋନୋମସ କଲେଜ୍‌ରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଏହି ସରକାରୀ ଡିଗ୍ରୀ କଲେଜ୍‌ଗୁଡ଼ିକରେ ୬୬୬ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଏଥିରୁ ଓଡ଼ିଆରେ ୫୧ଟି, ଶିକ୍ଷାରେ ୯୦ଟି, ଇଂରାଜୀରେ ୭୬ଟି, ଇତିହାସରେ ୬୬ଟି ପଦବୀ ଖାଲି। ବିଜ୍ଞାନ, କଳା, ବାଣିଜ୍ୟରେ ମାଳମାଳ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଅନୁଦାନପ୍ରାପ୍ତ କଲେଜ୍‌ଗୁଡ଼ିକରୁ ଅଧିକାଂଶ ସ୍ଥାନରେ ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ଦ୍ୱାରା କାମ ଚଳାଯାଉଛି। ଏହି କଲେଜ୍‌ଗୁଡ଼ିକରେ ପାଖାପାଖି ୨୦୦୦ ଶିକ୍ଷକ ପଦବୀ ମଧ୍ୟ ଖାଲି। ୪୮୮ ବର୍ଗର କଲେଜ୍‌ଗୁଡ଼ିକରେ ୪୭୫୭ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀରୁ ୩୩୫୯ଟି ଖାଲି ପଡ଼ିଛି।

ରାଜ୍ୟର ସରକାରୀ ମେଡିକାଲ୍ କଲେଜ୍ ଓ ଡାକ୍ତରଖାନାଗୁଡ଼ିକରେ ପ୍ରାୟ ୬୦ ପ୍ରତିଶତରୁ ଅଧିକ ଡାକ୍ତରୀ ଶିକ୍ଷକ ଓ ଡାକ୍ତର ପଦବୀ ଖାଲି। ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ କଲେଜ୍ ଏବଂ ଏହି ଚିକିତ୍ସା ବିଜ୍ଞାନ ଅନ୍ତର୍ଭୁକ୍ତ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଅବସ୍ଥା ଅତି ସାଙ୍ଘାତିକ। ସତେଯେମିତି ଆମ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଆଇସିୟୁ ଭିତରେ କୋମାରେ ଥାଇ ଭେଣ୍ଟିଲେଟର ସହାୟତାରେ ବଞ୍ଚିବାକୁ ସଂଘର୍ଷ କରୁଛି। ଗୋଟିଏ ପଟେ ଆମେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ପାଇଁ ରଙ୍ଗୀନ ନକ୍ସା ଆଙ୍କିବା ସହ ପ୍ରଚାର କାର୍ଯ୍ୟରେ ମସଗୁଲ ଥିବା ବେଳେ ଅନ୍ୟପଟେ କିନ୍ତୁ ଆମ ମୂଳଦୁଆକୁ ଜାଣିଶୁଣି ଦୁର୍ବଳ କରିଦେଉଛୁ।

ଉନ୍ନତ ମାନବସମ୍ବଳ ପାଇଁ ଉଦ୍ଦିଷ୍ଟ ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଲାଭଦାୟକ କି ଅର୍ଥକରୀ ବିଭାଗ ଭାବେ ଗଣୁନାହୁଁ କିମ୍ବା ସେତେଟା ଗୁରୁତ୍ୱ ବି ଦେଉନାହୁଁ। ଶାସନ ଚଳାଇ ଆସୁଥିବା ଦଳମତ ନିର୍ବିଶେଷରେ ରାଜନେତା ଏବଂ ସେମାନଙ୍କ ମୁହଁରେ ଦାନାର ତୋବଡ଼ା ବାନ୍ଧି ବିଭିନ୍ନ ଘାଟରେ ପାଣି ପିଆଉଥିବା ଅମଲାତନ୍ତ୍ରର ବାବୁମାନେ ଅଧିକାଂଶ କ୍ଷେତ୍ରରେ ନିଜ ପିଲାମାନଙ୍କୁ ନାମୀଦାମୀ ଇଂରାଜୀମାଧ୍ୟମ ଘରୋଇ ବିଦ୍ୟାଳୟରେ ପଢ଼ାଇବା ସହିତ ନିଜ ନିଜର ଚିକିତ୍ସା ପାଇଁ କର୍ପୋରେଟ୍ ଡାକ୍ତରଖାନାକୁ ପସନ୍ଦ କରନ୍ତି। ଏମିତିକି କେତେକ ତ ପିଲାମାନଙ୍କୁ ପଢ଼ିବା ପାଇଁ ବିଦେଶ ପଠାଇ ଦିଅନ୍ତି। ଅବଶ୍ୟ ଗରିବ ଲୋକଙ୍କ ଟିକସ ପଇସାରେ ସେମାନେ ପାଉଥିବା ଦରମା ଓ ଉପୁରି ଅର୍ଥରୁ ଏ ବାବଦ ଖର୍ଚ୍ଚ ଭରଣା କରାଯାଏ। ଏମିତିକି ସେମାନଙ୍କ ଆଭିଜାତ୍ୟପୂର୍ଣ୍ଣ ବିଳାସମୟ ଜୀବନ ଯାପନ ପାଇଁ ବି ରାଜକୋଷରୁ ପାଣିଭଳି ଅର୍ଥ ଖର୍ଚ୍ଚ ହୁଏ। ଅଥଚ ସାଧାରଣ ନାଗରିକଟିଏ ତା'ର ପିଲାମାନଙ୍କୁ ଦଣ୍ଡମୁକ୍ତ, ଅଣ୍ଡାଯୁକ୍ତ ମାଗଣା ମଧ୍ୟାହ୍ନଭୋଜନ କୈନ୍ଦ୍ରିକ ସରକାରୀ ବିଦ୍ୟାଳୟକୁ ପଠାଇ ପରବର୍ତ୍ତୀ ସମୟରେ ପସ୍ତାଇବାକୁ ବାଧ୍ୟ ହୁଏ। ବର୍ଷବର୍ଷ ଧରି ଏହି ସମସ୍ୟା ଲାଗି ରହୁଥିବା ବେଳେ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡ଼ିକ ପୂରଣ କରିବା ଦିଗରେ ପ୍ରଶାସନ କଳ ସେତେଟା ଗୁରୁତ୍ୱ ଦିଏ ନାହିଁ। ଏଭଳି ସ୍ଥିତିରେ ଶୃଙ୍ଖଳିତ, ସ୍ୱାବଲମ୍ବୀ, ସବଳ, କୁଶଳୀ, ସ୍ୱାଭିମାନୀ ନାଗରିକ ସୃଷ୍ଟି ନହେଲେ ୨୦୩୬ ବେଳକୁ ସମୃଦ୍ଧ ଓଡ଼ିଶା ଓ ୨୦୪୭ ବେଳକୁ ବିକଶିତ ଭାରତ ଗଠନ କରାଯିବ କିପରି? ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ଜଳବାୟୁ ସହନଶୀଳ କୃଷିର ଆବଶ୍ୟକତା

ଡି ଶୁଭମ୍

ସମୟ ବଦଳୁଛି। ଲୋକଙ୍କର ବଞ୍ଚିବାର ଢାଞ୍ଚା ବି ବଦଳୁଛି। ପାରିପାର୍ଶ୍ୱିକ ପରିସ୍ଥିତି ବଦଳୁଛି। ଏହାରି ଭିତରେ ଜଳବାୟୁ ପରିବର୍ତ୍ତନ ଏକ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ଉଣାଅଧିକେ ଏ ପରିବର୍ତ୍ତନର ଆଭାସକୁ ଅନୁଭବ କରିହେଉଛି। ଏହି ଉପକ୍ରମରେ ଯଦି ଆମେ ଚାଷ ବା କୃଷିର କଥାକୁ ବିଚାର କରିବା, ତେବେ ଏହି ଜଳବାୟୁ ପରିବର୍ତ୍ତନ ଚାଷ ଜମିରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି।

ଗୋଟେ ପଟେ ଜଳବାୟୁ ପରିବର୍ତ୍ତନ ଋତୁଚକ୍ରରେ ଅନିୟମିତତା ଆଣୁଛି। ବର୍ଷାରେ ଅନିୟମିତତା, ତାପମାତ୍ରା ବୃଦ୍ଧି ଫସଲର ଅମଳ ଉପରେ ପ୍ରଭାବ ପକାଉଛି। ମାଟି ତା'ର ସ୍ୱତନ୍ତ୍ରତା ହରାଉଛି। ଫଳରେ ଅଧିକ ସାର ଓ ବିଷର ମାତ୍ରା ବଢୁଛି। ଯେତିକି ଆଦାୟ ହେବା କଥା ତା' ଠାରୁ କମ୍ ହେଉଛି। ଭୂତଳ ଜଳର ପରିମାଣ କମୁଛି। ଅନ୍ୟପଟେ ଧାନ ଜମିରେ ନଡ଼ା ପୋଡ଼ି ଆଉ ଏକ ସଙ୍କଟ ଆଣୁଛି। ଏହାଫଳରେ ବାୟୁର ଗୁଣବତ୍ତା ଉପରେ ସିଧାସଳଖ ପ୍ରଭାବ ପଡୁଛି। ଖାଦ୍ୟ ଓ କୃଷି ସଂସ୍ଥାର ରିପୋର୍ଟ ଅନୁସାରେ ବିଶ୍ୱରେ ବାର୍ଷିକ ୪୫୦ ନିୟୁତ ଟନ୍ ଫସଲ ଅବଶେଷ ପୋଡ଼ା ଯାଉଛି। ଏହାର ୪୦-୫୦ ପ୍ରତିଶତ କେବଳ ଧାନ ଫସଲ, ଯାହାକି ୧.୨ ନିୟୁତ ଟନ ମିଥେନ ଗ୍ୟାସ ନିର୍ଗତ କରି ବାୟୁମଣ୍ଡଳରେ ମିଶାଉଛି। ନଡ଼ାପୋଡ଼ି ଆମ ପାଇଁ ଭୟଙ୍କର ସଙ୍କଟ ନ ସାଜୁ, ସେଥିପାଇଁ ସତର୍କ, ସଚେତନ ଓ ସଜାଗ ରହିବା ଏକାନ୍ତ ଜରୁରୀ।

ଏହି ପରିପ୍ରେକ୍ଷୀରେ ଜଳବାୟୁ ସହନଶୀଳ କୃଷି ନୂଆ ସମ୍ଭାବନା ଆଣିଛି। ଚାଷ ଜମିରେ ଜଳବାୟୁ ପରିବର୍ତ୍ତନ ଫଳରେ ହେଉଥିବା କ୍ଷତିକୁ ପୁନଃଭରଣ ଅଥବା ଏହାକୁ ଆହ୍ୱାନ ରୂପେ ନେଇ ଜଳବାୟୁ ସହନଶୀଳ କୃଷି ଚାଷ ଜମିରେ ଏକ ବିପ୍ଳବ ସୃଷ୍ଟି କରିପାରେ। ଖାଦ୍ୟ ଓ ପୋଷଣ ନିରାପତ୍ତାକୁ ଧ୍ୟାନ ଦେଇ ଭବିଷ୍ୟତ ପିଢ଼ିଙ୍କୁ ଏକ ସୁସ୍ଥ, ସବୁଜ ଓ ସୁରକ୍ଷିତ ଭବିଷ୍ୟତ ଗଠନ କରିବା ଦିଗରେ କରାଯାଉଥିବା କୃଷିକୁ ଆମେ ଜଳବାୟୁ ସହନଶୀଳ କୃଷି କହିଥାଉ। ତେବେ ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ଜଳବାୟୁ ସହନଶୀଳ କୃଷି ଆମ ସମସ୍ତଙ୍କ ପାଇଁ କେବଳ ଆହ୍ୱାନ ନୁହେଁ, ବରଂ ଏକ କର୍ତ୍ତବ୍ୟ। ଗ୍ରାମାଞ୍ଚଳମାନଙ୍କରେ କୃଷକ, ଯୁବକ, ମହିଳା ଓ ଜନଜାତିମାନଙ୍କର ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଏ ଦିଗରେ ଚାଷୀମାନଙ୍କୁ ସଚେତନ କରାଇବାର ସମୟ ଆସିଛି। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଏଦିଗରେ କାର୍ଯ୍ୟକ୍ରମମାନ କରି ଚାଷୀମାନଙ୍କ ମଧ୍ୟରେ ଜଳବାୟୁ ସହନଶୀଳ କୃଷିକୁ ଲୋକପ୍ରିୟ କରିବା ଦିଗରେ ବ୍ରତୀ ହେବା ଆବଶ୍ୟକ।

ଜଳବାୟୁ ସହନଶୀଳ କୃଷି, ସଂରକ୍ଷଣ କୃଷି, ବନୀକରଣ, ସମନ୍ୱିତ କୃଷି, ଜୈବିକ କୃଷି, ପ୍ରାକୃତିକ କୃଷି ପରି ବିଭିନ୍ନ ଉପାଦାନମାନଙ୍କୁ ନେଇ ଗଠିତ। ସମୟ ଥିଲା ଯେବେ ଗ୍ରାମ୍ୟ ଜୀବନରେ ପୁଲକ ଆଉ ସ୍ୱପ୍ନ ସବୁ ବେଶ ରଙ୍ଗୀନ ସାଜୁଥିଲେ ସେବେ ଚାଷ ଜମିରେ ଏ ସ୍ଥିତି ଦେଖିବାକୁ ମିଳୁ ନ ଥିଲା। ଏମିତିକି ଲୋକେ ପୋଖରୀ ଜଳକୁ ଆଡ଼େଇ ପିଉଥିଲେ ଅବା ଗରାରେ ପାଣି ଆଣି ତାହାକୁ ଛାଣି ପିଉଥିଲେ। ଏବେ ଜଳବାୟୁ ପରିବର୍ତ୍ତନର ଫଳ ସ୍ୱରୂପ ପାଣିକୁ ସଂରକ୍ଷଣ କରିବା ପାଇଁ ଭୂତଳ ଜଳ ସଂରକ୍ଷଣ, ରୁଫଟପ ଗାର୍ଡେନ ପରି ଅନେକ କିଛି ଜଳବାୟୁ ଅନୁକୂଳ କୃଷିକୁ ଲୋକ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି।

ନୋ-ଟିଲ୍ ଚାଷ ବା ଚାଷ ଜମିରେ ଯାନ୍ତ୍ରିକୀକରଣର ବ୍ୟବହାର କମ୍ କରିବା ଦିଗରେ ଚାଷୀଭାଇମାନେ ସଚେତନ ହେବା ଜରୁରୀ। ମାଟିରେ ଅଧିକ ଯନ୍ତ୍ରପାତିର ବ୍ୟବହାର ଏହାର ସଂରଚନା ଓ ଗଠନରେ ପରିବର୍ତ୍ତନ ଆଣେ। ମାଟି ତା'ର ନିଜସ୍ୱ ଗୁଣ ହରାଏ। ଏହାର ପ୍ରଭାବ ଫସଲ ଅମଳ ଉପରେ ପଡ଼େ। ଜମିରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କମ କରି ଜୈବିକ ଓ ପ୍ରାକୃତିକ କୃଷିକୁ ଆପଣେଇବା ଦିଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇପାରେ। କେବଳ ଧାନ ଉପରେ ନିର୍ଭରଶୀଳ ନହୋଇ ଜୀବନ ଓ ଜୀବିକାକୁ ଗୁରୁତ୍ୱ ଦେଇ ଅଣଧାନ ଫସଲ ଚାଷ ଉପରେ ଆମେ ଗୁରୁତ୍ୱ ଦେଇପାରିବା। ଫସଲ ଅବଶିଷ୍ଟାଂଶକୁ ନ ପୋଡ଼ି ଆମେ ଏହାକୁ ଖତ ତଥା ଜୈବିକ ଆଉ ପ୍ରାକୃତିକ ସାର ପ୍ରସ୍ତୁତ କରିବା ଦିଗରେ ବ୍ୟବହାର କରିପାରିବା। ଗାଁ ଗାଁରେ ଏହାକୁ ନେଇ ଛୋଟ ଉଦ୍ୟୋଗ ପ୍ରସ୍ତୁତ କରିପାରିବା। ଆଚ୍ଛାଦନ ଉପରେ ଅଧିକ ଗୁରୁତ୍ୱ ଦେବା ସହ ଆଚ୍ଛାଦିତ ଫସଲଗୁଡ଼ିକ ଚାଷ କରିବା ଦିଗରେ ଚେଷ୍ଟା କରିବା। ମୁଖ୍ୟ ଫସଲ ଚାଷ ହେଉଥିବା ଜମିର ହିଡ଼ରେ ଯଅ ଫସଲ ବା କୀଟ ଆକୃଷ୍ଟ କରୁଥିବା ଫସଲ ବା ଟ୍ରାପ କ୍ରପ୍‌ଗୁଡ଼ିକୁ ଚାଷ କରାଗଲେ ମଧ୍ୟ ଏହା ସୁଫଳ ଦେବ। ସରକାରୀ ବା ବେସରକାରୀ ସ୍ତରରେ ସାଧାରଣ ଜନତା, ଯୁବକମାନେ ଏ ଦିଗରେ ଆଗଭର ହୋଇ ସଚେତନତା କର୍ମଶାଳା କରିପାରିବେ। ମହିଳାମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ନିୟୋଜିତ କରିବା ଦିଗରେ ପ୍ରଚେଷ୍ଟା ହେଉ। ସ୍ଥାନୀୟ ଏଫ.ପି.ଓ ବା କୃଷକ ଉତ୍ପାଦକ ସଂଗଠନମାନେ ଏ ଦିଗରେ ପ୍ରୟାସ କରିପାରିବେ।

ଜଳବାୟୁ ସହନଶୀଳ କୃଷି ମାଧ୍ୟମରେ ଫସଲ କିମ୍ବା ପଶୁପାଳନ ସହିତ ବନୀକରଣ ଉପରେ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଏ। ଏହି ବନୀକରଣ ଦ୍ୱାରା ଗଛଗୁଡ଼ିକ ମାଟିକୁ ସଂରକ୍ଷଣ କରିବା ସହ ଆଖପାଖରେ ପୋଷଣଚକ୍ରରେ ସାହାଯ୍ୟ କରନ୍ତି। ଏହା ମାଟିର ଉର୍ବରତା ବୃଦ୍ଧି କରିବା ସହ ଜୈବ ବିବିଧତାକୁ ରକ୍ଷା କରିଥାଏ। ପ୍ରିସିଜନ ଏଗ୍ରିକଲଚର ବା ପରିଶୁଦ୍ଧ କୃଷି, ବୁନ୍ଦା ଜଳସେଚନ, ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଏହାର ଏକ ପ୍ରମୁଖ ମାନଦଣ୍ଡ। ଏହା ଜଳଧାରଣ କ୍ଷମତା ବଢ଼ାଇବା ସହ ମରୁଡ଼ି ସମୟରେ ଚାଷୀମାନଙ୍କୁ ସାହାଯ୍ୟ କରେ। ଜଳବାୟୁ ପରିବର୍ତ୍ତନ ଏକ ଲମ୍ବା ତାଲିକା ନେଇ ଆମକୁ କ୍ଷତି ପହଁଚାଇଲେ ବି ଏହାକୁ ମୁକାବିଲା କରିବା ପାଇଁ ସହନଶୀଳ କୃଷି ମାଧ୍ୟମରେ ଆମେ ସଜାଗ ଓ ସତର୍କ ରହିବା। ଏକ ସବୁଜିମାମୟ ପୃଥିବୀ ଗଠନରେ ହାତ ମିଶାଇବା -ଏହା ହିଁ ଆଜିର ଆହ୍ୱାନ ହେବା ବିଧେୟ। ●

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା)

ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯

## ଉଚ୍ଚତାପ ଓ ଉତ୍ପାଦନ ହ୍ରାସ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଶିଳ୍ପବିପ୍ଳବର ପ୍ରାରମ୍ଭ କାଳରୁ, ଅର୍ଥାତ୍ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ କ୍ରମଶଃ ବଢ଼ିଚାଲିଛି ଜାଗତିକ ଉଷ୍ମତା। ଉନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଏହା ଧୀରେ ଧୀରେ ଏବଂ ତତ୍ପରେ ଦ୍ରୁତରୁ ଦ୍ରୁତତର ହେବାରେ ଲାଗିଛି। ଫଳରେ ୧୯୮୧ ମସିହାଠାରୁ ଆଜି ମଧ୍ୟରେ ପ୍ରତିଦଶକରେ ଏହା ହାରାହାରି ୦.୨ ଡିଗ୍ରୀ ସେଲ୍‌ସିୟସ ହାରରେ ବଢ଼ି ଚାଲିଛି। ପରିଣାମ ସ୍ୱରୂପ, ଆଗାମୀ ୫ ବର୍ଷ ମଧ୍ୟରେ ନିରାପଦ ସ୍ତରରୁ ଏହା ୧.୫ ଡିଗ୍ରୀ ଏବଂ ୨୦୩୦ ମଧ୍ୟରେ ୨ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହେବାର ଆଶଙ୍କା ରହିଛି। ଆମ ଦେଶର 'କ୍ଲାଇମେଟ୍ ସେଣ୍ଟ୍ରାଲ' ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ (ଫେବୃୟାରୀ ୨୦୨୬) ଅନୁସାରେ ଏହାର ପ୍ରଭାବରେ ଜଳବାୟୁ ପରିବର୍ତ୍ତନ କାରଣରୁ ୨୦୨୧ ରୁ ୨୦୨୫ ମସିହା ମଧ୍ୟରେ ପ୍ରତିବର୍ଷ ୩୦ ରୁ ଅଧିକ ସଂଖ୍ୟକ 'ଉଚ୍ଚତାପ ଦିବସ' ଅର୍ଥାତ୍ ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ହେଉଥିବା ଦିନ ଦେଖାଯାଉଛି। ବିଭିନ୍ନ ରାଜ୍ୟରେ ଏହାର ସଂଖ୍ୟା ଭିନ୍ନ ଭିନ୍ନ। ଏହା ସର୍ବାଧିକ ଘଟୁଛି କେରଳରେ (୧୫୭ ଦିନ)। ତା' ପଛକୁ ଅଛନ୍ତି ତ୍ରିପୁରା (୪୭ ଦିନ), ତେଲଙ୍ଗାନା (୪୪ ଦିନ), ମିଜୋରାମ (୪୦ ଦିନ) ଓ କର୍ଣ୍ଣାଟକ (୩୨ ଦିନ)।

ଜୀବଜଗତ ଉପରେ ଏହାର ଯେଉଁ ବିସ୍ତୃତ ପ୍ରଭାବ ପଡୁଛି ତାହାର ଅର୍ନ୍ତଭୁକ୍ତ ମଣିଷର ସ୍ୱାସ୍ଥ୍ୟ ଏବଂ ଅକାଳମୃତ୍ୟୁଠାରୁ ଆରମ୍ଭ କରି ପ୍ରତିବର୍ଷ ଶତାଧିକ ପ୍ରଜାତିର ପ୍ରାଣୀମାନଙ୍କ ବିଲୁପ୍ତି ପର୍ଯ୍ୟନ୍ତ। ତନ୍ମଧ୍ୟରୁ ଯେଉଁଟିକୁ ଆମେ ପ୍ରତ୍ୟେକେ ପ୍ରତ୍ୟକ୍ଷ ଭାବେ ଅନୁଭବ କରୁଛୁ, ତାହା ହେଲା ଉତ୍ପାଦନ ହ୍ରାସ କାରଣରୁ ଖାଦ୍ୟାଭାବ। ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ବେଳକୁ ବିଶ୍ୱର ୭୭୦ ନିୟୁତ ଲୋକ ଏହାର ସମ୍ମୁଖୀନ ହେଉଥିଲା ବେଳେ ୨୦୫୦ ମସିହା ବେଳକୁ ତାହା ପହଞ୍ଚିଯିବ ୧ ହଜାର ନିୟୁତରେ। ପରିବେଶର ତାପବୃଦ୍ଧି ହେତୁ ଖାଦ୍ୟ ଉତ୍ପାଦନ ହ୍ରାସ ପାଇବା ଏହାର ଅନ୍ୟତମ ମୁଖ୍ୟ କାରଣ।

ବୈଜ୍ଞାନିକମାନଙ୍କ ମତରେ ବର୍ଦ୍ଧିତ ତାପମାତ୍ରା ସମଗ୍ର ବିଶ୍ୱରେ ବିଭିନ୍ନ ଫସଲର ଉତ୍ପାଦନକୁ ନକାରାତ୍ମକ ଭାବେ ପ୍ରଭାବିତ କରିଚାଲିଛି। ତାହା ୧ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହେଲେ ଗହମ, ଧାନ ଓ ମକା ଭଳି ମୁଖ୍ୟ ଫସଲଗୁଡ଼ିକ ଯଥାକ୍ରମେ ୬.୧%, ୩.୨% ଏବଂ ୭.୪% ହ୍ରାସ ପାଉଛି। ଅନ୍ୟପକ୍ଷରେ କିଛିଦିନ ପାଇଁ ତାହା ୩୦ ଡିଗ୍ରୀ ସେଲ୍‌ସିୟସଠାରୁ ୨ ଡିଗ୍ରୀ ବା ତତୋଧିକ ସ୍ତରରେ ରହିଲେ ଏ କ୍ଷତି ଗହମ କ୍ଷେତ୍ରରେ ୮.୨୫%ଏବଂ ଧାନ କ୍ଷେତ୍ରରେ ୭.୧%ରେ ପହଞ୍ଚିଯିବାର ଦେଖାଯାଉଛି। ଏହି ଉଚ୍ଚ ତାପମାତ୍ରାର ପ୍ରଭାବ ପୃଥିବୀର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ହେବ ବୋଲି ମନେ କରାଯାଏ। ଉଦାହରଣସ୍ୱରୂପ, ୨୦୫୦ ମସିହା ବେଳକୁ ଏହାର ପରିଣାମ ରୂପେ ଆଫ୍ରିକା ୨୦ ରୁ ୩୦ ଶତାଂଶ ଫସଲହାନିର ସମ୍ମୁଖୀନ ହେଲା ବେଳକୁ ଏସିଆରେ ୧୦ ରୁ ୨୦ ଶତାଂଶ ହୋଇପାରେ।

ଫସଲର ଅଭିବୃଦ୍ଧି କାଳରେ ଉଚ୍ଚତାପମାତ୍ରା ବିଶେଷଭାବେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଏହା ୩୦ ରୁ ୪୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହେଲେ ପରାଗରେଣୁର ଦକ୍ଷତା ହ୍ରାସ କରିବା ସଙ୍ଗେ ସଙ୍ଗେ କେତେକ କ୍ଷେତ୍ରରେ 'ଶୂନ୍ୟ ଉତ୍ପାଦନ' ଅବସ୍ଥା ସୃଷ୍ଟି କରେ। ମୋଟ ଉପରେ ଏହା ପରାଗ ସଂଗମ ପ୍ରକ୍ରିୟାକୁ ବ୍ୟାହତ କରିବା ସହ ଅସମୟରେ ଫୁଲ ଝଡ଼ିଯିବା ଏବଂ ଶସ୍ୟ ପୁଷ୍ଟ ହେବା ପ୍ରକ୍ରିୟା ବ୍ୟାହତ ହେବା ଆଦିର କାରଣ ହୋଇଥାଏ। ପୁନଶ୍ଚ ଉଚ୍ଚତାପ ମୃତ୍ତିକାରୁ ଜଳକୁ ଶୀଘ୍ର ବାଷ୍ପୀଭୂତ କରିଦିଏ। ଫଳରେ ଜଳର ଅଭାବ ଜନିତ ଚାପ ଅନୁଭୂତ ହୁଏ ଏବଂ ଗଛ ମାଟିରୁ ପୁଷ୍ଟି ଶୋଷଣ କରିବା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଉଷ୍ଣ ପରିବେଶ ଫସଲରେ ବିବିଧ ରୋଗର ସଂକ୍ରମଣ ଏବଂ କ୍ଷୟକାରୀ କୀଟପତଙ୍ଗଙ୍କ ବଂଶବୃଦ୍ଧି ଘଟାଏ। ଏଣୁ ଫସଲହାନି ହୁଏ। ପୁନଶ୍ଚ ଏଥିସହିତ ଅଙ୍ଗାରକାମ୍ଳର ଆଧିକ୍ୟ ଶସ୍ୟରେ ପ୍ରୋଟିନ୍, ଲୌହ, ଦସ୍ତା ଆଦି ପୁଷ୍ଟିକର ଉପାଦାନ ମଧ୍ୟ ହ୍ରାସ କରେ।

ଜାଗତିକ ଉଷ୍ମତାର ସମସ୍ତ ଘାତକ ପ୍ରଭାବ କଥା ହୃଦୟଙ୍ଗମ କରିବା ସତ୍ତ୍ୱେ ବି ଏହାର ପ୍ରତିରୋଧ ଲାଗି ଫଳପ୍ରଦ ପନ୍ଥାଟିଏ ଅବଲମ୍ବନ ଆଜିପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ଏପରି ସ୍ଥଳେ, କୃଷି ଉତ୍ପାଦନ ହ୍ରାସ ଓ ତଦ୍‌ଜନିତ ଖାଦ୍ୟାଭାବ ଓ ଅପପୁଷ୍ଟି କ୍ରମେ ଯେ ଅଧିକରୁ ଅଧିକ ହେବାକୁ ଲାଗିବ ଏଥିରେ ସନ୍ଦେହ ନାହିଁ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁଲିସ ପଞ୍ଝାରେ ଅନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ୍

# କେଜିଏ ସୁନା, ୪ କେଜି ରୁପା ଜବତ






ଭଦ୍ରକ, ୨।୩ (ସମିସ): ଭଦ୍ରକ ପୁଲିସକୁ ବଡ଼ ସଫଳତା ମିଳିଛି। ଝରକା ତାଡ଼ି ଲୁଟ୍‌ପାଟ୍ କରୁଥିବା ଏକ ଡକାୟତ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିବା ସହ ଗ୍ୟାଙ୍ଗର ୪ଜଣ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ଦୈତାରୀ ଦାସ ଓରଫ୍ ଦୟା, କୁନା ଦାସ ଓରଫ ଆପା ରାଓ, ମୁନା ଦାସ ଓରଫ କେମ୍ପା ମୁନା ଓ ଉମେଶ ଦାସ। କେନ୍ଦ୍ରାପଡ଼ା ଓ ଡେରାବିଶ ଅଞ୍ଚଳରୁ ଏମାନଙ୍କୁ ପୁଲିସ୍ ଗିରଫ କରିଛି। ସେମାନଙ୍କ ନିକଟରୁ ପୁଲିସ କେଜିଏ ସୁନା ଓ ୪ କେଜି ରୁପା ଅଳଙ୍କାର ଜବତ କରିଛି। ଆଲୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଗୋଟିଏ ଡକାୟତି ଘଟଣାର ତଦନ୍ତ କରୁକରୁ ପୁଲିସ ହାତରେ ଏହି କୁଖ୍ୟାତ ଡକାୟତମାନେ ଧରାପଡ଼ିବା ସହ ଏତେ ପରିମାଣର ସୁନାରୁପା ଅଳଙ୍କାର ଜବତ ହୋଇଛି। ଏହି ଗ୍ୟାଙ୍ଗ୍‌ର ଆଉ ୨ ସଦସ୍ୟ ଫେରାର୍ ହୋଇଯାଇଛନ୍ତି।

ଗତ କିଛି ଦିନ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଝରକା ତାଡ଼ି ଲୁଟ୍ ଘଟଣା ସାମ୍ନାକୁ ଆସିଥିଲା। ଗୋଟିଏ ଗ୍ୟାଙ୍ଗ୍ ଜିଲ୍ଲାରେ ଲୁଟତ୍‌ରାଜ ଚଳାଉଥିବା ଜଣାପଡ଼ିବା ପରେ ଟାଉନ୍ ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କୁ ନେଇ ଏସ୍‌ପି ମନୋଜ କୁମାର ରାଉତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା ଯେ ଅଭିଯୁକ୍ତମାନେ ବିଭିନ୍ନ ଜିଲ୍ଲାରେ ସମାନ ଢଙ୍ଗରେ ଲୁଟ୍‌ପାଟ୍ କରିଥାନ୍ତି। ବିଳମ୍ବିତ ରାତିରେ ଝରକା ତାଡ଼ି ଲୁଟ୍ କରିଥା'ନ୍ତି। ଏପରିକି, ଲୁଟ୍ ସହ ହତ୍ୟା ଭଳି ସଂଗିନ୍ ଅପରାଧରେ ମଧ୍ୟ ଏମାନେ ଜଡ଼ିତ। ଅଭିଯୁକ୍ତମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୧୫ରୁ ଅଧିକ ଲେଖାଏଁ ମାମଲା ଥିବା ଏସ୍‌ପି ଶ୍ରୀ ରାଉତ ସୂଚନା ଦେଇଛନ୍ତି। ତେବେ ଡକାୟତମାନେ କେନ୍ଦ୍ରାପଡ଼ା ଜିଲ୍ଲାରେ ଲୁଚିଥିବା ଜଣାପଡ଼ିବା ପରେ ପୁଲିସ୍‌ର ଏକ ଟିମ୍ କେନ୍ଦ୍ରାପଡ଼ା ସଦର ଓ ଡେରାବିଶ ଅଞ୍ଚଳରେ ଚଢ଼ଉ କରି ୪ ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୁଲିସ ୧ କେଜି ସୁନା ଓ ୪ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଜବତ କରିଛି। ଏହାସହ, ସେମାନଙ୍କ ନିକଟରୁ ରାଜ୍ୟ ତଥା ରାଜ୍ୟ ବାହାରର ୧୫ରୁ ଅଧିକ ବାଇକ୍‌ର ନକଲି ନମ୍ବର ପ୍ଲେଟ୍ ଜବତ ହୋଇଛି। ଏଥିରୁ, ଏହି ଅପରାଧୀମାନେ ରାଜ୍ୟ ବାହାରେ ମଧ୍ୟ ଅପରାଧରେ ଲିପ୍ତ ଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତମାନେ ମୁଖ୍ୟତଃ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରି ଲୁଟ୍ କରୁଥିଲେ ବୋଲି ଏସ୍‌ପି ଶ୍ରୀ ରାଉତ ଟାଉନ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ସ୍କୁଲରେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ନେଇ ତୁମୁଳକାଣ୍ଡ

# ସ୍କୁଲରେ ପଶି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଛେଚିଲେ ଗ୍ରାମବାସୀ

ଭଦ୍ରକ/ବାସୁଦେବପୁର, ୨।୩ (ସମିସ): ସ୍କୁଲ ଭିତରେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକଙ୍କ ଦୁଷ୍କର୍ମ ଘଟଣାକୁ ନେଇ ଆଜି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ସ୍ଥିତ କିସ୍ମତ କୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତୁମୁଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଗ୍ରାମବାସୀମାନେ ସ୍କୁଲ ଭିତରେ ଧସେଇ ପଶିବା ସହ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନିର୍ଘୁମ୍ ପିଟିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଏଥିରେ ପ୍ରଧାନଶିକ୍ଷକଙ୍କ ସମେତ ୪ରୁ ଊର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ଆହତ ହୋଇଛନ୍ତି। ସ୍ଥିତି ଏପରି ହୋଇଛି ଯେ ଆହତ ପ୍ରଧାନଶିକ୍ଷକଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ, ଅଭିଭାବକଙ୍କ ସହ ଛାତ୍ରଛାତ୍ରୀମାନେ ମଧ୍ୟ ବିକ୍ଷୋଭରେ ସାମିଲ ହୋଇଥିଲେ। ସେମାନେ ରାସ୍ତାରେ ବସି ଖାଇ ପ୍ରତିବାଦ ଜଣାଇଥିଲେ। ଅଭିଯୁକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୁଲିସ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଗିରଫଦାରୀ ଭୟରେ ଅଭିଯୁକ୍ତ ଶିକ୍ଷକଜଣଙ୍କ ଫେରାର୍ ହୋଇଯାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ଏହି ସ୍କୁଲର ଶିକ୍ଷକ ଗୌତମ ପ୍ରସାଦ ସାହୁଙ୍କ ଘର ବାଲେଶ୍ୱର ଜିଲ୍ଲାର କୁପାରୀ ଅଞ୍ଚଳରେ। ସେ ବେଆଇନ ଭାବେ ସ୍କୁଲରେ ଏକ ଘରେ ରହୁଥିଲେ। ଶନିବାର ସ୍କୁଲ ଚାଲିଥିବା ବେଳେ ଜଣେ ୮ମ ଶ୍ରେଣୀର ଛାତ୍ରୀଙ୍କୁ ସେ ଉକ୍ତ ଘରକୁ ଡାକି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଦୁଷ୍କର୍ମର ଶିକାର ଛାତ୍ରୀଜଣଙ୍କ ପ୍ରଧାନ ଶିକ୍ଷକ ଅବିନାଶ ପ୍ରଧାନଙ୍କୁ କାନ୍ଦି କାନ୍ଦି ଏ ସଂପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣିବା ପାଇଁ ପ୍ରଧାନଶିକ୍ଷକ ପୀଡ଼ିତା ଛାତ୍ରୀଙ୍କୁ ଜଣେ ମହିଳା ଶିକ୍ଷୟିତ୍ରୀଙ୍କ ପାଖକୁ ପଠାଇ ଦେଇଥିଲେ। ଏହାସହ ଶିକ୍ଷକ ଗୌତମଙ୍କୁ ଡକାଇ ଘଟଣାର ସତ୍ୟାସତ୍ୟ ବୁଝିଥିଲେ। ପରେ, ଛାତ୍ରୀଜଣଙ୍କ ଏ ସଂପର୍କରେ ତାଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ଗାଁରେ କଥା ଖେଳି ଯାଇଥିଲା। ଆଜି ସ୍କୁଲ ଖୋଲୁ ଖୋଲୁ ଶହଶହ ସଂଖ୍ୟାରେ ଗ୍ରାମବାସୀ ସ୍କୁଲ ଭିତରେ ପଶି ଘଟଣା ସମ୍ପର୍କରେ ପଚରାଉଚରା କରିବା ସହ ଉପସ୍ଥିତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଜୀବନ ବିକଳରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ସ୍କୁଲ ଛାଡ଼ି ଦୌଡ଼ି ପଳାଇଥିଲେ। ଏଥିରେ ପ୍ରଧାନଶିକ୍ଷକ ଗୁରୁତର ଆହତ ହୋଇଥିଲେ। ପରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ପୀଡ଼ିତାଙ୍କୁ ନ୍ୟାୟ ଦେବା ଦାବିରେ କୃଷ୍ଣପୁର ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ନାୟକାଣୀଡିହି ଥାନା ଅଧିକାରୀ ଉମାଶଙ୍କର ନାୟକ, ବାସୁଦେବପୁର ଥାନା ଅଧିକାରୀ ନିରୋଜ ସାମଲ, ଏବିଇଓ ତପନ ଦ୍ୱିବେଦୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ ରାସ୍ତା ଅବରୋଧ ହଟିବ ବୋଲି ଜିଦ୍ ଧରିଥିଲେ। ପୀଡ଼ିତାଙ୍କ ପରିବାର ପକ୍ଷରୁ ନାୟକାଣୀଡିହି ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ପକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ, ବ୍ଲକ୍ ଶିକ୍ଷାଧିକାରୀଙ୍କ ପାଖରେ ଏନେଇ ଅଭିଯୋଗ ହେବା ପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଅଭିଯୁକ୍ତ ଶିକ୍ଷକ ଗୌତମଙ୍କୁ ନିଲମ୍ବିତ କରିଛନ୍ତି ବାସୁଦେବପୁର ବ୍ଲକ୍ ଶିକ୍ଷାଧିକାରୀ ମଧୁସ୍ମିତା ଗିରି। ତେବେ ଗିରଫଦାରୀ ଭୟରେ ଅଭିଯୁକ୍ତ ଗୌତମ ଫେରାର୍ ହୋଇଯାଇଥିବା ଜଣାଯାଇଛି।





### ■ ଗ୍ରୀଷ୍ମ ପ୍ରବାହ ପାଇଁ ଉଚ୍ଚଶିକ୍ଷା ବିଭାଗର ଏସ୍‌ଓପି

## ଖରାବେଳେ ସାଙ୍ଗରେ ପାଣିବୋତଲ ନେବାକୁ ପରାମର୍ଶ

ଭୁବନେଶ୍ୱର, ୨।୩(ସମିସ): ରାଜ୍ୟରେ ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଆଗୁଆ ପଦକ୍ଷେପ ନେଇଛି। ବିବାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ସୁରକ୍ଷା ପାଇଁ ଏସଓପି ଜାରି କରିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ଯଥାସମ୍ଭବ ସକାଳ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସକାଳ ସମୟରେ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖରା ସଂସ୍ପର୍ଶରେ ଛାତ୍ରଛାତ୍ରୀମାନେ ଯେପରି ନ ଆସିବେ ଉଚ୍ଚଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପଦକ୍ଷେପ ନେବେ। ଉଚ୍ଚଶିକ୍ଷାନୁଷ୍ଠାନ କ୍ୟାମ୍ପସ ସମେତ କମନ ରୁମ୍, ହଷ୍ଟେଲ ଓ ପରୀକ୍ଷାକେନ୍ଦ୍ରରେ ପର୍ଯ୍ୟାପ୍ତ ପିଇବା ପାଣି ଓ ଓଆରଏସ୍ ମହଜୁଦ ରଖିବେ। ପ୍ରାଥମିକ ଚିକିତ୍ସା ପାଇଁ କିଟ୍ ରଖିବା ସହ ଆଶୁ ଚିକିତ୍ସା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ କୁହାଯାଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ଆବଶ୍ୟକ ସତର୍କତା ଅବଲମ୍ବନ ସମ୍ପର୍କରେ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଶିକ୍ଷାନୁଷ୍ଠାନ ଆସିବା ବେଳେ ପିଲାମାନେ ସାଙ୍ଗରେ ପାଣି ବୋତଲ ନେବାକୁ ସୁନିଶ୍ଚିତ କରିବା ପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଛି।

## ଇଗ୍ନୋ ନାମଲେଖା ଅବଧି ୧୫ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୨।୩(ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ଜାନୁଆରି-୨୦୨୬ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧିକୁ ବୃଦ୍ଧି କରାଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସାର୍ଟିଫିକେଟ୍ ଏବଂ ସେମିଷ୍ଟାର-ଆଧାରିତ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ ପାଠ୍ୟକ୍ରମ ପାଇଁ ଆଶାୟୀମାନେ ଆବେଦନ କରିପାରିବେ। ବିଏସ୍‌ସିଏମ୍, ବିସିଓଏମ୍‌ଏଫ୍ ଓ ବିଏଏମ୍ ପରି ସ୍ନାତକ ପାଠ୍ୟକ୍ରମରେ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦ ପ୍ରତିଶତ ଫି' ଛାଡ଼ କରାଯାଇଛି। ଅନ୍ୟ କୌଣସି ସୂତ୍ରରୁ ରିହାତି ପାଉଥିବା ଛାତ୍ରଛାତ୍ରୀମାନେ ଏଥିପାଇଁ ଯୋଗ୍ୟ ହେବେନାହିଁ। ଅନ୍ୟ ସୂଚନା ପାଇଁ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ସହିତ ଯୋଗାଯୋଗ କରିବାକୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୟଙ୍କର...

ସୃଷ୍ଟି କରିଛି। ପାକିସ୍ତାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିବା ଇରାନ ଆଜି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ ତେଲ ଆଭିଭ ଅଫିସ ଉପରେ ଭୀଷଣ ଆକ୍ରମଣ କରିଛି। ଏହାର ଜବାବ ଦେଇ ଇସ୍ରାଏଲ ବେରୁଟର ସଦର୍ଣ୍ଣ ସୁବୁର୍ବ୍ ଏବଂ ଦକ୍ଷିଣ ଲେବାନନରେ ବୋମା ମାଡ଼ କରିଛି। ଏଥିରେ ହିଜବୁଲ୍ଲାର ଗୁଇନ୍ଦା ମୁଖ୍ୟଙ୍କ ସମେତ ୩୧ ଜଣ ପ୍ରାଣ ହରାଇଛନ୍ତି। ଯୁଦ୍ଧର ଭୟାବହତାକୁ ଦେଖି ଇସ୍ରାଏଲ ନିଜ ସଂରକ୍ଷିତ ଲକ୍ଷେ ଯବାନକୁ ସତର୍କ ରହିବାକୁ କହିଛି।

ଅନ୍ୟପଟେ ଇସ୍ରାଏଲ ଏବଂ ଆମେରିକା ମଧ୍ୟ ଇରାନ ଉପରେ ତୁହାକୁ ତୁହା ଆକ୍ରମଣ କରିବାରେ ଲାଗିଛନ୍ତି। ପରମାଣୁ ଠିକଣାରେ ମଧ୍ୟ ଆକ୍ରମଣ ହୋଇଥିବା କୁହାଯାଉଛି। ତେବେ ବିକିରଣର କୌଣସି ସୂଚନା ମିଳିନାହିଁ। ଯୁଦ୍ଧ ବନ୍ଦ ପାଇଁ ଆମେରିକା ଓ ଇରାନ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ଖବର ଆସିଛି। ମାତ୍ର ଇରାନର ପ୍ରମୁଖ ଜାତୀୟ ସୁରକ୍ଷା ଅଧିକାରୀ ଅଲି ଲାରିଜାନି ଏହାକୁ ଖଣ୍ଡନ କରିଦେଇଛନ୍ତି। ଯୁଦ୍ଧ ବନ୍ଦ ନେଇ ଆମେରିକା ସହ କୌଣସି ଆଲୋଚନା ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏବେ ସୁଦ୍ଧା ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବେ ଇରାନର ହଜାରେରୁ ଅଧିକ ଠିକଣାରେ ଆକ୍ରମଣ କଲେଣି। ଯୁଦ୍ଧ ଆରମ୍ଭ ହେବାର ୩୦ ଘଣ୍ଟା ମଧ୍ୟରେ ଇରାନରେ ୩ ହଜାରରୁ ଅଧିକ ବୋମା ମାଡ଼ କରାଯାଇଛି। ଏଥିରେ ୧୩୧ ସହରର ୫୫୫ ଜଣ ପ୍ରାଣ ହରାଇଲେଣି। ୭୦୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ବିଦ୍ୟାଳୟରେ କ୍ଷେପଣାସ୍ତ୍ର ମାଡ଼ ହେବା ଜନିତ ମୃତ୍ୟୁସଂଖ୍ୟା ୧୮୦କୁ ବୃଦ୍ଧି ପାଇଛି। ୪୫ ଛାତ୍ରଛାତ୍ରୀ ମଧ୍ୟ ଆହତ ହୋଇଛନ୍ତି। ଏପରି ସମୟରେ ଆମେରିକା ପ୍ରତିରକ୍ଷା ସଚିବ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି। କେବଳ ଗଣତନ୍ତ୍ର ପ୍ରତିଷ୍ଠା ନୁହେଁ, ଇରାନର ନୌସେନା, କ୍ଷେପଣାସ୍ତ୍ର ଏବଂ ଆଣବିକ ଠିକଣା ଧ୍ୱଂସ କରିବା ଆମେରିକାର ଉଦ୍ଦେଶ୍ୟ ବୋଲି କହିଛନ୍ତି। ଆମେରିକା ଏହି ଯୁଦ୍ଧ ଆରମ୍ଭ କରିନାହିଁ। ଆୟତୁଲ୍ଲା ଅଲି ଖାମନେଇ ଆମେରିକା ବିରୋଧରେ ଯୁଦ୍ଧ ଆରମ୍ଭ କରିଥିଲେ। କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ଶେଷ କରିବେ। ଆମେରିକୀୟଙ୍କୁ ହତ୍ୟା କଲେ ପୃଥିବୀରେ ଯେଉଁଠି ଥିଲେ ବି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ହେଗସେଥ କହିଛନ୍ତି। ଅପରେସନ ଏପିକ ଫ୍ୟୁରିକୁ ସେ ଆମେରିକା ଇତିହାସର ସବୁଠାରୁ ଭୟଙ୍କର ଅଭିଯାନ ଆଖ୍ୟା ଦେଇଛନ୍ତି।

### ଓଡ଼ିଆଙ୍କୁ ସୁରକ୍ଷିତ...

ପ୍ରବାସୀ ଶ୍ରମିକ, ବୃତ୍ତିଜୀବୀ, ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟକମାନେ ଅନ୍ତର୍ଭୁକ୍ତ। ବିମାନ ଯାତାୟତରେ ବ୍ୟାପକ ବ୍ୟାଘାତ ସୃଷ୍ଟି ହେବାରୁ ସେମାନେ ଗମ୍ଭୀର ଅନିଶ୍ଚିତତା ଓ ବିପଦର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କର ସୁରକ୍ଷା ପାଇଁ ତୁରନ୍ତ ସହାୟତାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ଭାରତ ସରକାର ଓ ବିଶେଷକରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଯୁଦ୍ଧ କ୍ଷେତ୍ରରେ ଫସିଥିବା ସମସ୍ତ ଓଡ଼ିଆଙ୍କର ନିରାପଦ ଉଦ୍ଧାର ଓ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ତୁରନ୍ତ ଓ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି। ଏଭଳି ଦ୍ୱରିତ୍ କାର୍ଯ୍ୟାନୁଷ୍ଠାନ କେବଳ ଜୀବନ ରକ୍ଷା କରିବ ନାହିଁ, ବରଂ ଘରେ ଅପେକ୍ଷାରତ ଅସଂଖ୍ୟ ପରିବାରଙ୍କୁ ମଧ୍ୟ ମାନସିକ ଶାନ୍ତି ପ୍ରଦାନ କରିବ। ସେମାନେ ନିଜ ପ୍ରିୟଜନଙ୍କ କୁଶଳ ସୂଚନା ପାଇଁ ବ୍ୟାକୁଳ ହୋଇ ରହିଛନ୍ତି ବୋଲି ନବୀନ ନିଜ ଟ୍ୱିଟ୍‌ରେ କହିଛନ୍ତି।

### ସୂର୍ଯ୍ୟୋଦୟରୁ ପାକତ୍ୟାଗ...

ଓ ଦେବନୀତି ନିଷେଧ। ବାଳକ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ନିୟମ ଲଂଘନୀୟ। ତେଣୁ ଦେବନୀତି ସୂର୍ଯ୍ୟ ଉଦୟ ପୂର୍ବରୁ ସାରିବାକୁ ପଡ଼ିବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ।

ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଏଥିଲାଗି ଛତିଶାନିଯୋଗ ବୈଠକରେ ନୀତିନିର୍ଘଣ୍ଟ କରାଯାଇଛି। ସୋମବାର ମେଣ୍ଟାପୋଡ଼ି ନୀତି ସଅଳ ସାରି ରାତି ୧୦ଟାରେ ରାତ୍ର ପହୁଡ଼ କରାଯିବ। ରାତ୍ର ୧ଟାରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ଚାଲିବ। ମଙ୍ଗଳବାର ସକାଳ ୬ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନକୁ ବିଜେ କରିବେ। ବିମାନ ବେଢ଼ା ପରେ ଏହି ସମୟରୁ ଦେବନୀତି ବନ୍ଦ ରହିବ। ଭକ୍ତମାନେ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ଦର୍ଶନ କରିପାରିବେ।

ଗ୍ରହଣ ଲାଗିବା ପରେ ମହାପ୍ରଭୁଙ୍କ ମଇଲମ ଓ ଗ୍ରହଣ ମହାସ୍ନାନ ନୀତି କରାଯିବ। ପରେ ଅନ୍ୟାନ୍ୟ ନୀତି ଯେପରିକି, ସାଧାବେଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ସନ୍ଧ୍ୟା ସାଢ଼େ ୬ଟାରେ ଗ୍ରହଣ ଭୋଗ ହେବ। ୭ଟାରେ ମଇଲମ ପରେ ରାତି ୮ରୁ ସାଢ଼େ ୯ଟା ମଧ୍ୟରେ ମହାପ୍ରଭୁଙ୍କ ସୁନାବେଶ ବା ରାଜାଧିରାଜ ବେଶ ଅନୁଷ୍ଠିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ସଅଳ ନୀତିକାନ୍ତି ହୋଇନପାରିଲେ, ବିଧି ଅନୁସାରେ ଗ୍ରହଣ ମୋକ୍ଷ ନୀତି ପରେ ସମସ୍ତ ନୀତି କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

7001/25/2526 Annexure-II

**Office of District Manager**
**Odisha State Civil Supplies Corporation Ltd. (OSCSC)**
NAYAGARH (DISTRICT)
Phone: 06753-252439
District Website: nayagarh.odisha.gov.in
Tender No. 1025 Dt. 26.02.2026

District Manager, Odisha State Civil Supplies Corporation Ltd., Nayagarh (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **Handling Contractor (Labour works)** for handling of food grain (Rice, Wheat etc.) at the RRCs in the District of the state of Odisha |
| 2 | Availability of bid document in the portal | **From 02-03-2026** |
| 3 | Last Date / Time for receipt of bids in the portal | **17-03-2026 up to 5.00 P.M.** |
| 4 | Date/Time of Opening of Technical Bid | **18-03-2026 at 11.00 A.M.** |
| 5 | Name and address of the Officer Inviting Tender | **District Manager, OSCSC Ltd., Nayagarh** |

Tender Documents & other details can be seen from the e-procurement portal www.oscsc.in , www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

**District Manager**
**OSCSC Ltd., Nayagarh**
**OIPR-7001/7057/1/25-26/0001**

7001/23/2526 Annexure-II

**Office of District Manager**
**Odisha State Civil Supplies Corporation Ltd. (OSCSC)**
NABARANGPUR
Phone: 9438200053
District Website: nabarangpurnic.in
Tender No. 01/2026 Dt. 28.02.2026

District Manager, Odisha State Civil Supplies Corporation Ltd., Nabarangpur invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of **Handling Contractor (Labour works)** for handling of food grain (Rice, Wheat etc.) at all the Rice Receiving Centres (RRCs) (except in those PEG godowns where godown owner is undertaking handling work) of Nabarangpur district. |
| 2 | Availability of bid document in the portal | **From 02-03-2026** |
| 3 | Last Date / Time for receipt of bids in the portal | **17-03-2026 up to 5.00 P.M.** |
| 4 | Date/Time of Opening of Technical Bid | **18-03-2026 at 11.00 A.M.** |
| 5 | Name and address of the Officer Inviting Tender | **District Manager, OSCSC Ltd., Nabarangpur** |

Tender Documents & other details can be seen from the e-procurement portal www.oscsc.in , www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

**District Manager**
**OSCSC Ltd., Nabarangpur**
**OIPR-7001/7045/1/25-26/0001**

GOVERNMENT OF ODISHA
PANCHAYAT SAMITI, GUDARI
19001/60/2526
E-Mail - ori-gudari@od.gov.in
IDENTIFICATION NO. 02/2025-26 of PANCHAYAT SAMITI, GUDARI
CORRIGENDUM - 01
No. 344 /2026, (GPLF) Dev Dated 20.02.2026

It is to inform all concerned that, due to some unavoidable circumstances the date of commencement of the Tender Call Notice No.02/2025-26 published vide this office Letter No.344 dated 20.02.2026 has been rescheduled from 12.03.2026 to 26.03.2026 in place of 02.03.2026 to 16.03.2026 and the date of opening of Tenders has also been rescheduled to be held on 30.03.2026 at 11.00 am in place of 18.03.2026 at 11.00 am.

Block Development Officer
GUDARI
**OIPR-19001/19045/1/25-26/0002**

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
19001/60/2526
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-83/2025-26

1. Number of works - 01 no Drain work
2. Approximate estimated cost: - 98.66 lakh
3. Period of Completion :- 02 (Two) Calendar Months
4. Date & Time of availability of bid documents in the portal:- Dt. 09.03.2026 to 19.03.2026
5. Last Date / Time of receipt of bid in the portal :- Dt. 19.03.2026 up to 5.00 PM
6. Date of Opening of bid:- Dt. 20..03.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division
**OIPR-19001/19045/1/25-26/0002**

**AFFIDAVIT**

I, Ranjit Kumar Sahu, aged about 50 years, S/o- Modan Mohan Sahu, resident of At- Tikayatpur, Po- Sankerko, Ps- Badasahi, Dist- Mayurbhanj, Odisha, Pin- 757024, do hereby declare by this affidavit No. 422, dtd- 02/03/2026, that now onwards I shall be known as **RANJIT SAHU** for all future purposes.

**AFFIDAVIT**

I, **Ali Asgar Saleh**, S/o: Fakhruddin, resident of D Block 102, Beside Naina House, Near Sai Balaji Mandap, Pratapnagri, Urali, Cuttack Pin-753011, Odisha, declare by this affidavit No. 92/2026, dated- 28.02.2026, that now onwards I shall be known as **ALI ASGAR** for all future purposes.

**AFFIDAVIT**

I, Satya Narayan Pattnaik, S/o- Late Udayanath Pattnaik resident of Parabeda, Po./Ps.- Jaypore, Dist.- Koraput, PIN- 764001, Odisha state vide no. 139 dtd.02.03.2026 state that, my son's actual and correct name is **Reyansh Pattnaik** but in his Aadhaar Card no. 5807-1640-2841 his name has been wrongly mentioned as Shreyansh Pattnaik, S/o- Satya Narayan Pattnaik. That both **Reyansh Pattnaik** and **Shreyansh Pattnaik** are same person.
S/d- Satya Narayan Pattnaik

**AFFIDAVIT**

By virtue of an affidavit No- 2586, sworn before the Executive Magistrate, Jajpur on dtd- 02/03/2026, I **Pradeepta Kumar Sahoo,** aged 40 years, S/o- Siba Prasad Sahoo, parmanent Resident of At/Po- Biripata, Ps- Mangalpur, Dist- Jajpur, Odisha, Pin- 755013 declare that I have changed my name from **Pradip Kumar Sahoo** (old name) to **Pradeepta Kumar Sahoo** (new name). Henceforth, I shall be known as **Pradeepta Kumar Sahoo** for all future purposes.
**Pradeepta Kumar Sahoo**

**AFFIDAVIT**

By virtue of an Affidavit No. 21, dated - 02.03.2026 sworn before the Executive Magistrate, Nandapur, Koraput, I, Debaraj Sethy, S/o Appanna Sethy, resident of Vill- Chatwa, P.O.- Chatwa, P.S.-Padwa, Dist- Koraput, Odisha – 764038, do hereby declare that I have changed my name from Dibakar Behera to Debaraj Sethy. Henceforth I shall be known and identified as **Debaraj Sethy** for all purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS 2026007, ତା.24.02.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ପ୍ରକଳ୍ପର ନୂଆ B.G. ଲାଇନର ବୁଗୁଡ଼ା-ବାଣୀଗୋଛା-ଆଡେଣିଗଡ଼ ସେକ୍ସନ ମଧ୍ୟରେ ରେଲଗୁଡ଼ିକର କଟିଙ୍ଗ (ଯେଉଁଠାରେ ଆବଶ୍ୟକ) ସହିତ ମୋବାଇଲ ଫ୍ଲାଶ ବଟ୍ ୱେଲ୍ଡିଙ୍ଗ ପ୍ଲାଣ୍ଟ ବ୍ୟବହାର କରି ସାଇଟ୍‌ରେ (SITU/CESS ରେ) ସମସ୍ତ ରେଳ ସେକ୍ସନଗୁଡ଼ିକ (ନିଉ/SH)ର 20 ରେଳ ପ୍ୟାନେଲ / ଫ୍ରି ରେଲ / 2 ରେଲ ପ୍ୟାନେଲ / 3 ରେଲ ପ୍ୟାନେଲଗୁଡ଼ିକର ଫ୍ଲାଶ ବଟ୍ ୱେଲ୍ଡିଙ୍ଗ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 73.68 ଲକ୍ଷ, EMD : ₹ 1,47,400/-, କାର୍ଯ୍ୟ ଶେଷ ହେବା ଅବଧି : 09 (ନଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.03.2026ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚର୍ତ୍ତ ଆବଶ୍ୟକଙ୍କ ଦ୍ୱାରା ବିଧିବଦ୍ଧ ଭାବେ ସାକ୍ଷ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗୁଚ୍ଛର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-284/CI/25-26

**LOST**

Notice is hereby given to the general public that I, **Sasmita Jena,** age 50 years, W/o Subash Kumar Jena, resident of Plot No. 737, Jharapada, Near UP School, PO: Budheswari, PS: Laxmisagar, Bhubaneswar, Dist: Khordha, PIN: 751006, Odisha, am the absolute legal owner of the property situated at Mouza: Govind Prasad, Tahasil: Bhubaneswar, covered under Khata No. 1071/525, vide Sale Deed No. 530. The original Sale Deed and Record of Rights (ROR) for the aforementioned property have been lost / misplaced. Despite diligent efforts, the documents remain untraceable. Any person(s) having any right, title, interest, or claim over the said property or the missing documents must submit their claim in writing, along with supporting evidence, to the Bank of Baroda, Bapuji Nagar Branch, BBSR within 15 days from the date of this publication. If no claims are received within the stipulated period, it shall be deemed that no such interest exists. The missing documents shall lose their legal force, and the Bank shall not be held responsible for any claims whatsoever thereafter.

**ସର୍ବସାଧାରଣ ବିଜ୍ଞପ୍ତି**

**ଜେଏସଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍, ଓଡ଼ିଶା**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚାଇ ଦିଆଯାଉଛି ଯେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (MoEF&CC) ୨୮ ଫେବୃଆରୀ ୨୦୨୬ ତାରିଖରେ ମେସର୍ସ ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡ୍‌ଙ୍କୁ ସୁନ୍ଦରଗଡ଼ ଜିଲ୍ଲାର ନାରାୟଣପୋଷୀ ଲୌହ ଏବଂ ମାଙ୍ଗାନିଜ୍ ଓର୍ ମାଇନ୍‌ର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ପରିବେଶୀୟ ଅନୁମୋଦନ (Environmental Clearance) ପ୍ରଦାନ କରିଛନ୍ତି। ଏହି ଅନୁମୋଦନ EIA Notification, 2006 ଓ ଏହାର ପରବର୍ତ୍ତୀ ସଂଶୋଧନ ଅନୁଯାୟୀ ନିର୍ଦ୍ଧାରିତ ବିଶେଷ ଓ ସାଧାରଣ ନିୟମାବଳୀ ସହ ଜାରି କରାଯାଇଛି ଏବଂ ବିଶେଷଜ୍ଞ ମୂଲ୍ୟାଙ୍କନ ସମିତି (Non-Coal Mining) ଙ୍କ ୩୮ତମ ଓ ୪୬ତମ ସଭାର ସୁପାରିଶ ଅନୁସାରେ ମଞ୍ଜୁରି ମିଳିଛି। ଏହି ଅନୁମୋଦନ ଅନୁଯାୟୀ - ଆଇରନ୍ ଓର୍ (ROM) ଉତ୍ପାଦନ ୬.୦ MTPA ରୁ ବଢ଼ାଇ ୧୦.୦ MTPA କରାଯିବ, ଯାହାରେ ୪.୨୧୬ MTPA ଓଭରବର୍ଡେନ୍ ସହ ମୋଟ ଖନନ ୧୪.୨୧୬ MTPA ହେବ। ବର୍ତ୍ତମାନର ମାଙ୍ଗାନିଜ୍ ଓର୍ (ROM) ଉତ୍ପାଦନ ୦.୦୩୬ MTPA ଚାଲୁ ରହିବ, ଯାହା ୦.୨୨୩ MTPA ଓଭରବର୍ଡେନ୍ ସହ ମୋଟ ଖନନ ୦.୨୫୯ MTPA ହେବ। ଏହା ସହିତ ମୋବାଇଲ୍ କ୍ରସିଙ୍ଗ ଏବଂ ସ୍କ୍ରିନିଙ୍ଗ୍ ପ୍ଲାଣ୍ଟ୍ (400 TPH × 10 Nos. ଓ 250 TPH × 7 Nos.), 2000 TPH CPU, 6.0 MTPA Grinding & Beneficiation Plant ଏବଂ ଆଇରନ୍ ଓର୍ କନସେନ୍ଟ୍ରେଟ୍ ପରିବହନ ପାଇଁ ସ୍ଲରି ପମ୍ପ ଷ୍ଟେସନ୍ ସଂସ୍ଥାପନ ଓ ପରିଚାଳନା ଅନୁମୋଦିତ ହୋଇଛି।

ପରିବେଶୀୟ ଅନୁମୋଦନ ପତ୍ରର କପି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଉପଲବ୍ଧ ଅଛି ଏବଂ ମନ୍ତ୍ରାଳୟର ୱେବସାଇଟ୍ https://parivesh.nic.in ରେ ମଧ୍ୟ ଉପଲବ୍ଧ ରହିଛି।

# ଗଞ୍ଜେଇ ଚାଲାଣ ଚଢ଼ଉ ବେଳେ ବନ୍ଧୁକ ରାକେଟର ପର୍ଦ୍ଦାଫାସ





**ବାଲେଶ୍ୱର, ୨।୩ (ସମିସ) :** ବାଲେଶ୍ୱରରେ ଅପରାଧୀଙ୍କୁ ପୁଲିସର ଶକ୍ତ ପ୍ରହାର। ଜିଲ୍ଲାରେ ସକ୍ରିୟ ଥିବା ଏକ ବଡ଼ ଧରଣର ଆନ୍ତଃରାଜ୍ୟ ଅପରାଧିକ ନେଟୱାର୍କର ପର୍ଦ୍ଦାଫାସ କରିଛି ବାଲେଶ୍ୱର ପୁଲିସ। ବାଲେଶ୍ୱରରେ ଗଞ୍ଜେଇ ଚୋରାଚାଲାଣ ସୂଚନା ପାଇ ଚଢ଼ଉ ସମୟରେ ପୁଲିସ ୩ ଜଣ ଦୁର୍ଦ୍ଦାନ୍ତ ବନ୍ଧୁକ ଅପରାଧୀଙ୍କ ସହ ସେମାନଙ୍କ ନିକଟରୁ ୧ଟି ବନ୍ଧୁକ, ୩ଟି ପିସ୍ତଲ ସହ ୧୪ ରାଉଣ୍ଡ ଜୀବନ୍ତ ଗୁଳି ଓ ଗୋଟିଏ ଖୋକା ସହ ଜବତ୍ କରିଛି ସଦର ଥାନା ପୁଲିସ। ବାଲେଶ୍ୱର ସଦର ଥାନା ପୁଲିସ ୧ ତାରିଖ ବିଳମ୍ବିତ ରାତିରେ ତାମୁଲିଆ ବ୍ରିଜ୍ ନିକଟରେ କିଛି ଯୁବକ ଗଞ୍ଜେଇ କାରବାର ସହ ଅପରାଧିକ କାର୍ଯ୍ୟାକଳାପ ପାଇଁ ଯୋଜନା କରୁଥିବାର ସୂଚନା ପାଇଥିଲେ। ପରେ ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡ଼ିପିଓ ଶୁଭ୍ରାଂଶୁ ନାୟକଙ୍କ ନେତୃତ୍ୱରେ ସଦର ଆଇଆଇସି ଅଜୟ ମୁର୍ମୁଙ୍କ ସହ ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍ ଓ ସଦର ଥାନା ପୁଲିସର ମିଳିତ ଭାବେ ଚଢ଼ାଉ କରି ପ୍ରାୟ ୪.୫୭୭ କେଜି ଗଞ୍ଜେଇ ଜବତ କରିବା ସହ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ସଦର ଥାନା ପୋଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ସଦର ଥାନା ଅଧୀନ ଭୋଇସାହିର ମନୋଜ ଦାସ ଓରଫ କାଳିଆ (୨୭), ଖନ୍ତାପଡା ଥାନା ତୁଣ୍ଡରା ଗାଁର ରାଜୁ ଓରଫ ଗଙ୍ଗାଧର ଦାସ (୩୮) ଓ ଶ୍ରୀଜଙ୍ଗ ଗାଁର ଭଗବାନ ପାଢ଼ୀ (୩୧)। ସେମାନେ ଦୀର୍ଘଦିନ ଧରି ବାଲେଶ୍ୱର ସହର ଓ ପାଖାପାଖି ଅଞ୍ଚଳରେ ଗଞ୍ଜେଇ ବିକ୍ରି କରୁଥିବା ବେଳେ ଅବୈଧ ଅସ୍ତ୍ର ବ୍ୟବସାୟରେ ମଧ ସକ୍ରିୟ ଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଚଢ଼ାଉ ସମୟରେ ସେମାନଙ୍କ ନିକଟରୁ ଗଞ୍ଜେଇ ସହିତ ୩ଟି ପିସ୍ତଲ, ଗୋଟିଏ ଦେଶୀ ବନ୍ଧୁକ , ୧୪ ରାଉଣ୍ଡ ଅଫୁଟା ଗୁଳି, ୧ଟି ଗୁଳିର ଖାଲି ଖୋକା, ୩ଟି ଦୁଇଚକିଆ ଗାଡ଼ି, ଗୋଟିଏ ତେଲେଙ୍ଗା କଟୁରୀ, ଭୁଜାଲି ସହ ଗୋଟିଏ ମୋବାଇଲ ଫୋନ ଓ ନଗଦ ୫ ହଜାର ଟଙ୍କା ଜବତ କରିଛି। ସଦର ଥାନାରେ ଏହି ଘଟଣାରେ ୧୩୬/୨୬ ରେ ମାମାଲା ରୁଜୁ କରାଯାଇଛି। ପୁଲିସ ତଦନ୍ତରୁ ଗିରଫ ଭଗବାନ ପାଢ଼ୀ ପୂର୍ବରୁ ମଧ ଅନେକ ଅପରାଧିକ ମାମଲାରେ ଜଡିତ ଥିବା ବେଳେ ବେଆଇନ ବନ୍ଧୁକ ସହ ଅସ୍ତ୍ର ଯୋଗାଣକାରୀ ଭାବେ କାମ କରୁଥିଲେ। ସେପଟେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ସଙ୍ଗୀନ ମାମଲା ରହିଛି। ଆଜି ସନ୍ଧ୍ୟାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟଳୟ ପରିସରରେ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିୱାକର ଏହି ଗ୍ୟାଙ୍ଗ୍ର ଅପରାଧିକ କାର୍ଯ୍ୟକଳାପ ବାବଦରେ ସବିଶେଷ ସୂଚନା ଦେଇଛନ୍ତି। ବନ୍ଧୁକ ବେପାର ଠାରୁ ଆରମ୍ଭ କରି ନିଶା କାରବାର ପର୍ଯ୍ୟନ୍ତ, ସବୁଠି ଏହି ଗ୍ୟାଙ୍ଗ୍ର ଲମ୍ବା ହାତ ରହିଥିବା ଜଣାପଡ଼ିଛି। ପୁଲିସ ଏ ଦିଗରେ ଅଧିକ ତଦନ୍ତ ଜାରି ରଖିଥିବା ବାଲେଶ୍ୱର ଏସପି ଶ୍ରୀ ଦିୱାକର ପ୍ରକାଶ କରିଛନ୍ତି।

● ୩ ପିସ୍ତଲ ସହ ଗୋଟିଏ ଦେଶୀ ବନ୍ଧୁକ ଏବଂ ୧୪ ରାଉଣ୍ଡ ଅଫୁଟା ଗୁଳି ଜବତ

● ୩ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

# କାହାଳିଆରେ ହୋଲି ଠାକୁର ବୁଲାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

**ନୀଳଗିରି, ୨।୩ (ସମିସ)**



ହିନ୍ଦୁ ପରମ୍ପରାରେ ବାରମାସରେ ତେର ପର୍ବ। ତନ୍ମଧ୍ୟରୁ ଦୋଳ ଓ ହୋଲିପର୍ବର ବିଶେଷତା ଅନନ୍ୟ। ଓଡ଼ିଶାରେ ଦୋଳପର୍ବ ଅବସରରେ ରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଗ୍ରାମରେ ଘରେଘରେ ପୂଜାପାଇ ଆସୁଥିଲା ବେଳେ ଦୋଳଠାକୁରଙ୍କ ପୂଜାକୁ ନେଇ ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ଅନ୍ତର୍ଗତ ୧୦ନଂ ୱାର୍ଡ କାହାଳିଆ ଗ୍ରାମରେ ଗୋଷ୍ଠୀସଂଘର୍ଷ ଘଟି ୫ଜଣ ଆହତ ହୋଇଥିବା ଜଣାଯାଇଛି। କାହାଳିଆ ମୌଜା ଚକ୍ରଧରପୁର ବ୍ରାହ୍ମଣଶାସନରେ ରାସବିହାରୀ ଜୀଉଙ୍କ ପବିତ୍ର ଦୋଳଉତ୍ସବ ଉପଲକ୍ଷେ ସୋମବାର ଅନୁଷ୍ଠିତ ମେଳଣ କାର୍ଯ୍ୟକ୍ରମରେ ଶ୍ରୀବିଗ୍ରହ ପ୍ରଥମେ ବ୍ରାହ୍ମଣଶାସନର ପ୍ରତିଘରକୁ ଯାଇ ପୂଜାପାଇଥିଲେ। ପୂଜା ସମ୍ପନ୍ନପରେ ପରେ ଗ୍ରାମର ପରମ୍ପରା ଅନୁଯାୟୀ ଅନ୍ୟ ସଂପ୍ରଦାୟର ଲୋକମାନେ ଆସି ଠାକୁରଙ୍କୁ ପୂଜାବିଧି କରିବା ପାଇଁ ନେବା ସମୟରେ ବ୍ରାହ୍ମଣ ସଂପ୍ରଦାୟର କିଛିଲୋକ ବାରଣ କରିଥିଲେ ଏବଂ ଠାକୁର ଯାଇପାରିବେ ନାହିଁବୋଲି ସ୍ପଷ୍ଟ ମନାକରିଥିଲେ।ଏହାକୁ ନେଇ ଯୁକ୍ତିତର୍କ ମଧ୍ୟରେ ଉଭୟପକ୍ଷ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ପରେ ଚକ୍ରଧରପୁର ଶାସନର କିଛି ବ୍ରାହ୍ମଣଲୋକ କାହାଳିଆ ପୋଖରୀସାହି ଗ୍ରାମର କିଛି ମହିଳା ଓ ପୁରୁଷ ଏବଂ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ପଥର ଓ ଠେଙ୍ଗାରେ ଆକ୍ରମଣକରିଥିଲେ। ଫଳରେ ଉକ୍ତଗ୍ରାମର ମନୋରଞ୍ଜନ ମହାରଣାଙ୍କ ପତ୍ନୀ ପ୍ରତିମା (୨୮), ସମରେନ୍ଦ୍ର ମହାରଣାଙ୍କ ସ୍ତ୍ରୀ ପ୍ରିୟଙ୍କା (୩୦), ଚିତ୍ତରଞ୍ଜନ ମହାରଣାଙ୍କ ସ୍ତ୍ରୀ ଚିନ୍ମୟୀ (୨୨), ଜୟନ୍ତ ମହାରଣାଙ୍କ ସ୍ତ୍ରୀ ସରସ୍ୱତୀ (୩୦) ଏବଂ ଉକ୍ତ ଗ୍ରାମର କାର୍ଯ୍ୟରତ ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତି ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଏହି ଗଣ୍ଡଗୋଳ ସମୟରେ ପ୍ରତିମାଙ୍କ ମଙ୍ଗଳସୂତ୍ର ଏବଂ ମୋବାଇଲ ଛଡ଼ାଇନେବା ସହିତ ଆକ୍ରମଣକରି ତାଙ୍କ ପିଠି ଓ ହାତକୁ ମାଡମାରି ଗୁରୁତର କରିଥିବା ପ୍ରତିମା ଅଭିଯୋଗ କରିଛନ୍ତି। ସେହିପରି ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତିଙ୍କ ମୋବାଇଲ ଏବଂ ବୁମ୍‌କୁ ଆକ୍ରମଣକାରି ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ସାମ୍ବାଦିକଙ୍କୁ କୃପାସିନ୍ଧୁ ରଥ ଏବଂ ଲୁନା ଓରଫ ସୁରେଶ ଦାସ ଆକ୍ରମଣ କରିବା ଫଳରେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡିଥିବା ବେଳେ ଖବରପାଇ ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଫୁଲ୍ଲଙ୍କୁ ଉଦ୍ଧାରକରି ୧୧୨ଗାଡିରେ ନେଇ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରିଥିବା ଜଣାଯାଇଛି। ଏ ନେଇ ସାମ୍ବାଦିକ ପ୍ରଫୁଲ୍ଲଙ୍କ ପୁଅ ମନୋଜ ମହାନ୍ତି ଏବଂ ପ୍ରତିମାଙ୍କ ସ୍ୱାମୀ ମନୋରଞ୍ଜନ ନୀଳଗିରି ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଅପରପକ୍ଷରେ ବ୍ରାହ୍ମଣଶାସନ ତରଫରୁ ଏକାଧିକ ଗ୍ରାମବାସୀ ନୀଳଗିରି ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ଖବର ଲେଖିଲାବେଳକୁ ଏସଡିପିଓ ପ୍ରମୋଦ ମଲ୍ଲିକ ଏବଂ ଆଇଆଇସି ଗୋବର୍ଦ୍ଧନ ନାୟକ ହସ୍ପିଟାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ପୂର୍ବ ଶତ୍ରୁତାରୁ ଏଭଳି ସଂଘର୍ଷ ହୋଇଥିବା ଶୁଣିବାକୁ ମିଳିଥିବା ବେଳେ ଦୋଳଉତ୍ସବ ଭଳି ପବିତ୍ର କାର୍ଯ୍ୟକ୍ରମରେ ଗ୍ରାମରେ ଏଭଳି ଅଭାବନୀୟ ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

**୫ ଆହତ ମେଡିକାଲରେ ଭର୍ତ୍ତି**

## ଉନ୍ନୟନ କାର୍ଯ୍ୟରେ ଅନିୟମିତତା; ସମୀକ୍ଷା କଲେ ସାଂସଦ

**ନୀଳଗିରି, ୨।୩ (ସମିସ):** ସୋମବାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଚାନକ ନୀଳଗିରି ବ୍ଲକ୍ ଗସ୍ତ କରିଥିଲେ। ବିଭିନ୍ନ ପଞ୍ଚାୟତର ଗ୍ରାମବାସୀମାନଙ୍କ ଦ୍ୱାରା ହୋଇଥିବା ଉନ୍ନୟନକାର୍ଯ୍ୟର ଅନିୟମିତତା ଅଭିଯୋଗର ସମାଧାନ ଏବଂ ଦୁର୍ନୀତିଖୋରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଏହା ସହିତ "ଏକ ପେଡ ମା କେ ନାମ' ଅଭିଯାନରେ ନୀଳଗିରି ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଦୁର୍ନୀତି ଅଭିଯୋଗ ଉପରେ ତଦନ୍ତକରି ଯଦି କୌଣସି ବ୍ୟକ୍ତି ଦୁର୍ନୀତି ପ୍ରମାଣିତ ହୁଏ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଂସଦ ନୀଳଗିରି ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମହିଷାପଟା ପଞ୍ଚାୟତ ପାଟଣାଗ୍ରାମର ପୋଖରୀହୁଡ଼ାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହୋଇଥିବା ବୃକ୍ଷରୋପଣରେ ଅନିୟମିତତାର ଅଭିଯୋଗ ମଧ୍ୟ ସାଂସଦଙ୍କ ନିକଟରେ ଥିଲା। ତେଣୁ ମୁଖ୍ୟତଃ ଏହି ଘଟଣାର ତଦନ୍ତକରି ଦୋଷୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଡ଼ିଓ ବିକ୍ରମକେଶରୀ ପରିଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଂସଦଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଓ ଅଭିଯୋଗକାରି ମହିଳା ଓ ପୁରୁଷ ଉପସ୍ଥିତ ଥିବା ଦେଖାଯାଇଥିଲା।

■ କାର୍ଯ୍ୟାଳୟଆସୁନାହାନ୍ତି ସରକାରୀ ଅଧିକାରୀ ଓ କର୍ମଚାରୀ

# ଦିନ ସାରା ଫାଟକରେ ଝୁଲୁଛି ତାଲା

**ବସ୍ତା ବ୍ଲକ, ୨।୩ (ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ଅଫିସର ରାଜ୍ ଦେଖିବାକୁ ମିଳିଛି। ଲୋକଙ୍କ ଟିକସ ପଇସାରେ ଦରମା ନେଉଥିବା ସରକାରୀ କର୍ମଚାରୀ ମାନେ ନିଜ ଇଚ୍ଛାରେ କାର୍ଯ୍ୟ କରୁଛନ୍ତି। ଏପରିକି ଅଫିସ ଆସୁ ନାହାନ୍ତି। କେଉଁଠି ଦିନ ୧୨ଟାରେ ମୁଖ୍ୟ ଫାଟକରେ ତାଲା ଝୁଲୁଛି ତ କିଏ ଛୁଟି ରେ ଅଛି। ମାତ୍ର ସେ ଛୁଟି ପୁଣି ଭିନ୍ନ ଢଙ୍ଗରେ ରହିଛି।



ପଚାରିଲେ ତଳ କର୍ମଚାରୀ କହିଛନ୍ତି ସାର ଫିଲ୍ଡ ରେ ଅଛନ୍ତି। ସବୁ ବିଭାଗ ର ସମାନ ଅବସ୍ଥା। ସରକାରୀ ଦପ୍ତରକୁ କାର୍ଯ୍ୟ ପାଇଁ ଆସି ଲୋକେ ନିରାଶ ହୋଇ ଫେରୁଛନ୍ତି। ସାଧାରଣ ଲୋକେ ପଚାରିଲେ ଦପ୍ତରର କର୍ମଚାରୀ କହୁଛନ୍ତି କାଲିକି ଆସ। ସାର୍ ଜିଲ୍ଲା ମିଟିଂକୁ ଯାଇଛନ୍ତି। ସ୍କୁଲ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ, ହସ୍ପିଟାଲ ଠାରୁ ଆରମ୍ଭ କରି ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମାନ ଅବସ୍ଥା। ସରକାରଙ୍କ ଶାସନ ବ୍ୟବସ୍ଥା ରେ ନିୟନ୍ତ୍ରଣ ବାହାରେ ସରକାରୀ କର୍ମଚାରୀ ଓ ଅଧିକାରୀ ଥିବା ଖୋଲା ଖୋଲି ଅଭିଯୋଗ ଆସିଛି। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହିଭଳି ସମସ୍ୟା ପ୍ରାୟତଃ ଏବେ ନିତିଦିନିଆ ହୋଇଛି। ବସ୍ତା ବ୍ଲକରେ ସବୁ ବିଭାଗ ର କାର୍ଯ୍ୟାଳୟ ରହିଛି। ଏହାର ଏକ ଉଦାହରଣ କହିବାକୁ ଗଲେ ବସ୍ତା ମହାଦେବ ସରାଇ ଗ୍ରାମରେ ରହିଛି ଆର୍‌ଡିଏସଡିଓଙ୍କ କାର୍ଯ୍ୟାଳୟ। ସୋମବାର ଦିନ ଗୋଟାଏ ବେଳେ ମୁଖ୍ୟ ଫାଟକ ରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ଏପରିକି ବାହାର ଲାଇଟ୍ ମଧ୍ୟ ଜଳୁଥିଲା। ଏଥିରୁ ଜଣା ପଡୁଛି ଯେ ବୋଧେ ସକାଳ ଠାରୁ ଏହି କାର୍ଯ୍ୟାଳୟ ଖୋଲି ନାହିଁ। ତେବେ ସବୁଦିନ ଏହି କାର୍ଯ୍ୟାଳୟ ଖୋଲୁ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିଛି ଠିକାଦାର ଏହି ଅଫିସକୁ ବ୍ୟବହାର କରନ୍ତି। ବେଳେ ବେଳେ ଠିକାଦାର ମାନେ ବିଭାଗୀୟ ସରକାରୀ ଗାଡ଼ିକୁ ମଧ୍ୟ ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ସେହିପରି ବସ୍ତା ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ରହିଛି ଉଦ୍ୟାନ ବିଭାଗ। ସେହି ବିଭାଗର ଅଧିକାରୀଙ୍କ ମାସ ମାସ ଧରି ଦେଖା ନାହିଁ। ଜଣେ କର୍ମଚାରୀ କାର୍ଯ୍ୟାଳୟରେ ରହିଥିବା ବେଳେ ଅନ୍ୟ ଅଧିକାରୀଙ୍କ ବିଷୟରେ ପଚାରିବାରୁ କିଛି କହି ପାରିଲେ ନାହିଁ। ଦେଖିବାକୁ କେହି ନାହାଁନ୍ତି। ସବୁ କାର୍ଯ୍ୟାଳୟ ର ସମାନ ଅବସ୍ଥା। ଏହି ଭଳି ଘଟଣାକୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଧର୍ମପରାୟଣା ମହିଳାଙ୍କ ବିୟୋଗରେ ଶୋକ

**ଖଇରା,୨।୩ (ସମିସ):** ଖଇରା ବ୍ଲକ ଅଧୀନ ଖଇରା ଗ୍ରାମର ଧର୍ମପରାୟଣା ମହିଳା ମାହେଶ୍ୱରୀ ନାୟକ(୯୮) ଙ୍କ



ପରଲୋକ ସମଗ୍ର ଖଇରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଜୀବନ ବ୍ୟାପି ଲୋକଙ୍କୁ ସହାୟତା କରି ସବୁଆଡୁ ପ୍ରଶଂସା ସାଉଁଟିଥିଲେ। ତାଙ୍କ ମରଶରୀର ଖଇରା ବଜାର ପରିକ୍ରମା କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟା ଓ ଜିଲା ପରିଷଦ ସଭ୍ୟା ଖଇରା ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ୨ପୁଅ ଧନେଶ୍ୱର ଓ ସର୍ବେଶ୍ୱର ସହିତ ବୋହୂ ନାତିନାତୁଣୀମାନେ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ।

# ପିଲାଚୋର ସନ୍ଦେହରେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ନିର୍ଦ୍ଧୁମ ଛେଚିଲେ

**ବାଲେଶ୍ୱର(ଉତ୍ତର), ୨।୩(ସମିସ):** ରାଜ୍ୟର ବିଭିନ୍ନ ଅଂଚଳରେ ଏବେ ପିଲାଚୋର ଗୁଜବ ଜନସାଧାରଣଙ୍କ ନିଦ ହଜେଇ ଦେଲାଣି। ନିକଟରେ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ରାଜନଗର ଗ୍ରାମ ଠାରେ ପଶ୍ଚିମବଙ୍ଗର ୨ ଜଣ ବିଏଲଓ ( ନିର୍ବାଚନ ଅଧିକାରୀ)



ଙ୍କୁ ପିଲାଚୋର ସନ୍ଦେହରେ ସ୍ଥାନୀୟ ଲୋକେ ସେମାନଙ୍କୁ ବାନ୍ଧି ନିର୍ଦ୍ଧୁମ ପିଟାପିଟି କରିବା ପରେ ପୁଲିସ ସେଠାରୁ ୯୭ ଜଣ ଗ୍ରାମବାସୀଙ୍କୁ ଉଠାଇ ଆଣି ହାଜତରେ ପୁରାଇଥିବାବେଳେ ପ୍ରାଥମିକ ତଦନ୍ତ ଜାରିରଖିଛି। ଏଭଳି ସ୍ଥିତିରେ ଆଜି ଭୋଗରାଇ ବ୍ଲକ ଦେଉଳା ହାଟରେ ଅନୁରୂପ ଭାବେ ଜଣେ ମସ୍ତିଷ୍କ ବିକୃତ ବ୍ୟକ୍ତିଙ୍କୁ ସାହି ଲୋକେ ପିଲାଚୋର ସନ୍ଦେହରେ ଅଟକ ରଖି ନିର୍ଦ୍ଧୁମ ପିଟାପିଟି କରିବାରୁ ଏହି ବ୍ୟକ୍ତିଜଣକ ଗୁରୁତର ହୋଇଛନ୍ତି। ଖବର ପାଇ ଭୋଗରାଇ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଅବସ୍ଥାରେ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକତ୍ସା ନିମନ୍ତେ ପଠାଇ ଥିବାର ସୂଚନା ମିଳିଛି। ଏହି ଘଟଣାରେ ବହୁ ବୁଦ୍ଧିଜୀବୀ ଉଦବେଗ ପ୍ରକାଶ କରିବା ସହିତ ପିଲାଚୋର ସନ୍ଦେହରେ କାହାକୁ ଅନ୍ୟାୟ ଭାବେ ପିଟାପିଟି କଲେ କିମ୍ବା ଗୁଜବ ପ୍ରଚାରକଲେ ଆଇନନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ ସତର୍କ ସୂଚନା କରାଯାଇଛି।

# ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ସୃଷ୍ଟି କରୁଛି ବିପଦ

**କରଞ୍ଜିଆ, ୨।୩(ସମିସ):** ସହରର ମଧ୍ୟଭାଗରେ ଅବସ୍ଥିତ ଏକ ପୁରାତନ ବଟବୃକ୍ଷ ବର୍ତ୍ତମାନ ମହୁମାଛିଙ୍କ ବାସସ୍ଥଳୀରେ ପରିଣତ ହୋଇଛି। ଏହି ଗଛ ଡାଳରେ ବହୁ ସଂଖ୍ୟକ ମହୁମାଛି ବସା ବାନ୍ଧିଛନ୍ତି। ଏହି ବଟବୃକ୍ଷ ପାଖରେ ସ୍କୁଲ ଓ ଏହାର ହଷ୍ଟେଲ ଥିବା ସହ ଏହି ରାସ୍ତା ଦେଇ ପ୍ରତିଦିନ ସହସ୍ରାଧିକ ଲୋକ ଯାତାୟାତ କରୁଛନ୍ତି। ଫଳରେ ଏହା ଛାତ୍ରଛାତ୍ରୀ ଓ ପଥଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ସକାଳ ସମୟରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକଙ୍କ ଭିଡ଼ ଲାଗିଥାଏ। ଏଭଳି ପରିସ୍ଥିତିରେ ଗଛରେ ମହୁମାଛିଙ୍କ ଆସ୍ଥାନ ବଢ଼ୁଥିବାରୁ ଯେକୌଣସି ସମୟରେ ଆକ୍ରମଣର ଆଶଙ୍କା ସୃଷ୍ଟି କରୁଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ପୂର୍ବରୁ ମଧ ମହୁମାଛି ଆକ୍ରମଣରେ କେତେକ ଲୋକ ଆହତ ହୋଇଛନ୍ତି। ଯଦିଓ ପ୍ରକୃତିର ଅଂଶ ଭାବେ ଏମିତି ପ୍ରାଣୀଙ୍କ ଆବାସ ସ୍ୱାଭାବିକ, କିନ୍ତୁ ଜନସୁରକ୍ଷା ଦୃଷ୍ଟିରୁ ଏହାକୁ ହଟାଇବାକୁ ମତ ପ୍ରକାଶ ପାଉଛି। ସ୍ଥାନୀୟ ଲୋକ ଓ ଅଭିଭାବକ ଦାବି କରିଛନ୍ତି ଯେ, ବିଭାଗୀୟ ଅଧିକାରୀ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିବା ସହ ସୁରକ୍ଷାମୂଳକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଆବଶ୍ୟକ ହେଲେ ବିଶେଷଜ୍ଞ ଦଳ ମାଧ୍ୟମରେ ମହୁମାଛିଙ୍କ ଆସ୍ଥାନକୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ମଧ ପ୍ରସ୍ତାବ ଦିଆଯାଇଛି।

# ମଇତାପୁର ମହାନ୍ତି ସାହିରେ ରାଧାକାହ୍ନୁ ମେଳଣ ଆରମ୍ଭ

**ସିମୁଳିଆ, ୨।୩ (ସମିସ):** ମଇତାପୁର ମହାନ୍ତି ସାହିସ୍ଥିତ ରୟାଲ ବିଦ୍ୟାଳୟ ପଡିଆରେ ୫ ଦିନିଆ ତ୍ରୟୋଦଶ ତମ ରାଧାକାହ୍ନୁ ମେଳଣ ମହୋତ୍ସବ ଫାଲ୍ଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଆରମ୍ଭ ହୋଇଛି। ପ୍ରତିପଦା ତିଥିରେ ଶେଷ ହେବ। ଶ୍ରୀ ରାଧାକାହ୍ନୁ ମେଳଣ ମହୋତ୍ସବର ପ୍ରତିଷ୍ଠାତା ତଥା ରାଧାକାହ୍ନଙ୍କର



ସେବକ, ସମାଜ ସେବୀ ଓ ଶିକ୍ଷାବିତ ଡ. ବିଷ୍ଣୁ ମୋହନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଧାକାହ୍ନୁ ମେଳଣ ଚଳିତ ବର୍ଷ ନୂଆ ରଙ୍ଗ ଓ ଢଙ୍ଗରେ ସଜିତ ହୋଇଛି। ରାଧା କାହ୍ନୁ ମେଳଣର ପ୍ରତିଷ୍ଠାତା ବିଷ୍ଣୁ ମୋହନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମେଳଣର ଠାକୁର ବଡ଼ିଆ କମିଟିର ସଭାପତି ଶରତ ଚନ୍ଦ୍ର ଦାଶ, ସମ୍ପାଦକ କିରଣ କୁମାର ଧାନ୍ଧା, କୋଷାଧକ୍ଷ ସଂଜୀବ ମହାନ୍ତି, କମଳଶ୍ରୀ ମହାନ୍ତି, ମିଳନ କୁମାର ମହାନ୍ତି, ମହେନ୍ଦ୍ର କୁମାର ଦାସ, ବାଇଧର ମହାକୁଡ଼, ପଦ୍ମଲୋଚନ ଦାଶ ପ୍ରମୁଖ ମହୋତ୍ସବ ପରିଚାଳନା କରିଥିଲେ। ମେଳଣ ମଣ୍ଡପକୁ ପ୍ରଥମେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ରାଧା କାଁହ୍ନୁ ମନ୍ଦିରରୁ ଶୋଭାଯାତ୍ରାରେ ମେଳଣ ପଡିଆ କୁ ଜଗନ୍ନାଥ ମହାପ୍ରଭୁ ବିଜେ ହୋଇ ଥିଲେ। ମେଳଣ ପ୍ରତିଷ୍ଠାତା ବିଷ୍ଣୁ ମୋହନ ମହାନ୍ତି, ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ, ଅମରେଶ ବେହେରା, ଜୟନ୍ତ କୁମାର ନାୟକ, ଅବିନାଶ ବେହେରା, ରମାକାନ୍ତ ପଡ଼ିଆରୀ, କିଶୋର ମହାପାତ୍ର,ନିରଞ୍ଜନ ନାୟକ. ରାଜତ କୁମାର ମହାନ୍ତି.ପ୍ରମୁଖ ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେକରି କରି ଶୋଭାଯାତ୍ରାରେ ମଣ୍ଡପ କୁ ନେଇଥିଲେ। ପୁରୀରୁ ଆସିଥିବା ପଣ୍ଡାମାନେ ଜଗନ୍ନାଥ ମହାପ୍ରଭୁଙ୍କର ପହଣ୍ଡି କରାଇଥିଲେ। ଶ୍ରୀକ୍ଷେତ୍ରରୁ ଆସିଥିବା ଘଣ୍ଟୁଆମାନଙ୍କ ଘଣ୍ଟ ଧ୍ୱନି ରଥଯାତ୍ରାର ଭ୍ରମ ସୃଷ୍ଟିକରିଥିଲା। ପ୍ରଥମେ ରାଧାକାହ୍ନୁଙ୍କ ବିମାନ ଆସିବା ପରେ ୩୩ଟି ବିମାନରେ ରାଧାକୃଷ୍ଣ ସୁସଜିତ ହୋଇ ଜଣକ ପରେ ବିଜେ କରିଥିଲେ। ମୋଟ ୯ ଟି ଶୋଭାଯାତ୍ରାରେ ହୋଇଥିଲା। ମଇତାପୁର, ରାମକୃଷ୍ଣପୁର, ରାହାଞ୍ଜ, ରାଣୀତାଳ , ମରୁଣା, ଗୋବିନ୍ଦପୁର ,ବଙ୍ଗକ୍ଷଳପୁର, ବାଙ୍ଗୁରପଦା, ଇଶାଣ, ଝଟିଆ, କଳସପୁର,ଦେଓପଡା, ରାମବିନ୍ଧା, ଆଦି ଗ୍ରାମରୁ ଠାକୁର ବିମାନ ଯୋଗଦେଇଥିଲେ। ଶ୍ରେଷ୍ଠ ଶୋଭାଯାତ୍ରା ଆୟୋଜନ କରିଥିବା ଆମଣିଆ ସାହିର ଜଗନ୍ନାଥ କ୍ଲବ ଶ୍ରେଷ୍ଠ ବିବେଚିତ ହୋଇଛି। ଆକର୍ଷଣୀୟ ତୋରଣ ସହିତ ସୁସଜିତ ଆଲୋକ ସଜା, ଆତସବାଜି ରାଧାକାହ୍ନୁ ମେଳଣକୁ ସ୍ୱତନ୍ତ୍ର ମାନ୍ୟତା ଦେଇଛି।

# ଭୋଗରାଇର ସ୍ୱାସ୍ଥ୍ୟସେବାକୁ ନେଇ ଷ୍ଟାଣ୍ଡିଂ କମିଟି ବୈଠକ

**ବାଲେଶ୍ୱର(ଉତ୍ତର), ୨।୩ (ସମିସ)**



ବାଲେଶ୍ୱର ଜିଲ୍ଲା ଉପାନ୍ତ ଭୋଗରାଇ ବ୍ଲକରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡ଼ିଛି। କୋଟି କୋଟି ଟଙ୍କାର ଡାକ୍ତରଖାନାର ଗୃହ ନିର୍ମାଣ ହୋଇଛି। ମାତ୍ର ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତର ନଥିବା ବେଳେ ରୋଗ ନିରୂପଣ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ନାହିଁ। କୌଣସି ଜଟିଳ ରୋଗରେ ପୀଡ଼ିତ ହେଲେ କିମ୍ବା ଜରୁରୀକାଳୀନ ଚିକିତ୍ସାର ଆବଶ୍ୟକ ପଡ଼ିଲେ ଏଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ତେଣୁ ୩.୫ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ବ୍ଲକର ଲୋକେ ସ୍ୱାସ୍ଥ୍ୟ ସେବାକୁ ନେଇ ଦୀର୍ଘଦିନ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ନେଇ ଭୋଗରାଇ ବିଧାୟକ ଦାବି କରିଆସୁଥିଲା ବେଳେ ଆଜି ଭୁବନେଶ୍ୱରଠାରେ ବିଧାନସଭା ୫ନଂ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଯୋଗ ଦେଇ ଏହି ଉପାନ୍ତରେ ଅବସ୍ଥିତ ଜନବହୁଳ ବ୍ଲକର ସ୍ୱାସ୍ଥ୍ୟ ସେବା ର ସୁଧାର ଆଣିବା ପାଇଁ ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଏହି ୫ନଂ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ୪ଟି ବିଭାଗର ଆଲୋଚନା ହୋଇଥିଲା ବେଳେ ସ୍ୱାସ୍ଥ୍ୟ ବିଭାଗ ନିକଟରେ ବିଧାୟକ ଶ୍ରୀ ଦାସ ଚନ୍ଦନେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାବରେ ଉନ୍ନତିକରଣ କରାଯିବା ସହିତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଡାଏଲିସିସ୍ ସେଣ୍ଟର ଖୋଲିବା, ଭୋଗରାଇ ନିର୍ବାଚନ ମଣ୍ଡଳୀର ନାରାୟଣମହାନ୍ତି ପଡ଼ିଆ, ଅନଳିଆ, ମହାଗବ, ନହରା ଓ ପୁଟିଣାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅଲଟ୍ରାସାଉଣ୍ଡ ଓ ନୂତନ ଡିଜିଟାଲ ଏକ୍ସରେ ମେସିନ ସ୍ଥାପନ କରିବା ଏବଂ ଏହି ସିଏଚସିକୁ ଏକ ୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ପରିଣତ କରାଯାଉ ବୋଲି ବୈଠକରେ ପ୍ରସ୍ତାବ ରଖିଥିଲେ। ସେହିପରି ଏନ ଏଚ ୧୬ ଜଳେଶ୍ୱର ନିକଟରେ ଏକ ଟ୍ରମା ସେଣ୍ଟର ପ୍ରତିଷ୍ଠା କରାଯିବା ସହିତ ଫକୀରମୋହନ ମେଡ଼ିକାଲ କଲେଜରେ ନୂତନ ଏମ ଆର ଆଇ ସେଣ୍ଟର ଖୋଲିବାକୁ ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ପର୍କରେ ଆଲୋଚନା ବେଳେ ଅତ୍ୟଧିକ କୁପୋଷଣର ଶିକାର ଶିଶୁଙ୍କ ପାଇଁ ଭୋଗରାଇରେ ଏକ ସ୍ଥାୟୀ ଥଇଥାନ କେନ୍ଦ୍ର ସ୍ଥାପନ କରିବା, ଭୋଗରାଇ ଓ କମର୍ଦ୍ଦା ସିଡିପିଓଙ୍କ କାର୍ଯ୍ୟାଳୟରେ ନୂତନ ସମ୍ମିଳନୀ କକ୍ଷ ନିର୍ମାଣ କରାଯିବା, ଭୋଗରାଇର ବିଭିନ୍ନ ସ୍ଥାନରେ ଶୌଚାଳୟ ସହ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରାଯାଉ ଏବଂ ନିର୍ମାଣାଧୀନ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ସମ୍ପନ୍ନ କରିବା ଏବଂ ଭୋଗରାଇ ଅଞ୍ଚଳରେ ବାଲ୍ୟ ବିବାହ ରୋକିବା ପାଇଁ ଜିଲ୍ଲା ବାଲ୍ୟ ବିବାହ ସୁରକ୍ଷା ଅଧିକାରୀଙ୍କୁ ନିୟୋଜିତ କରାଯିବା ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ। ମିଶନ ଶକ୍ତି ବିଭାଗର ଆଲୋଚନା ବେଳେ ଶ୍ରୀ ଦାସ ଭୋଗରାଇ ବ୍ଲକ୍ ମୁଖ୍ୟାଳୟ ସମେତ ରାଜ୍ୟର ସମସ୍ତ ବ୍ଲକରେ ମିଶନ ଶକ୍ତି ବଜାର ନିର୍ମାଣ କରାଯିବା ଉପରେ ଗୁରୁତ୍ୱ ଦେବା ସହ କଖଡା ଗ୍ରାମ ପଞ୍ଚାୟତରେ ଥିବା ମିଶନ ଶକ୍ତି ଗୃହର ପୁନଃନିର୍ମାଣ ଓ ମରାମତି ପାଇଁ ଅର୍ଥ ମଞ୍ଜୁର କରିବା ଏବଂ କମର୍ଦ୍ଦାଠାରେ ଥିବା ମିଶନ ଶକ୍ତି ବଜାରର ଉନ୍ନତିକରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଗୁରୁତର ଅସୁସ୍ଥ ଅକର୍ମଣ୍ୟ ବ୍ୟକ୍ତିଙ୍କ ଘରକୁ ଯାଇ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଲାଗି ଜଣେ ସ୍ୱତନ୍ତ୍ର ଅଧିକାରୀ ବା ଡାକ୍ତରଙ୍କୁ ନିଯୁକ୍ତ କରାଯିବା ସହିତ ଭୀମ ଭୋଇ ସାମର୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ମାସକ ମଧ୍ୟରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା କରାଯିବା ଏବଂ ଭିନ୍ନକ୍ଷମଙ୍କ ପାଇଁ ପ୍ରତିବର୍ଷ ପ୍ରତି ବ୍ଲକରେ ଦୁଇଥର ପରୀକ୍ଷା ଶିବିରର ଆୟୋଜନ କରାଯିବା ପାଇଁ ଭିନ୍ନକ୍ଷମ ଓ ସାମାଜିକ ସଶକ୍ତୀକରଣ ବିଭାଗକୁ ଶ୍ରୀ ଦାସ ପ୍ରସ୍ତାବ ଦେଇଛନ୍ତି।

## ବିଭିନ୍ନ ପ୍ରସ୍ତାବ ରଖିଲେ ଭୋଗରାଇ ବିଧାୟକ

# ସ୍ୱାଧୀନତା ସଂଗ୍ରାମୀ ପତ୍ନୀଙ୍କ ସ୍ମୃତିସଭା



**ଚନ୍ଦନେଶ୍ୱର, ୨।୩ (ସମିସ) :** ମୁକ୍ତି ସଂଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶ୍ୟାମ ସୁନ୍ଦର ଜେନାଙ୍କ ଧର୍ମପତ୍ନୀ ଇଭାରାଣୀ ଜେନାଙ୍କ ଦ୍ୱାଦଶାହ ଅବସରରେ ସୋମବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି। ଭୋଗରାଇର ଟୁକୁରୀହାଜିରା ପଂଚାୟତ ଅଧୀନ ଫୁଲବଣୀ ଗାଁସ୍ଥିତ ବାସ ଭବନରେ ଏନେଇ ଆୟୋଜିତ ସଭାକୁ ନାତି ଯୁବ ଆଇନଜୀବୀ ଅରୁପ ଜେନା ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ସମାଜସେବୀ ଅଂଶୁମାନ ମହାନ୍ତି ଯୋଗଦେଇ ସ୍ନେହ, ପ୍ରେମ ଏବଂ ମମତାର ଜଣେ କିମ୍ବଦନ୍ତୀ ମଣିଷ ଥିଲେ ଇଭାରାଣୀ। ଏହାଛଡା ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ସଫଳତା ପାଇଁ ତାଙ୍କ ପ୍ରଚ୍ଛଦପଟ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ବ୍ରିଟିଶ ଶାସନରେ ଅସୁସ୍ଥ ଥିବା ଶ୍ୟାମସୁନ୍ଦର ବାବୁଙ୍କୁ ସେବା ସୁଶ୍ରୁଷା ଯୋଗାଇ ଜଣେ ଦେଶଭକ୍ତର ପରିଚୟ ଦେଇଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜିବ କୁମାର ସାହୁ ଯୋଗଦେଇ ତାଙ୍କ ବ୍ୟକ୍ତିତ୍ୱ ଏବଂ ବ୍ୟବହାରର ପଟାନ୍ତର ନାହିଁ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗୁଣୀ ଗୟାରାମ ଜେନା, ସମାଜସେବୀ କୌଶିକ ଚାନ୍ଦ, ସୁଦର୍ଶନ ଜେନା, ପ୍ରଫୁଲ୍ଲ ପାତ୍ର,ଅମ୍ବରିଶ ମହାନ୍ତି, ଅନୁପମ ପଣ୍ଡା, ଅଶୋକ ଦାସ ପ୍ରମୁଖ ଯୋଗଦେଇ ତାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ବଡପୁଅ ଅଶୋକ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ମୁଖ୍ୟାଳୟରେ ମିଳିତ ଜନଶୁଣାଣି

# ୧୬୩ ଅଭିଯୋଗରୁ ୩୭ଟିର ତତ୍କାଳ ଫଇସଲା

ବାଲେଶ୍ୱର,୨ ।୩(ସମିସ)

ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ମିଳିତ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ଅନୁଷ୍ଠିତ ହୋଇଛି । ଶିବିରରେ ମୋଟ ୧୬୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୩୧ଟି ମାମଲା ବ୍ୟକ୍ତିଗତ ରହିଥିବା ବେଳେ ୧୦ଟି ସାମୁହିକ ସମସ୍ୟା ଉପରେ ରହିଥିଲା । ଏହାବ୍ୟତିତ ୨୨ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଥିଲା । ୩୭ଟି ମାମଲାକୁ ତତକ୍ଷଣାତ ଫଇସଲା କରାଯାଇଥିଲା । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଭାତ କୁମାର ବେହେରା ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଶିବିରରେ ବିଶେଷ କରି ଆଜି ଆର୍ଥିକ ସହାୟତା ହେଉ, ନୂତନ ବାର୍ଦ୍ଧକ୍ୟ ଭତା ହେଉ କିମ୍ବା ଆର୍ଥିକ ସହାୟତା ହେଉ ଆଦି ଉପରେ ଅଭିଯୋଗ ହୋଇଥିଲା ।



**ବେଆଇନ ଭାବେ ଶୌଚାଳୟ ନିର୍ମାଣ ଅଭିଯୋଗ:** ଚାନ୍ଦିପୁର ଥାନା ଅର୍ନ୍ତଗତ ରଣସାହି ଅଂଚଳର ଜଣେ ମହିଳା ହୋମଗାର୍ଡ ଜୟନ୍ତୀ ମହାନ୍ତିଙ୍କ ଘର ସମ୍ମୁଖରେ ତାଙ୍କ ବଡ ଭାଇ ଏବଂ ତାଙ୍କର ପରିବାରମାନେ ମିଶି ଜୋର ଜବରଦସ୍ତ ଏକ ବଡ ପାଇଖାନା ଟାଙ୍କି ବେଆଇନ ଭାବେ ନିର୍ମାଣ କରିଛନ୍ତି । ଏହାକୁ ବିରୋଧ କରି ଆଜି ମହିଳା ହୋମଗାର୍ଡ ଜଣଙ୍କ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ବଡ ଭାଇ ହୃଷିକେଶ ମହାନ୍ତି ଏବଂ ତାଙ୍କର ଦୁଇ ପୁଅ ମିଳିତ ଭାବେ ବେଆଇନ ଭାବେ ବଳପୂର୍ବକ ତାଙ୍କ ଘର ସମ୍ମୁଖରେ ଏକ ବଡ ପାଇଖାନା ଟାଙ୍କି ନିର୍ମାଣ କରିଛନ୍ତି । ଏହାଫଳରେ ତାଙ୍କ ପରିବାର ଲୋକେ ବହୁ ଅସୁବିଧାରେ ସମ୍ମୁଖିନ ହେଉଥିବା ବେଳେ ମଇଳା ଘେରରେ ରହୁଛନ୍ତି । ଏପରିକି ପୂର୍ବରୁ ସେ ଜିଲ୍ଲାପାଳ, ଏସପି, ଚାନ୍ଦିପୁର ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏଣୁ ଏ ନେଇ ଜିଲ୍ଲାପାଳ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ପାଇଁ ବେଆଇନ ଭାବେ ନିର୍ମାଣ ହୋଇଥିବା ଉକ୍ତ ପାଇଖାନା ଟାଙ୍କିକୁ ଭାଙ୍ଗିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ମହିଳାଙ୍କ ଧାରଣା

ବାଲେଶ୍ୱର,୨ ।୩(ସମିସ): ସଦର ଥାନା ଅର୍ନ୍ତଗତ କୁରୁଡା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ମହିଳାଙ୍କ ବ୍ୟକ୍ତିଗତ ରାସ୍ତାକୁ ଉକ୍ତ ଗ୍ରାମର କିଛି ବ୍ୟକ୍ତି ଜୋର ଜବରଦସ୍ତ ଅକ୍ତିଆର କରିଥିବା ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଯଦି ତାଙ୍କର ସମସ୍ୟା ସମାଧାନ ନହୁଏ ତେବେ ସେ ଆତ୍ମାହୂତି ପ୍ରଦାନ କରିବେ ବୋଲି କହିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଘରୋଇ ଇଜମାଲି ଠାକୁର ନାମରେ ନାମିତ ଏକ ରାସ୍ତାକୁ ତାଙ୍କର ପଡ଼ୋଶୀମାନେ ଅବରୋଧ କରି ରଖିଥିଲେ । ତାଙ୍କ ଦରଖାସ୍ତ କ୍ରମେ ଜିଲ୍ଲା ପ୍ରଶାସନ ଦ୍ୱାରା ଅନେକବାର ସେହି ରାସ୍ତାର ସୀମା ନିର୍ଦ୍ଧାରଣ ଜବରଦଖଲ ଉଚ୍ଛେଦ ଆଇନ ଅନୁସାରେ ଅନେକବାର ହୋଇଛି ।



ଜିଲ୍ଲା ପ୍ରଶାସନ ଦ୍ୱାରା ହୋଇଥିବା ସୀମା ଚିହ୍ନଟ, ଜବରଦଖଲ ଉଚ୍ଛେଦ ଏପରିକି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଓ ସାଂସଦ ଏବଂ ବିଧାୟକଙ୍କ ହସ୍ତକ୍ଷେପ ପରେ ବି ସେଇ ପରିବାର ଲୋକେ ଉକ୍ତ ରାସ୍ତାକୁ ଅବରୋଧ କରି ରଖିଛନ୍ତି । ଏପରିକି ସେ ବିରୋଧ କରିବାରୁ ତାଙ୍କୁ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ମଧ୍ୟ ଦେଉଛନ୍ତି । ଏପରିକି ତାଙ୍କୁ ସହଯୋଗ କରୁଥିବା ଗ୍ରାମବାସୀଙ୍କୁ ସେମାନେ ମାରିବାକୁ ଧମକ ମଧ୍ୟ ଦେଉଛନ୍ତି । ଏହି ରାସ୍ତା ଅବରୋଧ ହେବା ଫଳରେ ଜରୁରୀକାଳୀନ ଭିତ୍ତିରେ ତାଙ୍କ ଘରକୁ ଆମ୍ବୁଲାନ୍ସ ମଧ୍ୟ ଆସିପାରୁ ନାହିଁ । ଏଣୁ ଏହାକୁ ନେଇ ପୂର୍ବରୁ ସେ ଧାରଣା ଦେଇଥିଲେ ମଧ୍ୟ କୌଣସି ସମାଧାନ ନହେବାରୁ ଆଜି ବାଧ୍ୟ ହୋଇ ପୁଣିଥରେ ଆଜି ଧାରଣା ଦେଇଛନ୍ତି । ଯଦି ଏଥିରେ କୌଣସି ସମାଧାନ ନ ବାହାରେ ତେବେ ସେ ଆତ୍ମାହୂତି ପ୍ରଦାନ କରିବେ ବୋଲି କହିଛନ୍ତି ।

## ସ୍କୁଲ ଛାତ୍ରଙ୍କ ବ୍ୟାଗ୍‌ରୁ ବନ୍ଧୁକ ବାହାରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ନୋହିଲା

ବାଲେଶ୍ୱର,୨ ।୩(ସମିସ): ଖନ୍ତାପଡା ଥାନା ଅର୍ନ୍ତଗତ ଦାସ ମହାପାତ୍ର ବାଂଛାନିଧି ବିଦ୍ୟାଳୟର ଅଧ୍ୟୟନରତ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ବ୍ୟାଗରୁ ବନ୍ଧୁକ ବାହାରିବା ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଆଜି ଅଭିଭାବକମାନେ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ, ଉକ୍ତ ଛାତ୍ରଙ୍କ ବ୍ୟାଗରୁ ଗତମାସ ୨୯ ତାରିଖରେ ଏକ ବନ୍ଧୁକ ବାହାରିଥିଲା । ଯାହାକୁ ନେଇ ସ୍କୁଲର ଅନ୍ୟ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ । ଏହି ଘଟଣାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଦସ୍ୟ ବିଇଓଙ୍କଠାରେ ଅଭିଯୋଗ କରିଥିଲେ । ଘଟଣାର ପରଦିନ ବିଇଓ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟକୁ ଆସି ପରିସ୍ଥିତିକୁ ଅନୁଧ୍ୟାନ କରି ଗ୍ରାମବାସୀ ଓ ପରିଚାଳନା କମିଟି ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସମସ୍ତ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ପିଲାକୁ ବିଦ୍ୟାଳୟରୁ ବାହାର କରାଯିବ ବୋଲି ମଧ୍ୟ କହିଥିଲେ । ଉକ୍ତ ଦିନ ରାତି ଗୋଟାଏ ବେଳେ ଟିସି ଇସ୍ୟୁ କରାଯାଇ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ନେଇ ଯାଇଥିଲେ । ହେଲେ ଏହି ଘଟଣାକୁ ଏକ ମାସ ବିତି ଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଏଣୁ ଏହି ଘଟଣାର ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ । ଯଦି ଏହି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଗ୍ରାମବାସୀ ଲଲାଟକେଶରୀ ଦାସ, ମାଳତୀ ମଲ୍ଲିକ, ଜ୍ୟୋତିରେଖା ମଳିକ, ଶୁଭଶ୍ରୀ ଦାସ, ପ୍ରମିଳା ଦାସ, ରଶ୍ମୀରେଖା ଦାସ, ଯଶୋବନ୍ତ ମଲ୍ଲିକ, କବିତା ବାରିକ, ତିଳତମା ଖଣ୍ଡେଇ, ଅଞ୍ଜଳି ମଳିକ ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି ।

## ବଜାରରେ ବିକ୍ରି ହେଉଛି ଏକ୍ସପାଏରି ମୃଦୁ ପାନୀୟ

ବସ୍ତା ବ୍ଲକ, ୨।୩ (ସମିସ): ଏବେଠାରୁ ଆରମ୍ଭ ହେଲାଣି ଗ୍ରୀଷ୍ମ ପ୍ରବାହ । ସାଧାରଣତଃ ଗ୍ରୀଷ୍ମ ଋତୁରେ ମୃଦୁ ଥଣ୍ଡା ପାନୀୟର ଅଧିକ ଚାହିଦା ରହେ । ମାତ୍ର ଏବେ ଏହି ମୃଦୁ ଥଣ୍ଡା ପାନୀୟ ସବୁ ଦୋକାନରେ ବିକ୍ରି ହେଉଥିବା ବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅଞ୍ଚଳରେ ଏକ୍ସପାଏରି ମୃଦୁ ପାନୀୟ ବହୁଳ ମାତ୍ରାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଲୋକେ ମୃଦୁ ପାନୀୟ ବଦଳରେ ବିଷାକ୍ତ ପାନୀୟ ପିଉ ଥିବା ସଙ୍ଗୀନ ଅଭିଯୋଗ ହୋଇଛି । ଏବେ ବଜାରରେ ବିଭିନ୍ନ କମ୍ପାନୀର ମୃଦୁ ପାନୀୟ ବଜାର ରେ ମିଳୁଛି । ଶୋଷ ମେଣ୍ଟାଇବା ପାଇଁ ଲୋକେ ସିନା ଥଣ୍ଡା ପିଉ ଛନ୍ତି ତେବେ ଏହିସବୁ କମ୍ପାନୀର ପାନୀୟ ମଣିଷ ଶରୀର ପ୍ରତି କ'ଣ ପ୍ରଭାବ ପକାଇବ ତାକୁ ଯାଞ୍ଚ କରିବାକୁ କେହି ନାହିଁ । ଏବେ ଅନେକ ସ୍ଥାନରେ ମୃଦୁ ପାନୀୟ ବେନାମୀ କମ୍ପାନୀ ନାମରେ ତିଆରି ହେଉଛି । ଏହା ଖୋଲା ବଜାର ରେ ବିକ୍ରୀ ହେଉଛି । ଥଣ୍ଡା ପାନୀୟ ବିକ୍ରି ପାଇଁ ନେଇଥିବା ଅଧିକୃତ ବିକ୍ରେତା ମାନେ ଅଧିକ ଲାଭ ଆଶାରେ ଶୀତ ଦିନେ ବିଭିନ୍ନ ସ୍କିମ୍‌ରେ ଥଣ୍ଡା ପାନୀୟ ଆଣି ମହଜୁଦ ରଖିଥିବା ବେଳେ ଏବେ ବିକ୍ରି କରୁଛନ୍ତି । ଯାହା ଫଳରେ ଅନେକ ପାନୀୟର ସମୟ ଏକ୍ସପାଏରି ହୋଇ ଯାଇଛି । ସେ ସବୁକୁ ସାରିବା ପାଇଁ ଖୁଚୁରା ଦୋକାନୀଙ୍କୁ କମ୍ ଦାମରେ ବିକ୍ରି କରୁଛନ୍ତି । ଏଥିରେ ଖୁଚୁରା ବିକ୍ରେତାକୁ ଲାଭ ଅଧିକ ମିଳୁଛି । ସାଧାରଣତଃ ଲୋକେ ଥଣ୍ଡା ପାନୀୟ କିଣିବା ବେଳେ ସବୁ ଲୋକେ ଏକ୍ସପରୀ ତାରିଖ ଦେଖୁ ନାହାନ୍ତି । ଏହାର ଫାଇଦା ଉଠାଉଛନ୍ତି ଦୋକାନୀ । ଏପରିକି ହୋଟେଲ, ପାନ ଦୋକାନ, ଢ଼ାବା ସହିତ ସମସ୍ତ ଦୋକାନ ରେ ଏହି ଭଳି ଥଣ୍ଡା ପାନୀୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଏହା ସହିତ ଅନେକ ବେନାମୀ କମ୍ପାନୀର ପାଣି ବୋତଲ ମାର୍କେଟରେ ବିକ୍ରି ହେଉଛି । ବିଶେଷ କରି ପଡୋଶୀ ପଶ୍ଚିମ ବଙ୍ଗ ରୁ ପାଣି ବୋତଲ ଓ ପାଣି ପାଉଚ ବସ୍ତା ଆସି ବିକ୍ରି ହେଉଛି । ଏବେ ବିଭିନ୍ନ ସଭା ସମିତି, ବିବାହ, ବ୍ରତ ଘର, ମେଳା, ଶ୍ରାଦ୍ଧ ଦିବସରେ ଏହି ପାଣି ବୋତଲ ର ବହୁ ମାତ୍ରାରେ ବ୍ୟବହାର ହେଉଛି । ଏହିଭଳି ଅନେକ ବେନାମୀ କମ୍ପାନୀ ଓ ନକଲି ପାନୀୟ ବିକ୍ରି ବଜାରରେ ହେଉଥିବା ବେଳେ ଯାଞ୍ଚ ବିଭାଗ ଚୁପ୍ ବସିବା ଲୋକଙ୍କୁ ଚକିତ କରିଛି । ବେନାମୀ ଓ ନକଲି ଥଣ୍ଡା ପାନୀୟ ଓ ପାଣି ବୋତଲ ବିକ୍ରି ଉପରେ ଯାଞ୍ଚ ପାଇଁ ଦାବି ହୋଇଛି ।



## ପତଞ୍ଜଳି ଯୋଗ ସମିତିର କାର୍ଯ୍ୟକର୍ତ୍ତା ବୈଠକ



ଜଳେଶ୍ୱର, ୨।୩ (ସମିସ) : ଯୋଗର ପ୍ରଚାର ପ୍ରସାର ନିମନ୍ତେ ପତଞ୍ଜଳି ଯୋଗ ସମିତି ଜଳେଶ୍ୱରର କାର୍ଯ୍ୟକର୍ତ୍ତାମାନଙ୍କୁ ଜଳେଶ୍ୱର ଭଞ୍ଜ ମଣ୍ଡପଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକକୁ ପତଞ୍ଜଳି ଯୋଗସମିତିର ଜିଲ୍ଲାପ୍ରଭାରୀ ମନୋଜ ଦେ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ସମାଜସେବୀ ରମାକାନ୍ତ ଭଞ୍ଜ ଯୋଗଦାନ କରି ସମାଜକୁ ସୁସ୍ଥ ଏବଂ ସତେଜ ରଖିବା ପାଇଁ ଯୋଗର ଭୂମିକା ସମ୍ପର୍କରେ ମତ ରଖିଥିଲେ । ପତଞ୍ଜଳି ସ୍ୱାଭିମାନ ଭାରତର ସଭାପତି କରୁଣାକର ଶିଓଳ, ମହିଳା ପ୍ରଭାରୀ ଯଶୋମତି ଶିଓଳ, କ୍ଷେତ୍ରମୋହନ ଗିରି, ନଗେନ୍ଦ୍ର କର ପ୍ରମୁଖ ମଞ୍ଚାସିନ ହୋଇ ଜଳେଶ୍ୱରର ପତଞ୍ଜଳି ଯୋଗ ସମିତିର କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା କରିବା ସହ ଆଗାମୀ ଦିନରେ ପ୍ରତି ଗ୍ରାମରେ ଯୋଗ ଶିବିର ପରିଚାଳନା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଏଥିରେ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ । ନୂତନ କରି ପ୍ରଶିକ୍ଷିତ ହୋଇଥିବା ଯୋଗ ପ୍ରଶିକ୍ଷକ ଏବଂ ପ୍ରଶିକ୍ଷିକା ମାନଙ୍କୁ ପରିଚୟ ପତ୍ର ପ୍ରମାଣ କରାଯାଇଥିଲା ।

## ରାଇକୁଳା ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଖଇରା,୨ ।୩ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ରାଇକୁଳା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ପିତାମ୍ବର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବିଦାୟୀ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ ଜେନା ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଥିରେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ମୁଖ୍ୟଅତିଥି, ପୁର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ ମୁଖ୍ୟବକ୍ତା, ସରପଞ୍ଚ ରଘୁନାଥ ଜେନା, ସମିତିସଭ୍ୟା କମଳିନୀ ମାଝୀ, ଏବିଇଓ ଲକ୍ଷ୍ମୀଧର ସିଂ, ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ଜେନା, କମିଟି ସଭାପତି ବ୍ରଜ ମୋହନ ପାତ୍ର, ଭାଗବତ ମାଝୀ, ସିଆରସିସି ଜଗନ୍ନାଥ ଶିଅଳ, ଶିକ୍ଷକ ନେତା ସୁଶାନ୍ତ ମହାପାତ୍ର, ଜଗନ୍ନାଥ ମହାପାତ୍ର, ନାରାୟଣ ମହାପାତ୍ର ଓ ଶଙ୍କର୍ଷଣ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପ୍ରତି ବିଦାୟୀ ଶିକ୍ଷକଙ୍କ ଭଲପାଇବା ତାଙ୍କୁ ପିଲା ଓ ଗ୍ରାମବାସୀଙ୍କ ହୃଦୟରେ ସ୍ଥାନ ଦେବ ବୋଲି ଅତିଥି ମାନେ ଉଲ୍ଲେଖ କରିଥିଲେ । ବିଦାୟୀ ଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ପରେ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଜୟନ୍ତ ଦାସ, ବିଜୟ ଦିବେଦୀ ଓ ଶିକ୍ଷୟିତ୍ରୀ ସିପ୍ରା ପଣ୍ଡା ସହଯୋଗ କରିଥିଲେ ।

## ବିଭିନ୍ନ ସ୍ଥାନରେ ଦୋଳ ମେଳଣ



କାଳିପଦା, ୨।୩ (ସମିସ): ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଆଜିଠୁ ଦୋଳ ମେଳଣ ଓ ଗ୍ରାମୀଣ ମେଳା ଆରମ୍ଭ ହୋଇଛି । ମେଳଣ ଓ ରାଧା କୃଷ୍ଣଙ୍କ ପୂଜା ଅର୍ଚ୍ଚନା ଆସନ୍ତା କାଲିକୁ ହେବାକୁ ଥିଲା ।ମାତ୍ର ଚନ୍ଦ୍ର ଗ୍ରହଣ ପାଇଁ ମଣ୍ଡପରେ ଆଜିଠୁ ସମସ୍ତ କାର୍ଯ୍ୟ ଆରମ୍ଭ ହେବା ସହିତ ଘଟୋତ୍ତଳନ ହୋଇଛି । ଦେଉଳା ପଞ୍ଚାୟତ ବାସୁଦେବପୁରରେ ଆଠ ତାରିଖଠୁ ମେଳଣ ଅବସରରେ ପ୍ରସିଦ୍ଧ ସୁବର୍ଣ୍ଣ ରେଖା ଗ୍ରାମୀଣ ଦୋଳ ମହୋତ୍ସବ ଆରମ୍ଭ ହେବ । ଦୋଳ ମେଳଣ ସକାଶେ ରାଧାକୃଷ୍ଣଙ୍କ ମଠରେ ପୂଜା ପାଠ ସମସ୍ତ ରୀତି ନୀତି ଧର୍ମୀୟ ପରମ୍ପରା ଅନୁସାରେ ସମ୍ପନ୍ନ ହୋଇଛି । ଅନନ୍ତ ବାସୁଦେବଙ୍କ ନାମରୁ ପ୍ରତି ପନ୍ନ ଏହି ଗାଁ । ଶହେ ବର୍ଷରୁ ଅଧିକ ପୁରାତନ ଏହି ଦୋଳ ମେଳଣ । ଯାଦବ ସମ୍ପ୍ରଦାୟର ସ୍ୱର୍ଗତ ଭଗବାନ ବାରିକ, ବିପିନ ବାରିକ, ବିନୟ ଷଣ୍ଢ ପ୍ରମୁଖ ପ୍ରଥମେ ଏହି ମେଳଣ ଆରମ୍ଭ କରିଥିଲେ । ପରେ ଏହା ସାର୍ବଜନୀନ ଦୋଳ ମେଳଣରେ ପରିଣତ ହୋଇଛି । ସ୍ୱର୍ଗତ ବଳରାମ ସାହୁ, କାର୍ତ୍ତିକ ଯାଦବ, ଗ୍ରାମର ଯୁବ ଗୋଷ୍ଠୀ ଶ୍ରୀକାନ୍ତ ନାଥ, ବସନ୍ତ କୁମାର ବାରିକ, କମଳା କାନ୍ତ ବାରିକ, ଅର୍ଦ୍ଧେନ୍ଦୁ ବାରିକ, ଗୋପାଳ କୃଷ୍ଣ ବିଶ୍ୱାଳ,ଶ୍ରୀକାନ୍ତ ବାରିକ, ଚନ୍ଦନ ବାରିକ, ସୁଶାନ୍ତ ବାରିକ, ଶ୍ୟାମ ସୁନ୍ଦର ଷଣ୍ଢ, ଟିଙ୍କିନା ଷଣ୍ଢ, ସିଦ୍ଧେଶ୍ୱର ବାରିକ,ମାନ ଗୋବିନ୍ଦ ବାରିକ, ପଦ୍ମ ଲୋଚନ ବାରିକ,ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ପୂର୍ବତନ ସରପଞ୍ଚ ଅଜୟ କୁମାର ଭୂୟାଁ ପ୍ରମୁଖ ଆଗଭର ହୋଇ ମେଳଣ ଓ ଦୋଳ ମହୋତ୍ସବ କରୁଛନ୍ତି । ଆସନ୍ତା ୮ ତାରିଖରୁ ସୁବର୍ଣ୍ଣ ରେଖା ଦୋଳ ମହୋତ୍ସବ ଆରମ୍ଭ ହେବାକୁ ଥିବାବେଳେ ଏବେ ମୀନା ବଜାର ,ସଂକୀର୍ତନ, ଓଗାଳ, ଦଣ୍ଡ ଖେଳ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଛି । ସୁବର୍ଣ୍ଣ ରେଖା ଗ୍ରାମୀଣ ଦୋଳ ମହୋତ୍ସବ ଦଶ ଦିନ ପର୍ଯ୍ୟନ୍ତ ଚଳିବ ବୋଲି ଆୟୋଜକମାନଙ୍କଠାରୁ ପ୍ରକାଶ । ସେହିପରି ବାଲିଆପାଳ ଥାନା ନିକଟ ବାଲିଆପାଳ ଦୋଳ ମେଳଣ, ରାଧାକୃଷ୍ଣଙ୍କ ପୂଜା ଅର୍ଚ୍ଚନା, ଗୋ ପୂଜନ ଆଦି କାର୍ଯ୍ୟକ୍ରମ ଆଜିଠୁ ଆରମ୍ଭ ହୋଇଛି । ଚୌମୁଖରେ ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଆଜି ଦୋଳ ମେଳଣ ଓ ରାଧା କୃଷ୍ଣଙ୍କ ପୂଜା ଅର୍ଚ୍ଚନା, ଗୋ ପୂଜନ ଆଦି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

## ବିବାଦରେ ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଜଳେଶ୍ୱର,୨।୩ (ସମିସ) : ଜଳେଶ୍ୱର ବ୍ଲକରେ ସର୍ବପୁରାତନ ଐତିହ୍ୟ ଶିକ୍ଷାନୁଷ୍ଠାନ ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଚାଳନା ଗତ କିଛି ଦିନ ହେବ ବିବାଦରେ ରହିଆସୁଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରିଙ୍କ ଅବସର ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ଓ ପରିଚାଳନା କମିଟି ସଭାପତିଙ୍କ ମତପାର୍ଥକ୍ୟ ଯୋଗୁଁ ସବୁ ବେଳେ ବିବାଦୀୟ ପରିସ୍ଥିତ ସୃଷ୍ଟି ହେଉଛି । ନିକଟରେ ଜନୈକ କିରାଣିଙ୍କ ନାଁରେ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା । ଫଳରେ ଗତ ୧୭ ତାରିଖରେ ବିଦ୍ୟାଳୟ ପରିଚାଳନା କମିଟି ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ପୁରାତନ ଛାତ୍ର ଛାତ୍ରୀ ଏକ ଜରୁରୀ ଅଧିବେଶନ ଡାକି ଦୃଢ଼ ନିଷ୍ପତ୍ତି ନେଇଛନ୍ତି । ପରିଚାଳନା କମିଟିର ସଭାପତି ମହିରି କୁମାର ଭୂୟାଁ ବିଦ୍ୟାଳୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା, ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଫୋନ୍ ଯୋଗେ ଗାଳି ଗୁଲଜ କରିବା, କିରାଣିଙ୍କୁ ଅକଥନୀୟ ଭାଷାରେ ଅପମାନିତ କରିବା, ପିଅନକୁ ଚକ୍ରାନ୍ତ କରି ଛାତ୍ର ମାନଙ୍କ ଦ୍ୱାରା ମିଥ୍ୟା ଅପବାଦ ଦେବା ଆଦି ବିଷୟରେ ଘୋର ନିନ୍ଦା କରାଯାଇଥିଲା । ଫଳରେ ଏହି ଐତିହାସିକ ବିଦ୍ୟାଳୟର ଗରିମା କ୍ଷୁର୍ଣ୍ଣ ହେଉଛି ଦର୍ଶାଇ ସଭାପତିଙ୍କ ବିରୋଧରେ ବହିଷ୍କାର ଦାବିପତ୍ରରେ ସ୍ୱାକ୍ଷର କରିଥିଲେ । ଶ୍ୟାମା ଚରଣ ଦାସ, ପ୍ରଶାନ୍ତ ଦାସ, ରଞ୍ଜନ କୁମାର ଦାଶ ମହାପାତ୍ର, ରାଜେଶ କୁମାର ମହାନ୍ତି, ଉମା ଶଙ୍କର ସିଂଘ, ଚନ୍ଦନ କୁମାର ମଣ୍ଡଳ,ପ୍ରଦୀପ୍ତ କୁମାର ସାହୁ, ବିଶ୍ୱରୂପ ଦାସ, ଜୟଶ୍ରୀ ଜେନା,ସମୀର କୁମାର ବିଶ୍ୱାଳ, ପ୍ରଦୀପ କୁମାର ଜେନା, ଗାୟତ୍ରୀ ରାୟ ପ୍ରମୁଖ ଅଧିବେଶନରେ ଉପସ୍ଥିତ ହୋଇ ଦସ୍ତଖତ ଦେଇଛନ୍ତି ।

## ୩ ମାଟି ବୋଝେଇ ଟ୍ରାକ୍ଟର ଜବତ

ସୋର,୨।୩ (ସମିସ): ଆଜି ମଧ୍ୟାହ୍ନରେ ସୋର ତହସିଲ ପକ୍ଷରୁ ଗୋପାଳପୁର ଗ୍ରାମରେ ଚଢାଉ କରାଯାଇ ତିନୋଟି ମାଟି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି । ଆଜି ମଧ୍ୟାହ୍ନରେ ବେଆଇନ ଭାବେ ମାଟି ପରିବହନ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ଗୋପାଳପୁର ଗ୍ରାମରେ ଚଢ଼ଉ କରିଥିଲେ । ଏହି ସମୟରେ ମାଟି ବୋଝେଇ କରି ଆସୁଥିବା ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରି ସୋର ତହସିଲ ପରିସରରେ ରଖିଥିଲେ । ପରେ ଖଣି ବିଭାଗକୁ ହସ୍ତାନ୍ତର କରିବା ପରେ ବିଭାଗ ତରଫରୁ ସୋର ଥାନାରେ ଅଭିଯୋଗ କରାଯାଇଛି । ଚଢ଼ଉ ହେଉଥିବା ଜାଣିପାରି ୧୦ରୁ ଅଧିକ ଟ୍ରାକ୍ଟର ଫେରାର ହେବା ସହିତ କିଛି ସମୟ ପାଇଁ ମାଟି ଚାଲାଣ ବନ୍ଦ ଥିବା ଜଣାପଡିଛି ।

## ମଣି ନାଗେଶ୍ୱର ଯୁବ ସମିତି ପକ୍ଷରୁ ରକ୍ତଦାନ ଶିବିର



ଜଳେଶ୍ୱର,୨।୩ (ସମିସ): ଜଳେଶ୍ୱର ବ୍ଲକ କଳମା ପଞ୍ଚାୟତର ନାଗେଶ୍ୱରପୁର ଗ୍ରାମର ଶ୍ରୀ ବାବାମଣି ନାଗେଶ୍ୱର ପୂଜା ଉପଲକ୍ଷେ ମଣି ନାଗେଶ୍ୱର ଯୁବ ସମିତି, ଜିଲ୍ଲା ରକ୍ତଦାତା ସଂଘ ଓ ଆମ ଓଡ଼ିଶା ମିଳିତ ସହଯୋଗରେ ଆୟୋଜିତ ଶିବିରକୁ ରକ୍ତଦାତା ସଂଘ ସଭାପତି ତଥା ସମାଜସେବୀ କମଳ କୁମାର ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ରକ୍ତଦାତା ସଂଘର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ସୁରଜ ଭଞ୍ଜ, ଉତ୍ତର ବାଲେଶ୍ୱର ସମ୍ବାଦ ପ୍ରତିନିଧି ସତ୍ୟବ୍ରତ ପ୍ରଧାନ, ଅଙ୍ଗନୱାଡି ଦିଦି ଅନିତା ଗିରି ଓ ଆଶା କର୍ମୀ ବ୍ରଜ ବିଳାସିନୀ ଗିରି ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରୁ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ସମିତି ଅଧ୍ୟକ୍ଷ ପ୍ରିୟକାନ୍ତ ଗିରି, ସମ୍ପାଦକ ଦେବବ୍ରତ ବେହେରା, ସଭ୍ୟ ବରୁଣ କୁମାର ଗିରି, ଅମିତ ଗିରି, ସୁନୀଲ କୁମାର ଗିରି ଶିବିରକୁ ପରିଚାଳନା କରିଥିଲେ ।

## ବିଦ୍ୟୁତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଟିପିଏନଓଡିଏଲର କୌଶଳ ବିକାଶ କେନ୍ଦ୍ର

# ଆଇଟିଆଇ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟବହାରିକ ଶିକ୍ଷାକୁ ଗୁରୁତ୍ୱାରୋପ

ବାଲେଶ୍ୱର, ୨ ।୩ (ସମିସ)

ବଢୁଛି ଦକ୍ଷତା । ବିଦ୍ୟୁତ ସେବା ଯୋଗାଣରେ ଆଧୁନିକ ଉପକରଣ ତଥା ଜ୍ଞାନକୌଶଳର ବ୍ୟବହାର କରୁଛନ୍ତି ବିଦ୍ୟୁତ କର୍ମଚାରୀ ଓ କ୍ଷେତ୍ର କର୍ମଚାରୀଙ୍କ ବ୍ୟବହାରିକ ଜ୍ଞାନ ବୃଦ୍ଧି, ସୁରକ୍ଷିତ କାର୍ଯ୍ୟପନ୍ଥା ତଥା ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦିଗରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ବାଲେଶ୍ୱର ସହର ସମେତ ମୟୂରଭଞ୍ଜର ବେତନଟୀ, କେନ୍ଦୁଝରର ଯୋଡ଼ା, ଭଦ୍ରକର ରାହାଞ୍ଚ ଓ ଯାଜପୁରର ପାଣିକୋଇଲିରେ ପ୍ରତିଷ୍ଠା ହୋଇଛି କୌଶଳ ବିକାଶ କେନ୍ଦ୍ର ଓ କର୍ମଚାରୀଙ୍କ ଦକ୍ଷତା ବିକାଶ ସହ ସହକାରୀ ସଂସ୍ଥା କର୍ମଚାରୀ ତଥା ଡିପ୍ଲୋମା ଏବଂ ଆଇଟିଆଇ ଛାତ୍ରଛାତ୍ରୀଙ୍କ କୌଶଳ ଏବଂ ବ୍ୟବହାରିକ (ପ୍ରାକ୍ଟିକାଲ) ଜ୍ଞାନ ବୃଦ୍ଧି କରିବା ନେଇ ଟିପିଏନଓଡିଏଲ ପକ୍ଷରୁ ଏହା ଏକ ଅଭିନବ ପଦକ୍ଷେପ ଓ ଏହି କେନ୍ଦ୍ର ସ୍ଥାନୀୟ ଆଇଟିଆଇ ଓ ଡିପ୍ଲୋମା ଅଧ୍ୟୟନରତ ପିଲାଙ୍କ ଦକ୍ଷତା ବଢାଇବା ସହ ସେମାନଙ୍କୁ ଅଧିକ କୁଶଳୀ କରିବାରେ ବେଶ ସହାୟକ ହୋଇପାରିଛି ।



ସୂଚନା ମୁତାବକ, ବିଭିନ୍ନ ସରକାରୀ ଆଇଟିଆଇଗୁଡିକ ସହ ବୁଝାମଣା ପତ୍ର ସ୍ୱାକ୍ଷର କରି ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପିଲାଙ୍କ ବ୍ୟବହାରିକ ଦକ୍ଷତା ବଢାଇବା ସକାଶେ ଟିପିଏନଓଡିଏଲ ପକ୍ଷରୁ ବିଗତ ବର୍ଷରେ ୫ ଜିଲ୍ଲାର ୩୫୪ଜଣ ସରକାରୀ ଆଇଟିଆଇ ଇଲେକ୍ଟ୍ରିସିଆନ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୪୪୦ଜଣ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ସମସ୍ତ କୌଶଳ ବିକାଶ କେନ୍ଦ୍ରରେ ଅତ୍ୟାଧୁନିକ ଉପକରଣ ସ୍ଥାପନ କରାଯିବା ସହ ଏହାର ବ୍ୟବହାର ସମ୍ପର୍କରେ ସେମାନଙ୍କୁ ସବିଶେଷ ତାଲିମ ମଧ୍ୟ ଦିଆଯାଉଛି । ସେହିପରି ବିଗତ ବର୍ଷରେ ୪ହଜାରରୁ ଅଧିକ କର୍ମଚାରୀ କୌଶଳ ବିକାଶ କେନ୍ଦ୍ରରେ ତାଲିମ ପାଇଥିବାବେଳେ ଚଳିତ ବର୍ଷରେ ୧୩,୮୭୭ ଜଣ ଟିପିଏନଓଡିଏଲ ତଥା ସହଯୋଗୀ ସଂସ୍ଥାର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ସମୁଦାୟ ୬୦୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସୁରକ୍ଷା ସମ୍ପର୍କରେ ୨୩୫ଟି, ବୈଦ୍ୟୁତିକ କାର୍ଯ୍ୟ ସମ୍ପର୍କରେ ୩୭୪ଟି ତାଲିମ ପ୍ରଦାନ କରାଯାଇଛି । ସେହିପରି ଆଇଟିଆଇ ପିଲାଙ୍କୁ ସୁରକ୍ଷା, ବୈଦ୍ୟୁତିକ କାର୍ଯ୍ୟ ସମ୍ପର୍କିତ ଯୁଗପୋଯୋଗୀ ଜ୍ଞାନ, ୱାୟାରିଙ୍ଗ, ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଆବଶ୍ୟକ ଥିବା ଦକ୍ଷତା ଓ ଜ୍ଞାନକୌଶଳ ଆଦି ନେଇ ପ୍ରଶିକ୍ଷଣ ଦିଆଯାଇଛି । ସେହିପରି "ଟ୍ରେନ ଟୁ ହାୟର' ଭଳି ଏକ ଅଭିନବ ଯୋଜନା ଟିପିଏନଓଡିଏଲ ପକ୍ଷରୁ ଆରମ୍ଭ କରାଯାଇଛି । ଏ ନେଇ ବିଭିନ୍ନ ସରକାରୀ ଡିପ୍ଲୋମା କଲେଜର ଇଲେକ୍ଟ୍ରିକାଲ ଟ୍ରେଡ ପିଲାଙ୍କୁ କ୍ୟାମ୍ପସରେ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଟିପିଏନଓଡିଏଲରେ ନିଯୁକ୍ତି ପାଇଁ ପ୍ରାଥମିକତା ମଧ୍ୟ ଦିଆଯାଉଛି । ଏହି ରଣନୀତିକ ପଦକ୍ଷେପ କେବଳ ଓଡିଶାର ଯୁବକମାନଙ୍କ ଦକ୍ଷତା ବୃଦ୍ଧି ନୁହେଁ ବରଂ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରର ସାମଗ୍ରିକ ବିକାଶ ଏବଂ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସହାୟକ ହେଉଥିବା ଟିପିଏନଓଡିଏଲର ପରିଚାଳନା ମୁଖ୍ୟ ନିଲେଶ ପୋଟଫଡେ ମତ ରଖିଛନ୍ତି । ଟିପିଏନଓଡିଏଲ ପକ୍ଷରୁ ପ୍ରଦାନ କରାଯାଉଥିବା ତାଲିମ ସେମାନଙ୍କ ପାଇଁ ବେଶ୍ ସହାୟକ ହୋଇଥିବା ଆଇଟିଆଇ ଛାତ୍ର ସୌମ୍ୟ ରଞ୍ଜନ ସାହୁ କହିଛନ୍ତି ।

# ତେଲକୋଇରେ ଦୋଳ ମେଳଣ



ତେଲକୋଇ, ୨।୩(ସମିସ): ପବିତ୍ର ଦୋଳ ପୂର୍ଣ୍ଣିମା ପାଇଁ ସମଗ୍ର ତେଲକୋଇ ଅଞ୍ଚଳ ଉତ୍ସବ ମୁଖର ହୋଇ ପଡ଼ିଛି। ଚନ୍ଦ୍ରଗ୍ରହଣ ଯୋଗୁଁ ପ୍ରଭୁ ରାଧାମୋହନଙ୍କ ସୋମବାର ଦୋଳ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ବଜାର ମଧ୍ୟରେ ଥିବା ପ୍ରଭୁ ରାଧାମୋହନ ଆଜି ବିମାନରେ ଝୁଲି ଝୁଲି ଭକ୍ତଙ୍କ ଦ୍ୱାରକୁ ଆସି ପୂଜା ପାଇଛନ୍ତି। ଦୋଳ କମିଟି ପକ୍ଷରୁ ପ୍ରଭୁଙ୍କୁ ବିମାନରେ ବସାଇ ଦୋଳ ମଣ୍ଡପକୁ ନିଆଯାଇଛି। ଗଉଡ଼ଙ୍କ ପାରମ୍ପରିକ ବାଡି ଖେଳ ସାଙ୍ଗକୁ ଘଣ୍ଟୁଆ, ଶଙ୍ଖୁଆଙ୍କ ଚିତ୍ତାକର୍ଷକ ଖେଳ ଭକ୍ତଙ୍କୁ ବିମୋହିତ କରିଛି। ବାଦ୍ୟର ତାଳେ ତାଳେ ପ୍ରଭୁ ଝୁଲି ଝୁଲି ରଙ୍ଗ ଅବିର ଖେଳି ଦୋଳ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ମେଳଣ ଦେଖିବାକୁ ଆଖପାଖର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

# ୬ରେ କଂଗ୍ରେସର ଜନ ଅଧିକାର ଯାତ୍ରା



ଯୋଡ଼ା, ୨।୩(ସମିସ): ଆସନ୍ତା ୬ ତାରିଖ ଜିଲ୍ଲା କଂଗ୍ରେସ ସଭାପତି ଇଂ ମନୋଜ ଜେନାଙ୍କ ଆହ୍ୱାନକ୍ରମେ ଯୋଡ଼ାରେ ଏକ ବିରାଟ ଜନ ଅଧିକାର ସମାବେଶ ଅନୁଷ୍ଠିତ ହେବ ବୋଲି ପୂର୍ବତନ ସାଂସଦ ତଥା କଂଗ୍ରେସ ନେତା ଯଶୋବନ୍ତ ନାରାୟଣ ସିଂ ଲାଗୁରି ଆଜି ଅପରାହ୍ନରେ ଯୋଡ଼ା କଲ୍ୟାଣ ମଣ୍ଡପରେ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। କହିଛନ୍ତି ଯେ ରାଜ୍ୟ ସରକାର ଚମ୍ପୁଆ ଅଞ୍ଚଳରୁ ସର୍ବାଧିକ ଖଣି ରାଜସ୍ୱ ଆଦାୟ କରୁଥିବା ବେଳେ ଏ ଅଞ୍ଚଳ ପ୍ରତି ସବୁ କ୍ଷେତ୍ରରେ ବୈମାତୃକ ମନୋଭାବ ପୋଷଣ କରିଆସିଛନ୍ତି। ଏ ଅଞ୍ଚଳର ମୁଖ୍ୟ ଜୀବିକା ଖଣିରେ ଅଞ୍ଚଳବାସୀଙ୍କ ପାଇଁ କାମ ଧନ୍ଦାଟିଏ ନାହିଁ। ଖଣିଜ ଉତ୍ତୋଳନ, ପରିବହନ ସବୁ କ୍ଷେତ୍ରରେ ଜିଲ୍ଲା ବାହାରର ଲୋକଙ୍କ ଆଧିପତ୍ୟ ବଢ଼ି ଚାଲିଛି। ସଡକ ପଥରେ ପରିବହନ ନହୋଇ ସ୍ଲରୀ ପାଇପ ଓ ରେଳ ଯୋଗେ ପରିବହନକୁ ପ୍ରାଧାନ୍ୟ ଦିଆଯାଉଛି। ଫଳରେ ଏ ଅଞ୍ଚଳର ଅର୍ଥ ନୈତିକ ମାନଦଣ୍ଡ ବିଗିଡିବାରେ ଲାଗିଛି। ଲୋକେ ବାହାର ରାଜ୍ୟକୁ ଦାଦନ ଯାଉଛନ୍ତି। ଜଙ୍ଗଲ ଅବକ୍ଷୟ ସାଙ୍ଗକୁ ଜଳ, ବାୟୁ ପ୍ରଦୂଷଣ ଅଞ୍ଚଳବାସୀଙ୍କୁ ଜରାଗ୍ରସ୍ତ କରିଦେଇଛି। ଲୋକେ ନିଜର ନାର୍ଯ୍ୟ ଅଧିକାର ପାଇପାରୁ ନାହାନ୍ତି। ସାମ୍ବାଦିକ ସମ୍ମିଳନୀରେ ବ୍ଲକ ସଭାପତି ଚନ୍ଦ୍ରବୀର କୁମାର ମହନ୍ତ, ଯୋଡ଼ା ସହରାଞ୍ଚଳ ସଭାପତି ସୁବ୍ରତ ନାଏକ ଯୋଗ ଦେଇଥିଲେ। ଆଗାମୀ ସମାବେଶ ବାନେଇକଳା ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

● ନିଶା କାରବାର ବିରୋଧରେ ଜନଜାଗରଣ ଅଭିଯାନ

# 'ନିଶା ଛାଡ଼; ନହେଲେ ଠେଙ୍ଗାରେ ଜବାବ ଦିଆଯିବ'

ଆନନ୍ଦପୁର, ୨।୩ (ସମିସ): ଆନନ୍ଦପୁର ଉପଖଣ୍ଡ ଶାଳପଡା ନୂଆ କଲୋନୀରେ ମହିଳାମାନେ ନିଶାମୁକ୍ତ ଗାଁର ଲକ୍ଷ୍ୟ ନେଇ ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି। ଏନେଇ ଜନଜାଗରଣ ସୃଷ୍ଟି କରିବା ନେଇ ସେମାନେ ଶାଳପଡାର ବିଭିନ୍ନ ସାହିରେ ପ୍ଲାକାଡର୍ ଓ ବ୍ୟାନର ମାଧ୍ୟମରେ ସଚେତନତା ସୃଷ୍ଟି କରିଛନ୍ତି। ନିଶା କାରବାର ଦ୍ୱାରା ବିଶୃଙ୍ଖଳା ସୃଷ୍ଟି ହେଉଥିବା ପରିପ୍ରେକ୍ଷୀରେ ମହିଳାମାନେ ଠେଙ୍ଗା ଦ୍ୱାରା ଏହାକୁ ଆୟତ୍ତ କରିବାକୁ ଚେତାବନୀ ଦେଇଛନ୍ତି। ଦିନକୁ ଦିନ ବେଧଡ଼କ ନିଶା ଦ୍ରବ୍ୟ କାରବାର ଯୁବ ଗୋଷ୍ଠୀଙ୍କୁ ବହୁଳ ଭାବେ ପ୍ରଭାବିତ କରୁଥିବା ବେଳେ ବିଶୃଙ୍ଖଳିତ ବାତାବରଣ ସୃଷ୍ଟି ହେଉଛି। ପୁଲିସର ବ୍ୟାପକ ଚଢଉ ସତ୍ତ୍ୱେ ନିଶାକାରବାରକୁ ରୋକ୍ ଲଗାଇବା କାଠିକର ହୋଇଛି। ଏହିଭଳି ଘଟଣାକ୍ରମକୁ ଦୃଷ୍ଟିରେ ରଖି ବିଶେଷ କରି ନିଜ ଅଞ୍ଚଳରେ ନିଶା କାରବାରକୁ ରୋକିବା ପାଇଁ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ଆନନ୍ଦପୁର ପୌରପରିଷଦ ଘସିପୁରା ଥାନା ଶାଳପଡ଼ା ନୂଆ କଲୋନୀଠାରେ ଦିନକୁ ଦିନ ନିଶାଦ୍ରବ୍ୟ ବିକ୍ରି ବଢ଼ିବାରେ ଲାଗିଛି। ଏହାଦ୍ୱାରା ଘରେ କଳହ ଓ ଲୋକଙ୍କ ଜୀବନ ମଧ୍ୟ ଯାଉଛି। ବେଧଡ଼କ ଭାବେ ମଦ, ବ୍ରାଉନସୁଗର, ଗଞ୍ଜେଇ, ଜୁଆଖେଳ ଶାଳପଡ଼ା ନୂଆ କଲୋନୀରେ ବଢିବା ଯୋଗୁଁ ବହୁ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଯାହାକୁ ବନ୍ଦ କରିବାକୁ ଆଜି କଲୋନୀର ଶତାଧିକ ମହିଳା ଅଣ୍ଟା ଭିଡ଼ି ବିରୋଧ କରିବା ସହ ନିଶା ନିବାରଣ ରାଲି କରି ସଚେତନତା ଆରମ୍ଭ କରିଛନ୍ତି।




# ନଳକୂପ ଅଚଳ; ଜଳକଷ୍ଟରେ ୮୦ ପରିବାର



ଡୁରୁମୁଙ୍ଗା, ୨।୩(ସମିସ): ବୈଶାଖ ନହେଉଣୁ ଦେଖାଦେଲାଣି ଉତ୍କଟ ଜଳ ସମସ୍ୟା। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ତଣ୍ଡ ବାଙ୍କଘାଟ ସାହିର ଏକମାତ୍ର ନଳକୂପ ୨୦ଦିନ ହେବ ଅଚଳ ହୋଇ ପଡ଼ିଥିବାରୁ ସାହିର ୮୦ରୁ ଊର୍ଦ୍ଧ୍ୱ ଲୋକ ଜଳକଷ୍ଟ ଭୋଗୁଛନ୍ତି। ୩ କିଲୋମିଟର ଦୂର ଘାଟବାଲି ଯୋଡି ଗ୍ରାମରୁ ମହିଳାମାନେ ଗରା ବାଲ୍ଟି ଧରି ଲାଇନ୍ ଲଗାଇ ପାଣି ଆଣି ଶୋଷ ମେଣ୍ଟାଉଛନ୍ତି। ୨୦ ଦିନ ପୂର୍ବରୁ ଗ୍ରାମର ମଳୟ କୁମାର ଗିରି, ବାସୁଦେବ ନାଏକ, ଯଦୁମଣି ଗିରି, ମାମି ନାଏକ ଓ ଅଖିଳଚନ୍ଦ୍ର ନାଏକ ନଳକୂପ ଅଚଳ ନେଇ ସ୍ଥାନୀୟ ସରପଞ୍ଚ ଗୌର ହରି ନାଏକଙ୍କୁ ଦାବିପତ୍ର ଦେଇଥିଲେ ହେଁ ନଳକୂପ ମରାମତି ହୋଇ ପାରି ନାହିଁ। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବା ସରପଞ୍ଚ ଗୌରହରୀ ନାଏକ କହିଛନ୍ତି।

## ଦିନକ ପରେ ରଙ୍ଗର ପର୍ବ ହୋଲି

# ବଜାରରେ ଭଳିକି ଭଳି ରଙ୍ଗ ପସରା

ରାଇରଙ୍ଗପୁର,୨।୩ (ସମିସ):

ଭାଇଚାରାର ବାର୍ତ୍ତା ନେଇ ରଙ୍ଗର ପର୍ବ ହୋଲି ଆସିଛି। ଏ ନେଇ ରାଇରଙ୍ଗପୁର ବଜାରରେ ଭଳିକି ଭଳି ରଙ୍ଗ ଦୋକାନର ପସରା ମେଲିଛି। ନିଜ ପ୍ରିୟଜନଙ୍କ ସହ ହୋଲି ଖେଳିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଯାହାକୁ ନେଇ ରଙ୍ଗ ଫଗୁ କିଣିବା ପାଇଁ

● ପ୍ରାକୃତିକ ରଙ୍ଗ ବ୍ୟବହାରକୁ ଲୋକଙ୍କ ଗୁରୁତ୍ୱ

● ବିଭିନ୍ନ ସ୍ଥାନରେ ହୋଲିକୁ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି

ଦୋକାନରେ ଭିଡ଼ ମଧ୍ୟ ଜମୁଛି। ଫଗୁ ଓ ଫଗୁଣର ପର୍ବ ହୋଲିର ରଙ୍ଗରେ ରଙ୍ଗୀନ ହେବା ପାଇଁ ଅନେକ ପ୍ରସ୍ତୁତି ମଧ୍ୟ ହୋଇଛି। ହୋଲି ପାଳନ ନେଇ ଘର ସହ ଅନ୍ୟାନ୍ୟ ସ୍ଥାନରେ ସ୍ୱତନ୍ତ୍ର ହୋଲି ପ୍ରସ୍ତୁତି ହୋଇଛି। ଆଡମ୍ବରରେ ହୋଲି ପାଳିବା ପାଇଁ ବ୍ୟବସ୍ଥା କରାଯାଇଛି। ହୋଲି ମାନିବା ନେଇ ପିଲାଠୁ ବୃଦ୍ଧ ଓ ଯୁବପିଢ଼ିଙ୍କ ମଧ୍ୟରେ ଉତ୍କଣ୍ଠା ଭରିରହିଛି। ଯାହାର



ଝଲକ ମଧ୍ୟ ରାସ୍ତାଘାଟରେ ଦେଖିବାକୁ ମିଳିଛି।

ରାଇରଙ୍ଗପୁର ସହରର ଅନେକ ସ୍ଥାନରେ ଭଳିକି ଭଳି ରଙ୍ଗ ପସରା ନେଇ ଦୋକାନ ଖୋଲିଛି। ସୁରକ୍ଷିତ ଭାବେ ହୋଲି ପାଳିବା ପାଇଁ ଲୋକଙ୍କ ମଧ୍ୟରେ ଅନେକ ସଚେତନତା ଦେଖିବାକୁ ମିଳିଛି। ମୁଣ୍ଡଫଟା ରଙ୍ଗ, ବାର୍ନିସ୍ ଆଦିକୁ ରଙ୍ଗରେ ପ୍ରଚୁର ପରିମାଣର ରାସାୟନିକ ମିଶ୍ରଣ ରହିଥାଏ। ଯାହାକି ଚର୍ମ, ଶରୀର ଓ ଆଖି ଉପରେ ଖରାପ ପ୍ରଭାବ ପକାଇଥାଏ। ଉକ୍ତ ରଙ୍ଗ ସହଜରେ ଛାଡ଼ି ମଧ୍ୟ ନ ଥାଏ। ତେଣୁ ଅଧିକାଂଶ ଲୋକେ ବିନା ରାସାୟନିକ ରଙ୍ଗ ବ୍ୟବହାରରେ ଅବୀର ଓ ପ୍ରାକୃତିକ ରଙ୍ଗରେ ହୋଲି ପାଳନ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଲୋକଙ୍କ ଚାହିଦା ମୁତାବକ ପ୍ରାକୃତିକ ରଙ୍ଗର ଫଗୁ ମଧ୍ୟ ଦୋକାନୀମାନେ ରଖିଛନ୍ତି। ଏଥିସହିତ ଛୋଟ ପିଲାଙ୍କ ନିମନ୍ତେ ପିଚକାରୀ, ହୋଲି ବନ୍ଧୁକ, ମୁଖା, ଚୁଟି କେଶି ଆଦି ଅନେକ ସାମଗ୍ରୀରେ ଦୋକାନ ଝଲସୁଛି। ଛୋଟ ପିଲାଙ୍କ ନିମନ୍ତେ ପଶୁ, ରାକ୍ଷସ, ଝିଅ, ପୁଅ ଆଦି ମୁଖା ଓ ଚଷମା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ତେବେ ସ୍ଥାନୀୟ ଅଞ୍ଚଳର ଅନୁଷ୍ଠାନ ପକ୍ଷରୁ କୀର୍ତ୍ତନ ସମେତ ସାମୂହିକ କାର୍ଯ୍ୟକ୍ରମ ରହିଛି। ହୋଲିରେ ରଙ୍ଗୀନ ହେବାକୁ ବେଶ ଉତ୍ସାହ ଥିବାବେଳେ ପୁଲିସ ପକ୍ଷରୁ କଟକଣା ଜାରି କରାଯାଇଛି। ହୋଲିରେ ରଙ୍ଗ ଲଗାଇ ନିଶାରେ ଉତ୍ପାତ ହେଲେ ପୁଲିସ ଗିରଫ କରିବ। ଯାହାକି ଅମାନିଆଙ୍କୁ ଚେତିବା ପାଇଁ ପୁଲିସ ପକ୍ଷରୁ ସଚେତନ କରାଯାଇଛି। ରାଇରଙ୍ଗପୁର ବିଭିନ୍ନ ସ୍ଥାନ, ଛକ ଓ ଜନଗହଳି ସ୍ଥାନରେ ପୁଲିସ ପକ୍ଷରୁ କଡା ପେଟ୍ରୋଲିଂ କରାଯିବ। ଏହାସହିତ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥା ପାଇଁ ପୁଲିସ ମଧ୍ୟ ମୁତୟନ ରହିବେ। ହୋଲି ଦିନ ଅଘଟଣରୁ ସୁରକ୍ଷା ନିମନ୍ତେ ଅଗ୍ନିଶମ ବାହିନୀ ମଧ୍ୟ ପ୍ରସ୍ତୁତ ରହିଛନ୍ତି। ହୋଲି ଖେଳି ପାଣିରେ ବୁଡି ଦୁର୍ଘଟଣା ମାନ ଘଟଣାରେ ଉଦ୍ଧାର ପାଇଁ ଆଲର୍ଟ ରହିବେ ବୋଲି ଜଣାପଡିଛି। ପୁଲିସ ପକ୍ଷରୁ ଡ୍ରଙ୍କ ଆଣ୍ଡ ଡ୍ରାଇଭ ଉପରେ ଅଧିକ କଡା ନଜର ରହିବ।

# ୫ରେ ସାଇଁକୁଳା ଦୋଳ ଯାତ୍ରା

କୁଆମରା, ୨।୩(ସମିସ): ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ଦୋଳଯାତ୍ରା ୫ ତାରିଖରୁ ଆରମ୍ଭ ହେଉଛି। ଐତିହାସିକ ଏହି ପ୍ରସିଦ୍ଧ ଦୋଳ ଯାତ୍ରା ଚଳିତ ବର୍ଷ ୧୨୨ ବର୍ଷରେ ପଦାର୍ପଣ କରିବ। ତେବେ ମେଳଣ ପାଇଁ ଏବେଠାରୁ ସଜେଇ ହେଲାଣି ମେଳଣ ପଡିଆ। ମୟୂରଭଞ୍ଜ ଓ ବାଲେଶ୍ୱର ସୀମାନ୍ତରେ ଅନୁଷ୍ଠିତ ଏହି ପ୍ରସିଦ୍ଧ ମେଳାକୁ ବିଭିନ୍ନ ପ୍ରାନ୍ତରରୁ ପ୍ରତିବର୍ଷ ୧୨୦ରୁ ଊର୍ଦ୍ଧ୍ୱ ଠାକୁରଙ୍କ ବିମାନ ମେଳଣ ହୋଇଥା'ନ୍ତି। ମେଳଣ ପରଦିନଠାରୁ ସପ୍ତାହ ଧରି ପ୍ରତି ସନ୍ଧ୍ୟାରେ ପାଲା ପରିବେଷଣ ହେବ। ପରେ ଯାତ୍ରା ପରିବେଷଣ ହେବ। ବାଉଁଶର ହାତ ତିଆରି ବିଭିନ୍ନ ପ୍ରକାର ଘରକରଣା ଜିନିଷ ଗୋଟିଏ ଦିନ ପାଇଁ ଏହି ମେଳାରେ ଆକର୍ଷଣ ବଢାଇଥାଏ। ମେଳା ପରିଚାଳନା ପାଇଁ ସ୍ୱତନ୍ତ୍ର କମିଟି ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏଠାରେ ଏକ ଅସ୍ଥାୟୀ ପୁଲିସ ଫାଣ୍ଡି ପ୍ରତିଷ୍ଠା ହୋଇଛି। ବିଦ୍ୟୁତ ବିଭାଗ, ଅଗ୍ନିଶମ, ଜଳ ପରିମଳ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଭାଇଚାରା ଶିଖାଏ କୁଳିଅଣା ଦୋଳ ମେଳଣ

ବଡ଼ସାହି,୨।୩(ସମିସ): ବଡସାହି ବ୍ଲକ୍ ଅଧୀନ କେନ୍ଦୁଡିହା ପଞ୍ଚାୟତର କୁଳିଅଣା(ବି) ଗ୍ରାମରେ ପ୍ରାୟ ୨ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ଦୋଳ ମେଳଣ ପାଳିତ ହୋଇଆସୁଛି। ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ସ୍ଥାପନ କରିବା ସହ ଭଗବାନ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କର କୃପାଲାଭ କରିବା ପାଇଁ ତତ୍କାଳୀନ ସମୟରେ ଗ୍ରାମର ବୟସ୍କ ବ୍ୟକ୍ତି ଏହି ପର୍ବକୁ ଆରମ୍ଭ କରିଥିଲେ ବୋଲି ଜଣାଯାଏ। ଏହାର ସୁପରିଚାଳନା ପାଇଁ ଶ୍ରୀଶ୍ରୀ ରାଧାକୃଷ୍ଣଜୀଉ ଦୋଳ କମିଟି ଗଠନ କରାଯାଇଥିବାବେଳେ ପ୍ରତି ବର୍ଷ ଏହାର ପୁନର୍ଗଠନ କରାଯାଉଛି। ଏହି ଉତ୍ସବ ଗ୍ରାମବାସୀଙ୍କୁ ଏକତ୍ରିତ କରିବା, ଭଗବତ ଚିନ୍ତାଧାରାରେ ଅନୁପ୍ରାଣିତ ହେବ, ଆଧ୍ୟାତ୍ମିକ ଜୀବନଧାରେ ନିର୍ଦ୍ଦିଷ୍ଟ ନୀତି ନିୟମ ପାଳନ କରି ଶୃଙ୍ଖଳିତ ହେବା ଏହି ଦୋଳଉତ୍ସବ ପାଳନର ଲକ୍ଷ୍ୟ ବୋଲି କମିଟି ସୂତ୍ରରୁ ଜଣାଯାଇଛି। ଏହି ମେଳଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।



ସାଧାରଣ ଦୋଳଯାତ୍ରାଠାରୁ ଭିନ୍ନ ଢଙ୍ଗରେ ଏହି ଗ୍ରାମରେ ଦୋଳ ପୂର୍ଣ୍ଣିମା ପାଳନ କରାଯାଇଥାଏ। ଆଖପାଖ ଗ୍ରାମର ରାଧାକୃଷ୍ଣଙ୍କ ମୂର୍ତ୍ତି ମେଳଣ ପଡିଆରେ ପହଞ୍ଚିବା ପରେ ସେଠାରେ ଦୋଳ ମେଳଣ ଅନୁଷ୍ଠିତ ହୁଏ। ପରେ ଠାକୁରଙ୍କୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହାୟତାରେ ପ୍ରାପ୍ୟ ପ୍ରଦାନ କରାଯାଇ ନିଜ ନିଜ ଗ୍ରାମରେ ନେଇ ଛଡା ଯାଇଥାଏ। ପରେ ଗ୍ରାମରେ ପୂଜା ପାଉଥିବା ଶ୍ରୀକୃଷ୍ଣରାଧାଙ୍କୁ ମୂର୍ତ୍ତିକୁ ଦୋଳ ପଡିଆରେ ୭ ଦିନ ଧରି ରଖାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ସେଥିମଧ୍ୟରୁ ୩ଦିନ ଧରି ହରିବଂଶ ପୋଥି ବସେ। ୩ଦିନ ଧରି ହରିବଂଶ ପୋଥି ଚାଲିଥିବା ସମୟରେ ଠାକୁରଙ୍କ ନିକଟରେ କାନିକା, ଖିରୁଡ଼ି, ଡ଼ାଲମା, ଖଟା ଇତ୍ୟାଦି ପ୍ରସ୍ତୁତ ହେଇ ଭୋଗ ଲାଗି ହୁଏ। ୫ ତାରିଖଠାରୁ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଳିକା ପ୍ରଚାରକ, ବାବା ଦିବାକର ଦାସମହାରାଜ ଓ ପୂଜ୍ୟ ବାବା ଅମୃତାନନ୍ଦ ଦାସ ମହାରାଜଙ୍କ ପ୍ରବଚନ, ପାଲା ଗାୟିକା ସ୍ୱର ଭାରତୀ ସସ୍ମିତା ପ୍ରଧାନଙ୍କ ପାଲା ପରିବେଷଣ, ଡ୍ୟାନ୍ସ ଧମାକା ଓ ତାରିଣୀ ଓ ଚକଲେଟ୍ ଅପେରା ପାର୍ଟି ୩ ଦିନ ଧରି ଯାତ୍ରା ପରିବେଷଣ କରିବ ବୋଲି ଜଣାଯାଇଛି।

ସରିଲା ମେଟ୍ରିକ ପରୀକ୍ଷା

# ମୟୂରଭଞ୍ଜରେ ୫ ହଜାର ୮୫୦ ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତ

ବାରିପଦା,୨।୩ (ସମିସ): ଓଡ଼ିଶାର ପଛୁଆ ତଥା ସର୍ବବୃହତ ଜିଲ୍ଲା ମୟୂରଭଞ୍ଜରେ ବିନା କପି ଶେଷ ହୋଇଛି ମେଟ୍ରିକ ପରୀକ୍ଷା। ଜିଲ୍ଲାରେ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ପରୀକ୍ଷା ସୋମବାର ଶେଷ ହୋଇଛି। ତେବେ ଜିଲ୍ଲାରେ ପ୍ରଥମ ଥର ପାଇଁ ଚଳିତ ବର୍ଷ ୬ଟି ବିଷୟରେ କେ?ଣସି ଠାରେ କପି କରି ପରୀକ୍ଷାର୍ଥୀ ଧରା ପଡିନାହାନ୍ତି। କିନ୍ତୁ ପରୀକ୍ଷାରେ ୫ହଜାରରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବା ଶିକ୍ଷା ବ୍ୟବସ୍ଥାର ସମସ୍ୟାକୁ ପଦାରେ ପକାଇଛି। ଜିଲ୍ଲାରେ ମୋଟ ୩୪,୪୭୩ ପଞ୍ଜିକୃତ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରାୟ ୫,୮୫୦ ଜଣ (ପ୍ରାୟ ୧୭%) ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ୬ଟି ପରୀକ୍ଷାରେ ୨୮ ହଜାର ୬୨୩ ଜଣ ଉପସ୍ଥିତ ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। "ଜିଲ୍ଲାରେ ପରୀକ୍ଷା ତାରିଖ ଅନୁସାରେ ଅନୁପସ୍ଥିତିର ଚିତ୍ର ଚିନ୍ତାଜନକ ଭାବେ ସମ୍ମୁଖକୁ ଆସିଛି। ଫେବୃଆରୀ ୧୯ରେ ମୋଟ ୯୫୭ ଜଣ, ୨୧ରେ ପୁଣି ୯୬୮, ୨୩ରେ ୮୮୩, ୨୫ରେ ୯୭୪, ୨୭ରେ ସର୍ବାଧିକ ୧,୦୦୩, ମାର୍ଚ୍ଚ ୨ରେ ୯୨୭ ଜଣ ଅନୁପସ୍ଥିତ ରହିଥିଲେ। ଏହି ଅନୁପସ୍ଥିତ ସଂଖ୍ୟା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସମସ୍ୟାକୁ ଅଙ୍ଗୁଳି ଦେଖାଇଛି। ସରକାର ମଧ୍ୟାହ୍ନ ଭୋଜନ, ପୋଷାକ, ପୁସ୍ତକ, ସାଇକେଲ ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ପରେ ବି ପରୀକ୍ଷା ସମୟରେ ଏତେ ସଂଖ୍ୟକ ପିଲା ଅନୁପସ୍ଥିତ ରହିବା ତଦନ୍ତ ସାପେକ୍ଷ।" ଏହି ଅନୁପସ୍ଥିତି ହାର ଶିକ୍ଷାବିତଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଛି। ଉଦାହରଣ ସ୍ୱରୂପ, ବେସ୍ଲାଇନ୍ ଆସେସ୍ମେଣ୍ଟ ଷଷ୍ଠ ଶ୍ରେଣୀର ୪୨.୪% ଛାତ୍ରଛାତ୍ରୀ ଗଣିତରେ ୨୦%ରୁ କମ୍ ସ୍କୋର୍ କରିଥିଲେ। ଗ୍ରାମାଞ୍ଚଳରେ ଶିକ୍ଷକଙ୍କର ନିଯୁକ୍ତି ନ ହେବା ଏବଂ ଶିକ୍ଷକଙ୍କର ଅନୁପସ୍ଥିତି ସହ ପଞ୍ଜିକରଣ କରି ଦାଦନ ଯିବା ଏହି ସମସ୍ୟାକୁ ବଢ଼ାଇଛି। ମୟୂରଭଞ୍ଜର ଅନେକ ପରିବାର କାମ ପାଇଁ ଅନ୍ୟ ରାଜ୍ୟକୁ ଯାଉଛନ୍ତି, ଯାହା ଛାତ୍ରଛାତ୍ରୀଙ୍କୁ ପରୀକ୍ଷାରୁ ଦୂରେଇ ରଖୁଛି। କୋରୋନା ମହାମାରୀ ଦ୍ୱିତୀୟ ଲହରରେ ହଜାର ହଜାର ଶିଶୁ ପାଠପଢ଼ା ଛାଡ଼ି ପରିବାର ସହ ଦାଦନ କରିବାକୁ ବାହାର ରାଜ୍ୟକୁ ଯାଇଥିଲେ। କିଛି ଛାତ୍ରଛାତ୍ରୀ ଗୋରୁ ଚରାଇବା କିମ୍ବା ଶ୍ରମିକ ଭାବେ କାମ କରୁଥିବାରୁ ପରୀକ୍ଷା ଦେଇପାରି ନ ଥିବା ଜଣାପଡିଛି। ଅଦ୍ୟପକ୍ଷରେ ମୟୂରଭଞ୍ଜ ପରି ଜିଲ୍ଲାରେ ଆଦିବାସୀ ଅଞ୍ଚଳରେ ସମ୍ପ୍ରଦାୟରେ ବାଲ୍ୟ ବିବାହ ଏବଂ ହଷ୍ଟେଲ୍ ଅଭାବ ମଧ୍ୟ ଏକ ବଡ଼ କାରଣ ବୋଲି ବିବେଚନା କରାଯାଉଛି। ଜିଲ୍ଲାରେ ଅନେକ ଝିଅ ସ୍କୁଲ୍ ବନ୍ଦ ପରେ ଘରେ ରହି ଘରୋଇ କାମ କରୁଛନ୍ତି ଏବଂ ବାଲ୍ୟ ବିବାହର ଶିକାର ହେଉଛନ୍ତି ବୋଲି ସମାଜସେବୀ ବିଭୁଦତ୍ତ ମହାନ୍ତି ଅଭିଯୋଗ ଆଣିଛନ୍ତି।"ଏନେଇ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ ଚଳିତବର୍ଷ ଭଲରେ ଭଲରେ ପରୀକ୍ଷା ସମାପନ ହୋଇଛି। ଜିଲ୍ଲାରେ ଗୋଟିଏ ବି ପରୀକ୍ଷାର୍ଥୀ କପି କରି ଧରା ପଡିନାହାନ୍ତି, ତେବେ ୫ହଜାରରୁ ଅଧିକ ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତିର କାରଣ ଅନୁସନ୍ଧାନ କରିବାକୁ ସବୁ ବିଇଓଙ୍କୁ ନିର୍ଦ୍ଦେଶ ଦେଇଛି ବୋଲି ସେ କହିଛନ୍ତି।

● ଛେଳି ଚୋରକୁ ନେଇ କଙ୍ଗାରୁ କୋର୍ଟ

# ନାବାଳକଙ୍କୁ ନିସ୍ତୁକ ମାଡ଼ ସହ ଜାଳିଦେଲେ ବାଇକ୍

ରାଇରଙ୍ଗପୁର,୨।୩ (ସମିସ): ତିରିଂ ଥାନା ଅଞ୍ଚଳରେ ଛେଳି ଚୋରକୁ ନେଇ କଙ୍ଗାରୁ କୋର୍ଟ ହୋଇଛି। ଦୁଇ ଜଣକୁ ନିସ୍ତୁକ ମାଡ଼ ମାରିବା ସହ ବାଇକ ଜାଳି ଦେଇଥିବାର ଅଭିଯୋଗ ହୋଇଛି। ବହଳଦା ବ୍ଲକ ତଥା ତିରିଙ୍ଗ ଥାନା ଅନ୍ତର୍ଗତ ଇନ୍ଦଖୋଲି ଗ୍ରାମର ହେରଗୋଡା ନିକଟରେ ଘଟଣା ଘଟିଛି। ସୋମବାର ଅପରାହ୍ନ ସମୟରେ ଦୁଇ ଜଣ ନାବାଳକ ଛେଳି ଚୋରି କରି ଚମ୍ପଟ ମାରୁଥିଲେ। ଏନେଇ ସ୍ଥାନୀୟ ଗ୍ରାମବାସୀ ମାନେ ଜାଣିବା ପରେ ତାଙ୍କୁ ପିଛା କରି ଅଟକାଇ ଥିଲେ। ସେଠାରେ ତାଙ୍କୁ ପାଇଁ ଗ୍ରାମବାସୀ ମାନେ ନିସ୍ତୁକ ମାଡ ମାରିଥିଲେ। ଏହାସହିତ ଛେଳି ତାଙ୍କ ବାଇକକୁ ଜାଳି ଦେଇଥିଲେ। ଗ୍ରାମବାସୀ ମାନେ ପୋଲିସ ଜିମା ଦେବା ପୂର୍ବରୁ କଙ୍ଗାରୁ କୋର୍ଟ କରି ନିସ୍ତୁକ ମାଡ଼ ମାରିଛନ୍ତି। ଏନେଇ ପୋଲିସ ପକ୍ଷରୁ ମାମଲା ରୁଜୁ ନେଇ କୋଣସି ଖବର ହସ୍ତଗତ ହୋଇନାହିଁ।

● ମାନବିକତା ଦେଖାଇଲେ ଯୁବ ବ୍ୟବସାୟୀ

# ହଜିଥିବା ସ୍ୱର୍ଣ୍ଣ ଅଳଙ୍କାର ଥିବା ବ୍ୟାଗ୍ ଫେରାଇଲେ

କୁଆମରା ୨।୩(ସମିସ): ରୌପ୍ୟ, ସ୍ୱର୍ଣ୍ଣ ଅଳଙ୍କାର, ଅର୍ଥ ଓ ବିଭିନ୍ନ କାଗଜପତ୍ର ଭର୍ତ୍ତି ଥିବା ବ୍ୟାଗକୁ ରାସ୍ତା ରେ ପାଇ ଜଣେ ଯୁବ ବ୍ୟବସାୟୀ ହଜାଇଥିବା ବ୍ୟକ୍ତିଙ୍କୁ ଫେରାଇ ନିଜର ମାନବିକତା ଦେଖାଇଛନ୍ତି। ଖୁଣ୍ଟା ଥାନା ଅନ୍ତର୍ଗତ ଚତୁରୀ ଗ୍ରାମର ବର୍ଷାରାଣୀ ବେହେରା ରବିବାର ସନ୍ଧ୍ୟାରେ ସ୍ୱାମୀ ଉମାକାନ୍ତ ଙ୍କ ସହ ଆମ୍ବଯୋଡା ଶାଶୁ ଘରକୁ ବାଇକରେ ଫେରୁଥିବାବେଳେ କୁଆମରା-ବୈଶିଙ୍ଗା ରାସ୍ତାର ପଟିସାରୀ ନିକଟରେ ବ୍ୟାଗଟି ଛିଡି ରାସ୍ତାରେ ପଡ଼ିଥିଲା। ତେବେ ପୁରୁଣା ବାରିପଦା ବଜାରରେ ଫେବ୍ରିକାଣ୍ଟ ଦୋକାନ କରିଥିବା ବୈଶିଙ୍ଗା ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ମଲ୍ଲିକ ନେଜରଉଦ୍ଦିନ ସନ୍ଧ୍ୟାରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ବ୍ୟାଗ ପାଇଥିଲେ। ବ୍ୟାଗ ଭିତରେ ଥିବା ଆଧାର କାର୍ଡରୁ ମୋବାଇଲ ନମ୍ବର ସଂଗ୍ରହ କରି ଫୋନରେ ଯୋଗାଯୋଗ କରି ଜଣାଇଥିଲେ। ଆଜି ସକାଳେ ସେ କୁଆମରା ଫାଣ୍ଡିରେ ଜିମା ଦେବା ପରେ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ଦମ୍ପତିଙ୍କୁ ବ୍ୟଗ ଫେରାଇ ଦିଆଯାଇଥିଲା।

# ସଙ୍ଗୀତକାର ସୁବାସ ପାତ୍ରଙ୍କ ପରଲୋକ



ରାଇରଙ୍ଗପୁର,୨।୩ (ସମିସ): ବିଶିଷ୍ଟ ସଙ୍ଗୀତକାର, ନୃତ୍ୟ ନିର୍ଦ୍ଦେଶକ, ଗୀତିକାର, କଣ୍ଠଶିଳ୍ପୀ, ବାଦ୍ୟକାର, ନାଟ୍ୟକାର, ଅଭିନେତା ସୁବାସ ଚନ୍ଦ୍ର ପାତ୍ରଙ୍କ ହୃଦଘାତରେ ପରଲୋକ ଘଟିଛି। ଯାହାକି ସଙ୍ଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି ଅଟେ। ସଙ୍ଗୀତ ଜଗତର ଜଣେ ଧୁରନ୍ଧର ଭାବେ ସେ ପରିଚିତ ଥିବା ବେଳେ ଝୁମର ସଙ୍ଗୀତ କ୍ଷେତ୍ରରେ ରହିଛି ଅଧିକ ଅବଦାନ। ୮୦ଦଶକ ବିଭିନ୍ନ ହିଟ ଗୀତରେ ତାଙ୍କର ଯୋଗଦାନ ରହିଥିଲା। ୮୦ଦଶକ ସମୟରେ ଓଡ଼ିଆ ସଙ୍ଗୀତ ଜଗତର ଅନେକ ବରିଷ୍ଠ ଗୀତିକାର ମାନଙ୍କ ସହ ମିଶି ଓଡ଼ିଆ ଚଳଚ୍ଚିତ୍ରର ସଙ୍ଗୀତକୁ ସୁମଧୁର କରିବାରେ ତାଙ୍କର ଅନେକ ଅବଦାନ ରହିଛି। ତାଙ୍କ ବିୟୋଗ ସଙ୍ଗୀତ ଜଗତକୁ ଏକ ଝଟକା ଦେଇଛି। ସଙ୍ଗୀତ ଜଗତ ନିମନ୍ତେ ଏକ ଅପୂରଣୀୟ କ୍ଷତି ଅଟେ। ତାଙ୍କ ବିୟୋଗ ନେଇ ଦୁଃଖଦ ଖବର ପାଇଁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ତାଙ୍କର ଶେଷ ଦର୍ଶନ କରିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ

ରାଇରଙ୍ଗପୁର,୨।୩ (ସମିସ): ସନ୍ଧ୍ୟାକାଳୀନ ଭ୍ରମଣ ସମୟରେ ଗାଡ଼ି ଦୁର୍ଘଟଣାରେ ଯୁବକଙ୍କ ମୃତ ହୋଇଛି। ମୃତକ ଜଣକ ବାଦାମପାହାଡ଼ ଥାନା ଅନ୍ତର୍ଗତ ଦଳକୀ ଗ୍ରାମର ସାଗର ନାଏକ(୨୪)। ସେ ଗ୍ରାମ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ ଏକ ଦ୍ରୁତଗାମୀ ବାଇକ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରୁ ବାରିପଦା ଓ ପରେ କଟକକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ସମୟରେ ତାଙ୍କର ମୃତ୍ୟୁ ଘଟିଛି।

# ଜେଏମ୍ଏମ୍ ପକ୍ଷରୁ ୧୩ ଦଫା ଦାବିପତ୍ର

ମୋରଡା,୨/୦୩(ସମିସ): ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜନସାଧାରଣ ତଥା ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ୧୩ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାନ୍ତିଆମୁହାଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ବ୍ଲକର ସମସ୍ତ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା, ୩୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିଲ ଛାଡ଼, ଆବାସ ଯୋଜନା ରାଶି ବୃଦ୍ଧି କରି ୫ ଲକ୍ଷ ଟଙ୍କା କରିବା, ହରିଶ୍ଚନ୍ଦ୍ର ଯୋଜନାର ହିତାଧିକାରୀଙ୍କୁ ଠିକ୍ ସମୟରେ ଉଚିତ ରାଶି ପ୍ରଦାନ, ଭତ୍ତା ରାଶିକୁ ବୃଦ୍ଧି କରାଯାଇ ୩୫୦୦ ଟଙ୍କା କରିବା, ଧାନକ୍ରୟରେ ଅତ୍ୟଧିକ କଟନୀ ଛଟନୀ ବନ୍ଦ, ହାତୀ ଉପଦ୍ରବ ରୋକିବା ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସଭାପତି ହେମନ୍ତ ମହାନ୍ତ, ପଞ୍ଚାୟତ ସଭାପତି ଗଣେଶ ମହାନ୍ତ, ଯୁବନେତା ଅମୀର ଖାନ, ସିପୁ ମୁଦୁଲି, ରାଜ୍ୟ ପରିଷଦ ସଦସ୍ୟ ସୁଜିତ ବେହେରା, ଦୀପକ ଗିରି, ସୁଷମା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୨।୩ (ସମିସ): ବହଳଦା ପୁଲିସ ଦ୍ୱାରା ଗମ୍ଭାରିଆ ଗ୍ରାମ ନିକଟରୁ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ପୁଲିସ ପକ୍ଷରୁ ପାଟ୍ରୋଲିଂ ବେଳେ ଖବର ପାଇ ଚଢ଼ଉ କରିଥିଲେ। ଗମ୍ଭାରିଆ ଗ୍ରାମ ନିକଟସ୍ଥ ନଦୀ ଅଞ୍ଚଳରେ ଚଢ଼ଉ କରିଥିଲେ। କାଗଜପତ୍ର ଯାଞ୍ଚ କରାଯିବାରୁ ବେଆଇନ ଭାବେ ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଥିଲା।

## ରିଆତିରେ ବୋରୱେଲ ଖୋଳାଯିବାର ମିଥ୍ୟା ପ୍ରତିଶ୍ରୁତି

# ୮୫ ଚାଷୀଙ୍କୁ ୨୯.୭୫ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ

ବାରିପଦା, ୨।୩(ସମିସ):

ରାଜ୍ୟ ସରକାରଙ୍କ ଅନୁମତି ଆଣି ଚାଷ ପାଇଁ ସବସିଡିରେ ହିତାଧିକାରୀଙ୍କ ଚାଷଜମିରେ ବୋରୱେଲ ଖୋଳିବାର ଦାୟିତ୍ୱରେ ଥିବା ବିଶ୍ୱାସ ଜନ୍ମାଇ ୩୫ ହଜାର ଟଙ୍କା କରି ୮୫ ଜଣ ହିତାଧିକାରୀଙ୍କୁ ମୋଟ ୨୯ ଲକ୍ଷ ୭୫ ହଜାର ଟଙ୍କା ଠକେଇ କରାଯାଇଥିବା ଅଭିଯୋଗ ହେଇଛି। ଏ ନେଇ ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ୨ ଜଣ ଅଭିଯୁକ୍ତ କେନ୍ଦୁଝର ଜିଲ୍ଲାର ବାରିଆ ଥାନା ସଡଙ୍ଗୀ ଗ୍ରାମର ମାନସ କୁମାର ସାହୁ ଓ ଭୁବନେଶ୍ୱର ନୟାପଲ୍ଲୀର ଆରକେ ବିଶ୍ୱାଳଙ୍କ ଥିବା ଜଣାଯାଇଛି। ଏ ସମ୍ପର୍କରେ ଶାମାଖୁଣ୍ଟା ବ୍ଲକର ରଙ୍ଗାମାଟିଆ ସରପଞ୍ଚ ରୋହିଦାସ ସିଂ, ଶିରିଶବଣି ସରପଞ୍ଚ ସୁଗେନ୍ଧା ସୋରେନ ଓ ଶାମାଖୁଣ୍ଟା ସରପଞ୍ଚ ସୁକାନ୍ତି ସିଂଙ୍କ ପକ୍ଷରୁ ଅଭିଯୋଗ ଦାଖଲ କରାଯାଇଛି। ଅଭିଯୋଗ ଅନୁଯାୟୀ, ୨୦୨୫ ଏପ୍ରିଲ ୨ତାରିଖରେ ଅଭିଯୋଗକାରୀ ରୋହିଦାସଙ୍କ ପଡୋଶୀ ଶାମାଖୁଣ୍ଟା ଗ୍ରାମର ଜଣେ ବ୍ୟକ୍ତିଙ୍କର ଚାଷ ଜମିରେ ବୋରୱେଲ ଖୋଳାଯାଉଥିବାର ଦେଖିବା ସହିତ ଏହି ଖନନ କାର୍ଯ୍ୟ କରାଉଥିବା ମାନସ ସାହୁ ଏକ କାର (ଓଡି୦୫ ବିଏଚ୍-୯୮୪୭) ଯୋଗେ ସେଠାରେ ପହଞ୍ଚିଥିଲେ। ସେ ସରକାରଙ୍କଠାରୁ ଅନୁମତି ଆଣି ଚାଷ ପାଇଁ ସବସିଡିରେ

## ସଦର ଥାନାରେ ମାମଲା, ପୁଲିସ ତଦନ୍ତ ଜାରି

ଗରିବ ଲୋକଙ୍କ ବୋରୱେଲ ଖୋଳିବାର ଦାୟିତ୍? ନେବା ସମ୍ପର୍କରେ ବିଭିନ୍ନ କାଗଜପତ୍ର ଦେଖାଇବା ସହିତ ଶାମାଖୁଣ୍ଟା ଗ୍ରାମରେ ୩ ଜଣଙ୍କର ବୋରୱେଲ ଖୋଳାଯାଇଥିବାର କହିଥିଲେ। ସରକାରଙ୍କ ବୋରୱେଲ ବିଭାଗ ଅଧୀନରେ ହିତାଧିକାରୀଙ୍କଠାରୁ ନଗଦ ଓ ଅନଲାଇନ ଫୋନ-ପେ ମାଧ୍ୟମରେ ୩୫ ହଜାର ଟଙ୍କା କରି ନେଇଥିବା ଏବଂ ଟଙ୍କା ନେବାର ୩ମାସ ମଧ୍ୟରେ ୱାର୍କ ଅର୍ଡର ମିଳିବା ସହ କାର୍ଯ୍ୟ ଆରମ୍ଭ ହେବ ବୋଲି ଦର୍ଶାଇଥିଲେ। ଗତବର୍ଷ ଏପ୍ରିଲରୁ ମଇ ମାସ ମଧ୍ୟରେ ୪୬ ଜଣ ହିତାଧିକାରୀଙ୍କଠାରୁ ନଗଦ ଓ ଅନଲାଇନ ଫୋନ ପେ ମାଧ୍ୟମରେ ୩୫ ହଜାର ଟଙ୍କା ଲେଖାଏଁ ନେଇଥିବା ଓ ଟଙ୍କା ନେବାର ୩ ମାସ ମଧ୍ୟରେ ୱାର୍କ ଅର୍ଡର ମିଳିବା ସହ କାର୍ଯ୍ୟ ଆରମ୍ଭ ହେବ ବୋଲି ଦର୍ଶାଇଥିଲେ। କିନ୍ତୁ ୩ ମାସ ବିତିଯାଇଥିଲେ ସୁଦ୍ଧା ତାଙ୍କର ଆଉ ଦେଖା ମିଳୁନଥିଲେ ସୁଦ୍ଧା କେବଳ ଫୋନ ଯୋଗେ ତାଗିଦ କରିବାରୁ ୧୬ ଜଣଙ୍କର ଅର୍ଡର ହୋଇଥିବା କହିଥିଲେ। କିନ୍ତୁ ପ୍ରତିଶୃତି ଅନୁସାରେ କାମ ନହେବାରୁ ସେ ଭୁବନେଶ୍ୱରରୁ ଜଣେ ସରକାରୀ"ଅଧିକାରୀ ଆର କେ ବିଶ୍ୱାଳଙ୍କୁ ସଙ୍ଗରେ ଆଣି ପରିଚୟ ଦେବା ସହ ବହୁ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହି ସାନ୍ତ୍ୱନା ଦେଇଥିଲେ। ଏହା ସତ୍ତ୍ୱେ ଦୀର୍ଘ ଦିନ କାମ ନ ହେବାରୁ ଗତ ଜୁଲାଇ ୧୦ ତାରିଖରେ ଥାନାରେ ହୋଇଥିବା ବୁଝାମଣା ଅନୁଯାୟୀ ସମସ୍ତଙ୍କୁ ୱାର୍କ ଅର୍ଡର ଦିଆଯିବ ଏବଂ ଧାନକଟା ପରେ ସବୁ କାର୍ଯ୍ୟ ଆରମ୍ଭ ହେବାର ଥିଲା। ନ ହେଲେ ସବୁ ଟଙ୍କା ଫେରସ୍ତ କରାଯିବ ବୋଲି ଲେଖାଯାଇଥିଲା। କିନ୍ତୁ ଧାନକଟା ସରି ଯାଇଥିଲେ ମଧ୍ୟ ଗତ ଡିସେମ୍ବର"ମାସଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କାମ ହେବ ବୋଲି କହି ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଚାଲିଛନ୍ତି। ଏହିଭଳି ଭାବେ ଶାମାଖୁଣ୍ଟା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ରଙ୍ଗାମାଟିଆ, କେନ୍ଦୁଆ, କୋଚିଳାଘାଟି, ଖାଣ୍ଡିଆ, ଶାମାଖୁଣ୍ଟା, ଶିରିଶବଣି ଆଦିରୁ ୮୫ ଜଣ ହିତାଧାକାରୀଙ୍କୁ ମୋଟ ୨୯ ଲକ୍ଷ ୭୫ ହଜାର ଟଙ୍କା ଠକିଥିବାର ଦର୍ଶାଯାଇ ଥାନାରେ ଅଭିଯୋଗ ହେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ"ମଧ୍ୟ ନିବେଦନ କରାଯାଇଛି। ଅନୁରୂପ ଭାବେ ବାରିପଦା ଟାଉନ ଥାନାରେ ମଧ୍ୟ ସଂପୃକ୍ତ ଅଭିଯୁକ୍ତ ମାନସ କୁମାର ସାହୁଙ୍କ ସମେତ ୪ଜଣଙ୍କ ବିରୋଧରେ ଏକ ମାମଲା ବାରିପଦା ୨୭ ନମ୍ବର"ୱାର୍ଡ ଗୋପୀନାଥ ପାତ୍ରଙ୍କ ଅଭିଯୋଗକ୍ରମେ ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ। ଆୟ ଅନୁସାରେ ବ୍ୟୟ ହେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇପାରେ।

**ବୃଷ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି। ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କର୍କଟ:** ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣି ପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କନ୍ୟା:** ଯୋଜନା ମୁତାବକ କାମ କରନ୍ତୁ। ବୁଝି ବିଚାରି ଠିକ୍ ନିଷ୍ପତ୍ତି ନିଅନ୍ତୁ। ବନ୍ଧୁଙ୍କୁ ସାହାଯ୍ୟ କରିବେ। ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ। ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ।

**ତୁଳା:** ଆପଣଙ୍କ ପରିଶ୍ରମର ଫଳ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିବ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଅତ୍ୟଧିକ କାମ ଚାପ ଚିନ୍ତା ବଢ଼ାଇପାରେ।

**ମକର:** ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କୁମ୍ଭ:** ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରି ପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

## ଆଜିର ଇତିହାସ

- ୧୯୭୪- ତୁର୍କୀ ଏୟାରଲାଇନ୍ସର ଡିସି ୧୦ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୪୫ ଲୋକଙ୍କ ମୃତ୍ୟୁ।
- ୨୦୦୯ - ପାକିସ୍ତାନର ଲାହୋରରେ ମ୍ୟାଚ୍ ଖେଳିବାକୁ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଟିମ୍ ଉପରେ ଆତଙ୍କବାଦୀ ଆକ୍ରମଣ।
- ୨୦୧୩- ମିଳିତ ଜାତିସଂଘ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କଲା।

# ବଦଳିବନି 'ଭୂତ ବଙ୍ଗଲା'ର ରିଲିଜ୍ ଡେଟ୍



ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଦୀର୍ଘ ୧୪ ବର୍ଷ ପରେ 'ଭୂତବଙ୍ଗଲା' ଫିଲ୍ମରେ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ସହ କାମ କରୁଛନ୍ତି। ଅତୀତରେ ଏହି ଯୋଡ଼ି 'ହେରାଫେରି', 'ହଙ୍ଗାମା', 'ଭୁଲଭୁଲୈୟା' ଭଳି ହିଟ୍ ଫିଲ୍ମ ଦେଇଥିଲେ। ବାଲାଜୀ ମୋସନ୍ ପିକଚର୍ସ 'ଭୂତବଙ୍ଗଲା' ଫିଲ୍ମର ନିର୍ମାଣ କରୁଛି। ଇତିମଧ୍ୟରେ ଏହି ଫିଲ୍ମର ପୋଷ୍ଟର୍ ରିଲିଜ୍ ହୋଇଛି। ପୋଷ୍ଟର୍‌ରେ ଅକ୍ଷୟଙ୍କ ଲୁକ୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହା ସହ ଫିଲ୍ମର ପ୍ରଥମ ଗୀତ 'ରାମ ଜୀ ଆକେ ଭଲା କରେଙ୍ଗେ' ଗୀତ ବି ରିଲିଜ୍ ହୋଇଛି। ଏହି ଗୀତରେ ଦର୍ଶକେ ଅକ୍ଷୟଙ୍କ ହାଇ ଏନର୍ଜି ସହ ଫିଲ୍ମର ମଜାଦାର ଦୁନିଆର ଏକ ଝଲକ ଦେଖିବାକୁ ପାଇଛନ୍ତି। ତେବେ ମାର୍ଚ୍ଚ ୧୯ ରେ ରକିଂ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍' ଓ ରଣବୀର ସିଂହଙ୍କ 'ଧୁରନ୍ଧର ୨' ପରଦାକୁ ଆସୁଥିବାରୁ 'ଭୂତବଙ୍ଗ୍‌ଲା'ର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଥିଲା। ଏବେ ପୂର୍ବ ନିର୍ଦ୍ଧାରିତ ଦିନରେ ହିଁ ଏହି ଫିଲ୍ମକୁ ରିଲିଜ୍ କରିବାକୁ ଏକତା କପୁର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ନିକଟରେ ଏକତା ଏନେଇ ଗଣମାଧ୍ୟମରେ ତାଙ୍କର ପ୍ରତିକ୍ରିୟା ରଖିଛନ୍ତି। ଏକତାଙ୍କ କହିବା ଅନୁଯାୟୀ, 'ଭୂତବଙ୍ଗଲା' ରିଲିଜ୍ ହେବା ବେଳକୁ ଉଭୟ ଆକ୍ସନ୍ ଫିଲ୍ମ ଭଲ ବିଜିନେସ୍ କରି ସାରିଥିବ। ଆମ ଫିଲ୍ମ ଯୋଉ ସମୟରେ ରିଲିଜ୍ ହେବ ସେହି ସମୟରେ ପିଲାମାନଙ୍କର ପରୀକ୍ଷା ସରି ଛୁଟି ହୋଇଯାଇଥିବ। ଲୋକେ ପରିବାର ସହ ଥିଏଟର୍‌କୁ ଯାଇ ସିନେମା ଦେଖିପାରିବେ।' ଏଥିରେ ଅକ୍ଷୟଙ୍କ ସହ ୱାମିକା ଗବ୍ବି, ପରେଶ ରାୱେଲ, ତବୁ, ରାଜପାଲ ଯାଦବ, ମିଥିଲା ପାଲକର ପ୍ରମୁଖ ଦେଖାଯିବେ। ଏହା ଆସନ୍ତା ୧୦ ଏପ୍ରିଲ୍‌ରେ ପରଦାକୁ ଆସିବ।

# ବିଶ୍ୱ ବନ୍ୟପ୍ରାଣୀ ଦିବସ



ପ୍ରକୃତି ସହ କେବଳ ମନୁଷ୍ୟର ନୁହେଁ ବରଂ ଗଛଲତା, ଜୀବଜନ୍ତୁ ସମସ୍ତଙ୍କର ନିବିଡ଼ ସମ୍ପର୍କ ରହିଛି। ପ୍ରକୃତିର ସନ୍ତୁଳନ ରକ୍ଷା ନିମନ୍ତେ ସମସ୍ତଙ୍କର ପ୍ରମୁଖ ଭୂମିକା ରହିଛି। ତେଣୁ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ତଥା ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଜଙ୍ଗଲ କ୍ଷୟ ହେତୁ ବନ୍ୟପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ଏବେ ସହରମୁହାଁ। ଫଳରେ ସେମାନେ ମଣିଷର ଆକ୍ରୋଶର ଶିକାର ହେଉଛନ୍ତି। ଏହାର ଫଳସ୍ୱରୂପ ପୃଥିବୀପୃଷ୍ଠରେ କ୍ରମଶଃ ବନ୍ୟପ୍ରାଣୀଙ୍କ ସଂଖ୍ୟା ଲୋପ ପାଇବାକୁ ବସିଲାଣି। କେତେକ ବନ୍ୟପ୍ରାଣୀ ଆଜି ଇତିହାସ ମଧ୍ୟ ପାଲଟିଗଲେଣି। ଏଣୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବନ୍ୟପ୍ରାଣୀ ଦିବସ ପାଳନ କରାଯାଉଛି। ଏହି ଦିବସ ପାଳନ ଅବସରରେ ଲୋକଙ୍କୁ ବନ୍ୟଜନ୍ତୁଙ୍କୁ ଶିକାର ନ କରି ସେମାନଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦେବା ପାଇଁ ପ୍ରବର୍ତ୍ତା ଯାଇଥାଏ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଗ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦ ଡିସେମ୍ବର, ୨୦୧୩ରେ ମିଳିତ ଜାତିସଂଘ ସାଧାରଣ ସଭା ଏହାର ୬୮ ତମ ଅଧିବେଶନରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ରୂପରେ ପାଳନ କରିବା ପାଇଁ ଘୋଷଣା କରିଥିଲା। ପ୍ରଥମ ଥର ପାଇଁ ବିଶ୍ୱ ବନ୍ୟପ୍ରାଣୀ ଦିବସ ୨୦୧୪ରେ ପାଳନ କରାଯାଇଥିଲା। ସେବେଠାରୁ ମାର୍ଚ୍ଚ୩କୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହିଦିନ ବିଲୁପ୍ତ ହୋଇ ଆସୁଥିବା ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ବର୍ତ୍ତମାନ ପରିସ୍ଥିତିରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଏ କ୍ଷେତ୍ରରେ ବନ ବିଭାଗର ମଧ୍ୟ ଗୁରୁ ଦାୟିତ୍ୱ ରହିଛି। ଯେପରି ବନ୍ୟପ୍ରାଣୀ ସୁରକ୍ଷିତ ରହିପାରିବେ ସେକ୍ଷେତ୍ରରେ ସମସ୍ତେ ସଂକଳ୍ପବଦ୍ଧ ହେବା ଦରକାର। ଏହିଦିନ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ସୁରକ୍ଷା ଏବଂ ଶିକାର ରୋକିବା ପାଇଁ ବାର୍ତ୍ତା ଦିଆଯାଏ।

# ୨୦୦ ବର୍ଷ ହେଲାଣି ଖେଳିନାହାନ୍ତି ହୋଲି



ହୋଲିକୁ ନେଇ ସାରା ଦେଶ ଉତ୍ସବମୁଖର ଥିବାବେଳେ ଝାଡ଼ଖଣ୍ଡ ବୋକାରୋ ଜିଲ୍ଲା ଦୁର୍ଗାପୁର ଗାଁରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଏହି ଗାଁରେ ୧୭୦୦ ଲୋକ ବାସ କରୁଥିଲେ ବି ହୋଲି ଦିନ ଏଠାରେ ଖୁସିର ମାହୋଲ ନଥାଏ। ଗାଁ ଲୋକେ ନା ପରସ୍ପରକୁ ରଙ୍ଗ ଲଗାନ୍ତି ନା କାହାରି ଘରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ସ୍ଥାନୀୟ ମାନ୍ୟତା ଅନୁସାରେ, ଏଠାରେ ଯଦି କେହି ହୋଲି ଖେଳନ୍ତି ତେବେ ଗାଁକୁ ଅନେକ ବିପତ୍ତି ମାଡ଼ି ଆସେ। ଏନେଇ ଗାଁର ପୁରୁଖା ଲୋକେ କୁହନ୍ତି, ଦୁଇ ଶହ ବର୍ଷ ପୂର୍ବେ ଦୁର୍ଗାପୁରର ରାଜା ଦୁର୍ଗାପ୍ରସାଦ ରାମଗଡ଼ର ରାଜା ଦଲେଲ ସିଂହଙ୍କ ସେନାପତିଙ୍କୁ ବନ୍ଦୀ ବନାଇ ଦେଇଥିଲେ। ସେନାପତି ଜଣଙ୍କ ରାଣୀଙ୍କ ପାଇଁ ଶାଢ଼ି କିଣି ପଶ୍ଚିମବଙ୍ଗରୁ ଫେରୁଥିଲେ। ରାଜା ସେନାପତିଙ୍କୁ ସନ୍ଦେହରେ ବନ୍ଦୀ ବନାଇବା ସହ ରାଣୀଙ୍କ ଶାଢ଼ିକୁ ଜଣେ ନର୍ତ୍ତକୀଙ୍କୁ ଦେଇଥିଲେ। ଏଥିରେ ରାମଗଡ଼ର ରାଜା ରାଗିଯାଇ ଦୁର୍ଗାପୁରର ରାଜା ଦୁର୍ଗାପ୍ରସାଦଙ୍କୁ ହତ୍ୟା କରିଥିଲେ। ଏହି ଲଢ଼େଇରେ ଅନେକ ନିରୀହ ଲୋକଙ୍କ ପ୍ରାଣ ମଧ୍ୟ ଯାଇଥିଲା। ଏହି ଘଟଣାର ଶୋକରେ ଗାଁରେ ହୋଲି ପାଳନ ବନ୍ଦ ହୋଇଥିଲା। ସେହିଭଳି ବାଦଲୀ ଦେବୀ ନାମ୍ନୀ ଗାଁର ଜଣେ ବୃଦ୍ଧାଙ୍କ କହିବା ଅନୁଯାୟୀ, ଗ୍ରାମ ଦେବତା ବଡ଼ରାବ ପହାଡ଼ୀ ବାବାଙ୍କୁ ଅବିର, ଧୂଳି ଆଦି ପସନ୍ଦ ନୁହେଁ। ଏହି କାରଣରୁ ଏହାର ବିପରୀତରେ ଯାଇ ଗ୍ରାମବାସୀ ହୋଲି ପାଳନ କରିବାକୁ ଡରନ୍ତି।

# ସୁବର୍ଣ୍ଣା



## ତରଭୁଜର ଉନ୍ନତ କିସମ



ବର୍ତ୍ତମାନର ଶୁଷ୍କ ଓ ଉଷ୍ମ ଜଳବାୟୁ ତରଭୁଜଚାଷ ପାଇଁ ଉପଯୁକ୍ତ ସମୟ। ଏହି ଚାଷ ପାଇଁ ଉନ୍ନତ କିସମ ହେଉଛି, ସୁଗାର ବେବି, ଅର୍କ ମାଣିକ, ଲାଲ ସୋନା ଇତ୍ୟାଦି। ଏହାର ୧୦ ଗ୍ରାମ୍ ପ୍ୟାକେଟ୍‌କୁ ୧୫୦ ଟଙ୍କା। ଶଙ୍କର କିସମ ଯଥା - ମାଧୁରୀ, ମାୟା, ସୁଇଟି, ରୁବି, ବ୍ଲାକ୍ ମ୍ୟାଜିକ୍ ଓ ସୁଗାର ପ୍ୟାକ୍ ଆଦି ଲଗାଇ ପାରିବେ। ଏହି ଶଙ୍କର କିସମ ୫୦ ଗ୍ରାମ୍‌କୁ ୨୦୦୦ ଟଙ୍କା ହୋଇଥାଏ। ଏକ ଏକର ପାଇଁ ୩୫୦ରୁ ୫୦୦ ଗ୍ରାମ ବିହନ ଆବଶ୍ୟକ ହୋଇଥାଏ। ବିହନ ଲଗାଇବା ପୂର୍ବରୁ ପ୍ରତି କିଗ୍ରା ବିହନକୁ ୧ ଗ୍ରାମ କାର୍ବେଣ୍ଡାଜିମ୍‌ରେ ବିଶୋଧନ କରନ୍ତୁ।

## ବର୍ଜ୍ୟବସ୍ତୁରୁ କୁଣ୍ଡ



**ଅଧୁନା ଅଧିକାଂଶ ଲୋକ ନିଜ ଘର ଚାରିପଟେ କିମ୍ବା ଛାତ ଉପରେ କିଛି ନା କିଛି ଗଛ ଲଗାଉଛନ୍ତି। ଏଥିପାଇଁ ଡିଜାଇନ୍ ଓ ଆକର୍ଷଣୀୟ କୁଣ୍ଡ, ଗ୍ରୋବ୍ୟାଗ୍ ଆଦି ବ୍ୟବହାର କରାଯାଏ। ହେଲେ କମ୍ ଖର୍ଚ୍ଚରେ ଘରର ବର୍ଜ୍ୟବସ୍ତୁ ଯଥା ପୁରୁଣା ବୋତଲ, ଟାୟାର, ନଡ଼ିଆ ଖୋଳ, ମାଠିଆକୁ ନୂଆ ରୂପ ଦେଇ କୁଣ୍ଡ ପ୍ରସ୍ତୁତ କରାଯାଇପାରିବ।**

ପ୍ଲାଷ୍ଟିକ୍ ବୋତଲକୁ ବର୍ଜ୍ୟଭାବି ଅନେକ ଏହାକୁ ଫିଙ୍ଗିଦିଅନ୍ତି। ହେଲେ ୨.୫ ଲିଟରର ପ୍ଲାଷ୍ଟିକ୍ ବୋତଲରେ ଛୋଟ କଣା କରି ଏଥିରେ ହ୍ୟାଙ୍ଗିଙ୍ଗ କୁଣ୍ଡ ବନାଯାଇପାରିବ। ଏଥିପାଇଁ ବୋତଲ ମଝିରେ କାଟି ଛୋଟ ଫୁଲଗଛରେ ବଗିଚାକୁ ସଜାଯାଏ। ଏଥିରେ ଏକ୍ରିଲିକ୍ ରଙ୍ଗ ଦେଇ ଡିଜାଇନ୍ କରି ପାରିବେ। ସେହିପରି ଶୁଖିଲା ନଡ଼ିଆ ଖୋଳକୁ ପଲିସ୍ କରି ରଙ୍ଗ ଦେଇ ବାଲକୋନିରେ ଓହଳାଇ ଗଛ ଲଗାଇପାରିବେ।

ପୁରୁଣା ଡବା କିମ୍ବା ବାଲ୍‌ଟିକୁ ରଙ୍ଗୀନ କପଡ଼ା କିମ୍ବା ଆକର୍ଷଣୀୟ ରସିରେ ସଜାଇ ଏଥିରେ ବିଭିନ୍ନ ଗଛ ଲଗାଇପାରିବେ। ସୋଲ ପେଟିରେ ଗଛ ଲଗାଯାଏ। ସିମେଣ୍ଟ ଟାଙ୍କିରେ ପାଣି ରଖି ପଦ୍ମଫୁଲ, କଇଁ, ଜଳଜାତୀୟଫୁଲ ଫୁଟାଇ ପାରିବେ।

## ଏ ମାସର ଚାଷ

**ବର୍ତ୍ତମାନ ସମୟରେ ତାପମାତ୍ରା କ୍ରମାଗତ ବୃଦ୍ଧି ପାଉଛି। ଏହି ସମୟଟି ଖରାଟିଆ ପନିପରିବା ଚାଷ ପାଇଁ ଉପଯୁକ୍ତ ସମୟ। ଏବେଠୁ ଚାଷୀଭାଇମାନେ କିଛି ପନି ପରିବା ଚାଷ କଲେ ଏପ୍ରିଲ ମାସରେ ବଜାରରେ ଲାଭ ପାଇ ପାରିବେ।**

ବର୍ତ୍ତମାନ ସିମ୍‌ଲା ଲଙ୍କା, ପୋଟଳ ଆଦି ଲଗାଇବାର ଉପଯୁକ୍ତ ସମୟ। ଚାଷ ପୂର୍ବରୁ ପ୍ରଥମେ ଜମିକୁ ୨ରୁ ୩ଥର ହଳ କରାଯାଏ। ଏହାଦ୍ୱାରା ରୋଗ ପୋକ ଲାଗିବା ଆଶଙ୍କା ହ୍ରାସ ପାଏ। ଏକର ପ୍ରତି ୮ରୁ ୧୦ ଟନ୍ ଖତ କିମ୍ବା ଜିଆଖତ ପ୍ରୟୋଗ କରିପାରିବେ। ମାଟିକୁ ସମତଳ କରି ବିହନ ଲଗାଇ ପାରିବେ। ପାଣିକଖାରୁ ଲଗାଉଥିଲେ ବାଉଁଶରୁ ରଞ୍ଜା ବନାନ୍ତୁ। ସେହିପରି ୨ ସେମି ଗଭୀରରେ କାକୁଡ଼ି ମଞ୍ଜି ଲଗାଇ ପାରିବେ। ବୁନ୍ଦାଜଳସିଞ୍ଚନ ଏବଂ ମଲଚିଂ ବ୍ୟବହାର କରିଲେ ମାଟିର ଆର୍ଦ୍ରତା ଠିକ୍ ରୁହେ। ଗଛ ବୃଦ୍ଧି ହୋଇଥାଏ। ସେହିପରି ସିମ୍‌ଲାଲଙ୍କା ମଞ୍ଜିକୁ ଉପଯୁକ୍ତ ଗଭୀରରେ ଲଗାଇ ଜଳସିଞ୍ଚନ କରିବା ଆବଶ୍ୟକ। ମକା ଓ ଚିନାବାଦମ ଫସଲରେ ମାଟିର ବତରକୁ ଦେଖି ଜଳସେଚନ କରନ୍ତୁ।



## ବତକ ପାଳନ ସହ ମାଛ ଚାଷ



**ବତକ ସହିତ ମାଛ ପାଳନ ଏକ ଲାଭଜନକ ସମନ୍ୱିତ ଚାଷ ପ୍ରଣାଳୀ। ବତକ ପୋକଜୋକ, ଜିଆ, ଗେଣ୍ଡା, ଛୋଟ ଛୋଟ ମାଛ ପ୍ରଭୃତି ସଂଗ୍ରହ କରି ସେମାନଙ୍କ ଖାଦ୍ୟ ଚାହିଦା ପୂରଣ କରିଥା'ନ୍ତି। ଏହି ପଦ୍ଧତିରେ ଚାଷ ପାଇଁ ପୋଖରୀ କୂଳରେ ବତକ ରହିବା ପାଇଁ ସ୍ୱତନ୍ତ୍ର ଘର ତିଆରି କରାଯାଏ। ଏହି ପଦ୍ଧତିରେ ରୋଗ ନିୟନ୍ତ୍ରଣ ପାଇଁ ବତକର ସ୍ୱାସ୍ଥ୍ୟ ଏବଂ ପୋଖରୀ ପାଣିର ସ୍ୱଚ୍ଛତାକୁ ଧ୍ୟାନ ଦିଆଯାଏ। ବତକ ପାଳନ ସହିତ ମାଛ ଚାଷ କରିଲେ କମ୍ ଖର୍ଚ୍ଚ ଓ କମ୍ ସ୍ଥାନରେ ମାଛ, ମାଂସ ଓ ଅଣ୍ଡା ଉତ୍ପାଦନ ସମ୍ଭବ ହୋଇଥାଏ।**

ଅଣ୍ଡା ଉତ୍ପାଦନ ଓ ମାଂସ ପାଇଁ ବତକ ପାଳନ କରାଯାଏ। ଅଣ୍ଡା ଉତ୍ପାଦନ ପାଇଁ ଖାକି କ୍ୟାମ୍ପବେଲ୍ ଏବଂ ଇଣ୍ଡିଆନ୍ ରନର୍ ଓ ମାଂସ ପାଇଁ ଧଳା ପେକିନ୍ ବତକ ପାଳନ କରାଯାଏ। ଖାକି କ୍ୟାମ୍ପବେଲ୍ ପ୍ରଜାତିର ବତକ ୨୬୦ରୁ ୨୮୦ ଗୋଟି ଅଣ୍ଡା ଦେଇଥାଏ। ଧଳା ପେକିନ୍ ବତକ ୮ ସପ୍ତାହରେ ପ୍ରାୟ ୩ କେଜି ଓଜନ ବଢ଼ିଥାଏ। ବତକ ପାଳନ ପାଇଁ ଅଧା ଆବଦ୍ଧ ଓ ଅଧା ଖୋଲା ଘର ଦରକାର ହୋଇଥାଏ। ମାଛ ଚାଷ ପାଇଁ ପୋଖରୀରେ ୪ ସେମିରୁ ଊର୍ଦ୍ଧ୍ୱ ଏବଂ ୫ଗ୍ରାମ ଓଜନବିଶିଷ୍ଟ ମାଛ ଯାଆଁଳ ଛାଡ଼ିବା ଆବଶ୍ୟକ। ବତକର ମଳ ପୋଖରୀରେ ପ୍ଲାଙ୍କଟନ୍ ବୃଦ୍ଧି କରେ। ଏହା ମାଛ ପାଇଁ ଖାଦ୍ୟ ଏବଂ ସାର ଭାବେ କାର୍ଯ୍ୟ କରିଥାଏ। ଫଳରେ ଅତିରିକ୍ତ ଖାଦ୍ୟ ଖର୍ଚ୍ଚ କମିଯାଏ। ଏକ ଏକର ପୋଖରୀ ପାଇଁ ପ୍ରାୟ ୮୦ରୁ ୧୦୦ ବତକ ଆବଶ୍ୟକ ହୁଏ। ବତକ ପହଁରିବା ଦ୍ୱାରା ପୋଖରୀ ପାଣିରେ ଅମ୍ଳଜାନ ପରିମାଣ ବଢ଼ିଥାଏ। ବତକ ଛୁଆକୁ ତିନି ସପ୍ତାହ ପର୍ଯ୍ୟନ୍ତ ପୁରୁଣା ଖବରକାଗଜ ବହଳ ଆକାରରେ ବିଛାଇ ତାହା ଉପରେ ବ୍ରୁଡିଂ କରାଯାଏ। ସୁଜିଦାନା ପରି ଷ୍ଟାର୍ଟର୍ ଖାଦ୍ୟ ଦିଆଯାଏ। ବିଜୁଳି ଆଲୁଅ ସାହାଯ୍ୟରେ ଉତ୍ତାପ ଦେଇ ବତକ ପାଳନ କରାଯାଏ। ଏହି ସମନ୍ୱିତ ମାଛଚାଷରୁ ବିନା ଖାଦ୍ୟ ଓ ଖତସାର ପ୍ରୟୋଗ କରି ଏକର ପିଛା ବର୍ଷକୁ ୧୬ କ୍ୱିଣ୍ଟାଲ ମାଛ ଉତ୍ପାଦନ କରାଯାଇପାରିବ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଝୁଡ଼ଙ୍ଗ, ଗୁଆଁର, କଖାରୁ, କାକୁଡ଼ି ଏବଂ ତରଭୁଜ ଲଗାଇବାର ଉପଯୁକ୍ତ ସମୟ।
- କାଜୁବାଦାମ ଫସଲରେ ଚେର ଏବଂ କାଣ୍ଡ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ କ୍ଷତିଗ୍ରସ୍ତ କିମ୍ବା ସୁଡ଼ଙ୍ଗ ହୋଇଥିବା ଗଛ ଛାଲକୁ ହଟାଇ ଦିଅନ୍ତୁ।
- ଆଳୁ ଲଗାଇବାର ୭୫ରୁ ୮୫ ଦିନ ପରେ ଏହାକୁ ଅମଳ କରି ଦିଅନ୍ତୁ। ଧ୍ୟାନ ଦେବେ ଜମିରେ ଅଧିକାଂଶ ପତ୍ରଗୁଡ଼ିକ ହଳଦିଆରୁ ବାଦାମି ରଙ୍ଗ



ହୋଇଯାଇଥିବ। ଅମଳ କରିବାର ୧୫ ଦିନ ପୂର୍ବରୁ ଜଳସେଚନକୁ ବନ୍ଦ କରିଦିଅନ୍ତୁ। ସମସ୍ତ ଅମଳ କରାଯାଇଥିବା ଆଳୁକୁ ଛାଇରେ ୨୪ ଘଣ୍ଟା ପାଇଁ ରଖନ୍ତୁ। ସମସ୍ତ କ୍ଷତିଗ୍ରସ୍ତ ଏବଂ ପଚା ଆଳୁକୁ ଅଲଗା କରିଦିଅନ୍ତୁ।
- ବର୍ତ୍ତମାନ ଜଳବାୟୁରେ ପିଜୁଳି ଓ ଆମ୍ବରେ ଦହିଆ ପୋକ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ମାର୍ଚ୍ଚ ମାସରେ ଡାଇମିଥୋଏଟ୍ ୩୦ ଇସି @ ୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଗାଈଗୋରୁଙ୍କୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣିରେ ଲୁଣ ମିଶାଇ ଦିଅନ୍ତୁ। ଗାଈଗୋରୁ ମାନେ ଯେପରି ଛାଇ ସ୍ଥାନରେ ରହିବେ ସେଥି ପ୍ରତି ଦୃଷ୍ଟି ଦିଅନ୍ତୁ।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି

### ଭାରତରେ ରହିବ ଜିମ୍ବାୱେ ଦଳ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନାକୁ ନେଇ ମଧ୍ୟପ୍ରାଚ୍ୟରେ ଯୁଦ୍ଧସ୍ଥିତି ସୃଷ୍ଟି ହୋଇଛି। ଯାହାର ପ୍ରଭାବ ସିଧାସଳଖ ଚଳିତ ଟି-୨୦ ବିଶ୍ୱକପ୍ ଉପରେ ପଡ଼ିଛି। ବିଶ୍ୱକପ୍‌ର ସୁପର-୮ରୁ ବିଦାୟ ନେଇଥିବା ଜିମ୍ବାୱେ ଦଳର ଖେଳାଳିମାନେ ଏବେ ସ୍ୱଦେଶ ଫେରିବା ଲାଗି ସମସ୍ୟା ସୃଷ୍ଟି ହୋଇଛି। ସିକନ୍ଦର ରାଜାଙ୍କ ନେତୃତ୍ୱାଧୀନ ଜିମ୍ବାୱେ ଖେଳାଳିମାନେ ଏକାଧିକ ଗ୍ରୁପ୍ ହୋଇ ନୂଆଦିଲ୍ଲୀରୁ ଦୁବାଇ ଯାଇଥାନ୍ତେ। ସେଠାରୁ କନେକ୍ଟିଂ ବିମାନ ଯୋଗେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥାନ୍ତେ। କିନ୍ତୁ ଯୁଦ୍ଧ ଲାଗି ଦୁବାଇ ବିମାନବନ୍ଦର ଦୁଇଦିନ ହେଲା ବନ୍ଦ ରହିଛି। ଯାହା ଫଳରେ ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ବିମାନବନ୍ଦର ଭାବେ ପରିଚିତ ଦୁବାଇରେ ଏବେ ଶହ ଶହ ବିମାନ ଉଡ଼ାଣ କରି ନ ପାରି ଫଶି ରହିଛନ୍ତି। ଏଥିଲାଗି ଜିମ୍ବାୱେ ଖେଳାଳି ଓ ସପୋର୍ଟ ଷ୍ଟାଫ ବର୍ତ୍ତମାନ ଭାରତରେ ରହିବାକୁ ଉଚିତ ମଣିଛନ୍ତି। ଦଳର ମୁଖ୍ୟକୋଚ୍ ଜଷ୍ଟିନ ସିମନ୍ସ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିକୁ ନଜରରେ ରଖି ଆମେ ଆମର ସ୍ୱଦେଶ ଫେରିବା ଯାତ୍ରାକୁ ସ୍ଥଗିତ ରଖିଛୁ।

### ଫିଫା ବିଶ୍ୱକପ୍‌ରେ ଇରାନର ଖେଳିବା ନେଇ ସନ୍ଦେହ

ତେହେରାନ୍,୨।୩(ଏଜେନ୍ସି): ଆମେରିକା, ମେକ୍ସିକୋ ଓ କାନାଡାରେ ଚଳିତବର୍ଷ ଫିଫା ପୁରୁଷ ବିଶ୍ୱକପ୍ ଖେଳାଯିବ। ଏବେ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ଚାଲିଛି। ଏହି ଯୁଦ୍ଧର ସ୍ଥିତି ଯୋଗୁଁ ଆମେରିକାରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଖେଳିବା ନେଇ ସନ୍ଦେହ ରହିଛି ବୋଲି ଇରାନ ଫୁଟବଲ ସଂଘ ସଭାପତି କହିଛନ୍ତି। ଇରାନ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। କିନ୍ତୁ ଆମେରିକାରେ ଆମ ଦେଶ ଖେଳିବ କି ନାହିଁ ତାହା ମୋତେ ଜଣାନାହିଁ ବୋଲି ସଭାପତି କହିଛନ୍ତି।

### ଆଶଙ୍କାରେ ପାକିସ୍ତାନ-ବାଂଲା ସିରିଜ୍

ଢାକା,୨।୩(ଏଜେନ୍ସି): ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଯୋଗୁ ଆସନ୍ତା ସପ୍ତାହରେ ବାଂଲାଦେଶ ସହ ପାକିସ୍ତାନ ଖେଳିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ମଧ୍ୟ ଆଶଙ୍କା ମଧ୍ୟରେ ରହିଛି। ଏହି ମ୍ୟାଚ୍ ଗୁଡ଼ିକ ଢ଼ାକାରେ ମାର୍ଚ୍ଚ ୧୧, ୧୩ ଓ ୧୫ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାବର୍ଷ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଏହା ଉଭୟ ଦଳ ଲାଗି ଭଲ ପ୍ରସ୍ତୁତି ହେବ। କିନ୍ତୁ ପାକିସ୍ତାନ ଉପରେ ଇରାନ ଯେ କୌଣସି ମୁହୂର୍ତ୍ତରେ ଆକ୍ରମଣ କରିବାର ସମ୍ଭାବନା ରହିଛି। ଏଣୁ ଏହି ସିରିଜ୍‌ର ଆୟୋଜନ ଆଶଙ୍କା ମଧ୍ୟକୁ ଚାଲିଯାଇଛି ବୋଲି ପାକିସ୍ତାନ ଗଣମାଧ୍ୟମରେ ପ୍ରକାଶ ପାଇଛି।

### ଭାରତରେ ଗୋଟିଏ ଟେଷ୍ଟ, ୩ ଦିନିକିଆ ଖେଳିବ ଆଫଗାନିସ୍ତାନ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ଭ୍ରମଣକାରୀ ଆଫଗାନିସ୍ତାନ ଦଳ ଆସନ୍ତା ଜୁନ୍ ମାସରେ ଭାରତ ଗସ୍ତରେ ଆସି ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଜୁନ୍ ୬ରୁ ନ୍ୟୁ ଚଣ୍ଡିଗଡ଼ରେ ଏକମାତ୍ର ଟେଷ୍ଟମ୍ୟାଚ୍ ଖେଳାଯିବ। ଭାରତ ବିପକ୍ଷରେ ଏହା ଆଫ୍‌ଗାନିସ୍ତାନର ଦ୍ୱିତୀୟ ଟେଷ୍ଟମ୍ୟାଚ୍ ହେବ। ଉଭୟ ଦଳଙ୍କ ମଧ୍ୟରେ ପ୍ରଥମ ଟେଷ୍ଟମ୍ୟାଚ୍ ୨୦୧୮ ରେ ଖେଳାଯାଇଥିଲା। ଏହା ପରେ ଭାରତ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ପ୍ରଥମ ଦ୍ୱିପାକ୍ଷିକ ଦିନିକିଆ ଶୃଙ୍ଖଳା ଖେଳାଯିବ। ପୂର୍ବରୁ କେବଳ ଆଇସିସି ଟୁର୍ଣ୍ଣାମେଣ୍ଟ ଓ ଏସିଆ କପ୍‌ରେ ଉଭୟ ଦଳଙ୍କ ମଧ୍ୟ ମ୍ୟାଚ୍ ଖେଳାଯାଇଛି। ଏହି ଶୃଙ୍ଖଳାର ୩ଟି ମ୍ୟାଚ୍ ଜୁନ୍ ୧୪ରେ ଧର୍ମଶାଳା, ୧୭ରେ ଲକ୍ଷ୍ନୌ ଓ ୨୦ରେ ଚେନ୍ନଇରେ ଖେଳାଯିବ। ଆଫ୍‌ଗାନିସ୍ତାନ ଶୃଙ୍ଖଳା ପରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯିବ। ଜୁଲାଇ ୧ରୁ ୧୯ ମଧ୍ୟରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଭାରତ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍‌ର ଶୃଙ୍ଖଳା ଖେଳିବ।

## ଟି-୨୦ ବିଶ୍ୱକପ୍ କ୍ରିକେଟ୍ ସେମିଫାଇନାଲରେ ଭାରତ

# ଖେଳିଛି ୫: ଜିତିଛି ୩, ହାରିଛି ୨

ଭୁବନେଶ୍ୱର,୨।୩(ସମିସ)



୨ ଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟରେ ପରାସ୍ତ କରି ଡିଫେଣ୍ଡିଂ ଚାମ୍ପିଅନ ଭାରତ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣରେ ଷଷ୍ଠଥର ଲାଗି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସେମିଫାଇନାଲରେ ଭାରତର ମୁକାବିଲା ହେବ ସବୁଠାରୁ ସ୍ଥିର ଖେଳ ପ୍ରଦର୍ଶନ କରୁଥିବା ଇଂଲଣ୍ଡ ସହ। ୨୦୨୨ରେ ଇଂଲଣ୍ଡଠାରୁ ସେମିଫାଇନାଲରେ ପରାଜିତ ହୋଇଥିବା ଭାରତ ଏହି ମୁକାବିଲାରେ ବିଜୟୀ ହୋଇ ପୂର୍ବ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

ଏବେ ଭାରତ ଓ ଶ୍ରୀଲଙ୍କାରେ ଚାଲିଛି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ। ଏହା ପୂର୍ବରୁ ଶେଷ ହୋଇଥିବା ୯ଟି ବିଶ୍ୱକପ୍ ମଧ୍ୟରୁ ଭାରତ ୫ଥର ସେମିଫାଇନାଲ ଖେଳିଛି। ୨୦୦୭, ୨୦୧୪, ୨୦୧୬, ୨୦୨୨ ଓ ୨୦୨୪ରେ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଏହା ମଧ୍ୟରୁ ୨୦୦୭, ୨୦୧୬ ଓ ୨୦୨୪ରେ ଦଳ ସେମିଫାଇନାଲରେ ବିଜୟୀ ହୋଇଛି। ଅନ୍ୟ ଦୁଇଥର ସେମିଫାଇନାଲ ମୁକାବିଲାରେ ପରାଜିତ ହୋଇଛି। ଯେଉଁ ୩ଥର ଦଳ ଫାଇନାଲ ଖେଳିଛି ତାହା ମଧ୍ୟରୁ ୨୦୦୭ ଓ ୨୦୨୪ରେ ଦଳ ଚାମ୍ପିଅନ ହୋଇଥିଲାବେଳେ ୨୦୧୬ରେ ଶ୍ରୀଲଙ୍କା ନିକଟରୁ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଭାରତ ଖେଳିଥିବା ସେମିଫାଇନାଲ ମୁକାବିଲାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ସୂଚିତ କରାଗଲା।

**୧-୨୦୦୭**: ଏହି ବର୍ଷ ପ୍ରଥମଥର ଟି-୨୦ କ୍ରିକେଟରେ ବିଶ୍ୱକପ୍ ଆରମ୍ଭ ହୋଇଥିଲା। ଏଥିରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ପାକିସ୍ତାନକୁ ୫ ରନ୍‌ରେ ଚାମ୍ପିଅନ ହୋଇଥିଲା। ଫାଇନାଲ ପୂର୍ବରୁ ଦଳ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୧୫ ରନ୍‌ରେ ହରାଇଥିଲା। ଡର୍ବାନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୫ ୱିକେଟରେ ୧୮୮ ରନ୍ କରିବା ପରେ ଅଷ୍ଟ୍ରେଲିଆକୁ ୭/୧୭୩ ରନ୍‌ରେ ସୀମିତ ରଖିଥିଲା। ଭାରତର ଯୁବରାଜ ସିଂହ ମାତ୍ର ୩୦ ବଲ୍‌ରେ ୭୦ ରନ୍ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**୨-୨୦୧୪**: ଚାମ୍ପିଅନ ହେବା ପରେ ଭାରତ କ୍ରମାଗତ ୩ଟି ସଂସ୍କରଣରେ ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରୁ ବିଦା ହୋଇଥିଲା। କିନ୍ତୁ ୨୦୧୪ରେ ଦଳ ସମସ୍ତ ସୁପର-୧୦ ମ୍ୟାଚ୍‌ରେ ବିଜୟୀ ହୋଇ ଦକ୍ଷିଣ ଆଫ୍ରିକା ସହ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ସେମିରେ ଭାରତ ବିରାଟ କୋହଲିଙ୍କ ୪୪ ବଲ୍‌ରେ ଅପରାଜିତ ୭୨ ରନ୍ ଫଳରେ ଦଳ ୬ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଫାଇନାଲରେ ଶ୍ରୀଲଙ୍କା ନିକଟରୁ ୪ ରନ୍‌ରେ ହାରିଯାଇଥିଲା।

**୩-୨୦୧୬**: ଗ୍ରୁପ୍-୨ରେ ନ୍ୟୁଜିଲାଣ୍ଡ ପଛକୁ ଦ୍ୱିତୀୟ ଦଳ ଭାବେ ଭାରତ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ସେମିଫାଇନାଲରେ ଦଳକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ସେମିଫାଇନାଲରେ ଭାରତ ୭ ୱିକେଟରେ ୱେଷ୍ଟଇଣ୍ଡିଜ୍‌ଠାରୁ ହାରିଯାଇଥିଲା। ଲେଣ୍ଡଲ ସିମନ୍ସ ୫୧ ବଲ୍‌ରେ ଅପରାଜିତ ୮୨ ରନ୍ କରି ବିରାଟ କୋହଲିଙ୍କ ୪୭ ରନ୍‌ରେ ଅପରାଜିତ ୮୯ ରନ୍‌କୁ ଫିକା କରିଦେଇଥିଲେ।

**୪- ୨୦୨୨** : ଭାରତ ସୁପର ୧୨ ଗ୍ରୁପ-୧ରେ ୫ଟି ମୁକାବିଲାରୁ ୪ଟିରେ ଜିତି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ସେମିରେ ଇଂଲଣ୍ଡ ସହ ମୁକାବିଲାରେ ଭାରତକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଆଲେକ୍ସ ହେଲ୍ସଙ୍କ ୪୭ବଲ୍‌ରେ ୮୬ ଓ ଜୋସ୍ ବଟ୍ଟଲରଙ୍କ ୪୯ ବଲ୍‌ରେ ୮୦ ରନ୍ ସହାୟତାରେ ଇଂଲଣ୍ଡ ଏହି ମୁକାବିଲାକୁ ୧୦ ୱିକେଟରେ ଜିତି ଫାଇନାଲରେ ପ୍ରବେଶ କରିବା ସହ ଟାଇଟଲ ଜିତିନେଇଥିଲା।

**୫-୨୦୨୪**: ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗ୍ରୁପ୍-ଏ'ରେ ପ୍ରଥମସ୍ଥାନରେ ରହିବା ପରେ ସୁପର ଏଇଟ୍ ଗ୍ରୁପ୍-୧ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲା। ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଖେଳାଯାଇଥିଲା। କୁଲଦୀପ ଯାଦବ ଓ ଅକ୍ଷର ପଟେଲ ୩ଟି ଲେଖାଏଁ ୱିକେଟ ନେବା ଫଳରେ ଭାରତ ଏହି ମ୍ୟାଚ୍‌କୁ ୬୮ ରନ୍‌ର ବଡ଼ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ରୋମାଞ୍ଚକ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଭାରତ ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା।

---

■ ଭାରତ ନିକଟରୁ ହାରିବା ପରେ ପିସିବି କ୍ରୋଧିତ

### ପ୍ରତି ପାକିସ୍ତାନ ଖେଳାଳିଙ୍କୁ ୧୬ ଲକ୍ଷ ଜରିମାନା

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରି ସୁପର୍-୮ରୁ ବିଦାୟ ନେଇଥିବା ପାକିସ୍ତାନ ଖେଳାଳିଙ୍କ ଉପରେ ବଡ଼ ଜରିମାନା ଲାଗିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହି ଜରିମାନା ଲଗାଇଥିବା ରିପୋର୍ଟ ପ୍ରକାଶ ପାଇଛି। ବିଶେଷ କରି ଗ୍ରୁପ୍ ପର୍ଯ୍ୟାୟରେ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ନିକଟରୁ ୬୧ ରନରେ ପାକିସ୍ତାନ ଦଳ ପରାଜୟବରଣ କରିବାକୁ ପିସିବି ସହଜରେ ହଜମ କରିପାରିନାହିଁ। ତେଣୁ ସଲମାନ ଆଘାଙ୍କ ନେତୃତ୍ୱାଧୀନ ପ୍ରତି ଖେଳାଳିଙ୍କ ଉପରେ ୫ ମିଲିୟନ ପାକିସ୍ତାନ ଟଙ୍କା (ଭାରତୀୟ ମୁଦ୍ରାରେ ୧୬.୩୦ ଲକ୍ଷ) ଲେଖାଏ ଜୋରିମାନ ପିସିବି ଲଗାଇଛି। ପିସିବି ଅଧ୍ୟକ୍ଷ ମୋହସିନ ନକଭୀ ଖେଳାଳିଙ୍କ ପ୍ରଦର୍ଶନରେ କ୍ଷୁବ୍ଧ ହୋଇ ଏଭଳି କଠୋର ନିଷ୍ପତ୍ତି ନେଇଥିବା ରିପୋର୍ଟରୁ ଜଣାପଡ଼ିଛି। ଭାରତ ନିକଟରୁ ପରାଜୟ ପରେ ତୁରନ୍ତ ଏହି ଜରିମାନା ଲଗାଇବା ଲାଗି ନିଷ୍ପତ୍ତି ହୋଇଥିଲା। ପିସିବି ଅଧିକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ଯଦି ଦେଶର ଖେଳାଳିମାନେ ବିଜୟ ପାଇଁ ଯଥେଷ୍ଟ ଆର୍ଥିକ ସହାୟତା ଓ ବୋନସ ପାଉଛନ୍ତି ତାହାଲେ କୌଣସି ଟୁର୍ଣ୍ଣାମେଣ୍ଟରେ ଖରାପ ପ୍ରଦର୍ଶନ କଲେ ସମାନ ଭାବେ ଦଣ୍ଡର ସମ୍ମୁଖୀନ ହେବା ମଧ୍ୟ ଉଚିତ। ଉଲ୍ଲେଖଯୋଗ୍ୟ ପାକିସ୍ତାନ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୪ଟି ମ୍ୟାଚରୁ ୩ଟି ବିଜୟ ହାସଲ କରିଥିଲା। କିନ୍ତୁ ସୁପର-୮ ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ବରଣ କରିଥିଲା ବର୍ଷା ଲାଗି ଗୋଟିଏ ମ୍ୟାଚ୍ ବାତିଲ ହୋଇଥିଲା। ଯାହା ଫଳରେ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲା।

### ୨୩ ବର୍ଷ ପରେ ଦିଲ୍ଲୀରେ ଏସ୍‌ଜେଏଫ୍‌ଆଇ ଜାତୀୟ ସମ୍ମିଳନୀ

ନୂଆଦିଲ୍ଲୀ, ୨।୩ (ଏଜେନ୍ସି): ଏଆଇପିଏସ୍ ଅନୁବନ୍ଧିତ ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘ (ଏସଜେଏଫ୍‌ଆଇ)ର ଆଗାମୀ ଜାତୀୟ ସମ୍ମିଳନୀ ମାର୍ଚ୍ଚ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିସହ ଦୀର୍ଘ ୨୩ ବର୍ଷର ବ୍ୟବଧାନ ପରେ ଏହି ସମ୍ମାନଜନକ ବାର୍ଷିକ ସମାବେଶ ଜାତୀୟ ରାଜଧାନୀ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି। ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ସଂଘ (ଡିଏସ୍‌ଜେଏ) ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀ ମଧ୍ୟ ଏଥର ସୁବର୍ଣ୍ଣ ଜୟନ୍ତୀ ଅର୍ଥାତ ୫୦ ବର୍ଷ ପୂର୍ତ୍ତିପାଳନ କରୁଛି। ଯାହାକି ଏସଜେଏଫ୍‌ଆଇ' ଇତିହାସର ଅନ୍ୟତମ ସ୍ମରଣୀୟ ସଂସ୍କରଣ ହେବାକୁଯାଉଛି। ଏହି ୪ ଦିବସୀୟ ସମ୍ମିଳନୀରେ ସାରା ଭାରତ ବର୍ଷରୁ ଶତାଧିକ କ୍ରୀଡ଼ା ସାମ୍ବାଦିକଙ୍କ ସମେତ ଭାରତୀୟ କ୍ରୀଡ଼ାର ଚର୍ଚ୍ଚିତ ଚେହେରା ଓ ପ୍ରମୁଖ କ୍ରୀଡ଼ା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅର୍ଥପୂର୍ଣ୍ଣ ବୃତ୍ତିଗତ ଆଲୋଚନା ସମେତ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜିତ ହେବାର ରହିଛି। ଯେଉଁଥିରେ ଜେକେ ବୋଷ ଆନ୍ତଃଜୋନାଲ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ (ରୋଶନାରା ଗ୍ରାଉଣ୍ଡ), ଏସି ବାଲି ଟେବଲ ଟେନିସ ଟୁର୍ଣ୍ଣାମେଣ୍ଟ (ଜବାହରଲାଲ ନେହରୁ ଷ୍ଟାଡିୟମ୍), ପେନାଲ୍ଟି କିକ୍ ଓ ବାସ୍କେଟବଲ ଫ୍ରି-ଥ୍ରୋ ଖେଳାଯିବ। ସେହିଭଳି ଏକ କ୍ରୀଡ଼ା କନକ୍ଲେଭ ମଧ୍ୟ ଆୟୋଜିତ ହେବାର କାର୍ଯ୍ୟସୂଚୀ ରହିଛି। ଯେଉଁଥିରେ ଅଲିମ୍ପିଆନ ପିଟି ଉଷା, ଆଇସିସି ଅଧ୍ୟକ୍ଷ ଜୟ ଶାହ, ଅନୁରାଗ ଠାକୁର, କ୍ରିକେଟର ଋଷଭ ପନ୍ତ, ସୁରେଶ ରାଇନା ପ୍ରମୁଖ ଅଂଶଗ୍ରହଣ କରିବେ। ଏହି ଜାତୀୟ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରି ସ୍ମରଣୀୟ କରିବା ଲାଗି ଏସଜେଏଫ୍‌ଆଇ ସଭାପତି ସରଜୁ ଚକ୍ରବର୍ତ୍ତୀ ଓ ଡିଏସଜେଏ ସଭାପତି ଅଭିଷେକ ତ୍ରିପାଠୀ ଆଶାବାଦୀ ରହିଛନ୍ତି।

AIPS
INTERNATIONAL SPORTS PRESS ASSOCIATION
SJFI
SPORTS JOURNALISTS' FEDERATION OF INDIA
GOLDEN JUBILEE
★ 1976 - 2026 ★
DSJA

## ଦୁବାଇରେ ଫସିଛନ୍ତି ସିନ୍ଧୁ

### ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରେ ଖେଳିବା ନେଇ ସନ୍ଦେହ



ଲଣ୍ଡନ, ୨।୩ (ଏଜେନ୍ସି): ବିଶ୍ୱର ଅନ୍ୟତମ ସମ୍ମାନଜନକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ର ୧୧୬ତମ ସଂସ୍କରଣ ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହେବାକୁଯାଉଛି। ତେବେ ଏଥିରେ ଦୁଇଥରର ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ଅଂଶଗ୍ରହଣ ନେଇ ଆଶଙ୍କା ପ୍ରକାଶ ପାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଗମ୍ଭୀର ଥିବାରୁ ଅଧିକାଂଶ ରାଷ୍ଟ୍ରରେ ବିମାନ ଚଳାଚଳ ଉପରେ ସାମୟିକ ରୋକ୍ ଲାଗିଛି। ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ବିମାନ ଯୋଗେ ଲଣ୍ଡନ ଯାତ୍ରା କରୁଥିବା ସିନ୍ଧୁ ଦୁବାଇରେ ଦୁଇଦିନ ହେବ ଫଶି ରହିଛନ୍ତି। ପ୍ରତିଶୋଧ ପରାୟଣ ହୋଇ ସାଉଦୀ ଆରବ ଉପରେ ମଧ୍ୟ ଇରାନ ଆକ୍ରମଣ କରିଛି। ତେଣୁ ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ଦୁବାଇ ବିମାନ ବନ୍ଦର ଦୁଇଦିନ ହେବ ବନ୍ଦ ରହିଛି। ଫଳରେ ସେଠାରେ ଫଶି ରହିଥିବା ସିନ୍ଧୁ ଏବେ ଏହି ସୁପର୍-୧୦୦୦ ଇଭେଣ୍ଟରେ ଅଂଶଗ୍ରହଣ କରିବା ନେଇ ଆଶଙ୍କା ପ୍ରକାଶ ପାଇଛି। କୋଚ୍ ଇରୱାନସି ଆଦି ପ୍ରତମଙ୍କ ସହ ସିନ୍ଧୁ ଏକ ସୁରକ୍ଷିତ ସ୍ଥାନରେ ଦୁବାଇରେ ରହିଛନ୍ତି। ସିନ୍ଧୁ ତାଙ୍କ ପ୍ରଥମ ମ୍ୟାଚରେ ମଙ୍ଗଳବାର ଥାଇଲାଣ୍ଡର ସୁପାନିଦାଙ୍କ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଯଦି ଦୁବାଇ ବିମାନବନ୍ଦର ଚଳାଚଳ ସ୍ୱାଭାବିକ ନ ହୁଏ ତେବେ ସିନ୍ଧୁ ବାଧହୋଇ ପ୍ରତିଯୋଗିତାରୁ ଓହରିଯିବେ ବୋଲି ଜଣାପଡ଼ିଛି।

---

## ଏଓସିଏ ସଭାପତି ଓ ସମ୍ପାଦକ ପରସ୍ପରକୁ କଲେ ବହିଷ୍କାର

# ଓଡ଼ିଶା ଚେସ୍‌ରେ ନେତୃତ୍ୱର ସଙ୍କଟ

ଭୁବନେଶ୍ୱର,୨।୩(ସମିସ)

ଓଡ଼ିଶାରେ ଚେସ୍ ଖେଳର ଇତିହାସ କିମ୍ବା ସଫଳତାକୁ ଖୋଜିଲେ ସମର୍ଥକଙ୍କୁ ବିଶେଷ ଖୁସି ହେବାକୁ ପଡ଼ିବ ନାହିଁ। କାଁ ଭାଁ ସଫଳତାକୁ ଛାଡିଦେଲେ ଜାତୀୟ କିମ୍ବା ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଖେଳାଳିମାନେ ଦମ୍ ଦେଖାଇବାରେ ଅସମର୍ଥ ହୋଇଛନ୍ତି। ଏବେ ସରକାରଙ୍କ ସହଯୋଗରେ ଓଡ଼ିଶାରେ ଚେସ୍ ପ୍ରଶିକ୍ଷଣ ଲାଗି ଏକ କେନ୍ଦ୍ର ପ୍ରୋ-ଚେଷ୍ଟା' ଖୋଲାଯାଇଛି। ତୃଣମୂଳ ସ୍ତରରୁ କିପରି ଖେଳାଳିମାନେ ଅନ୍ତର୍ଜାତୀୟସ୍ତରରେ ଲଢ଼େଇ କରିବାର କୌଶଳ ଜାଣିବେ ତାହା ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଏହା ଛଡ଼ା ବେସରକାରୀ ସ୍ତରରେ ଏକାଧିକ ପ୍ରଶିକ୍ଷଣ କେନ୍ଦ୍ର, ବ୍ୟକ୍ତିଗତ ଭାବେ ଏକ ଡଜନରେ ଅଧିକ ନାମଜାଦା ଖେଳାଳି ତଥା କୋଚ୍ ଓଡ଼ିଶା ଚେସ୍‌ର ଉନ୍ନତିରେ ଲାଗିଛନ୍ତି। କିନ୍ତୁ ଏହାକୁ ସଂଗଠିତ କରିବା, ଖେଳାଳିଙ୍କୁ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା କରାଇବା, ପ୍ରତିଯୋଗୀତାମୂଳକ ଲଢ଼େଇ ଲାଗି ପ୍ରସ୍ତୁତି କରାଇବାରେ ନିଖିଳ ଓଡ଼ିଶା ଚେସ ସଂଘ ବା ଏଓସିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା କଥା। କିନ୍ତୁ ଚଳିତ ନିର୍ବାଚନରେ ସଭାପତି ଭାବେ ବିଶିଷ୍ଟ ଚେସ୍ ପ୍ରଶିକ୍ଷକ ତଥା ଏସ୍‌ଆର୍ ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ସମ୍ପାଦକ ଦେବବ୍ରତ ଭଞ୍ଜ ନିର୍ବାଚିତ ହେବା ପରେ ଓଡ଼ିଶା ଚେସ୍‌ରେ ଏକପ୍ରକାର ନେତୃତ୍ୱର ସଙ୍କଟ ସୃଷ୍ଟି ହୋଇଛି ବୋଲି ଚେସ ବିଶାରଦମାନେ ଅନୁଭବ କରୁଛନ୍ତି। ଉଭୟ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇ ନିର୍ବାଚନ ବୈତରଣୀ ପାର ହୋଇଥିଲେ। ସତ୍ୟରଞ୍ଜନଙ୍କ ଗୋଷ୍ଠୀର ସମ୍ପାଦକ ପ୍ରାର୍ଥୀ ଓ ଦେବବ୍ରତଙ୍କ ସଭାପତି ପ୍ରାର୍ଥୀ ହାରିଯିବା ପରେ ଏହି ସଙ୍କଟ ଲାଗି ବାଟ କଢ଼ାଇଛି। ପୂର୍ବରୁ ଉଭୟ ସତ୍ୟରଞ୍ଜନ ଓ ଦେବବ୍ରତ ଏକତ୍ର ହୋଇ କାମ କରୁଥିଲେ। ଏଭଳି କି ପରିସ୍ଥିତି ସୃଷ୍ଟି ହେଲା ଯେ ଉଭୟ ଉଭୟଙ୍କ ପ୍ରତିଦ୍ୱନ୍ଦ୍ୱୀ ପାଲଟିଗଲେ। ତାହାର ଉତ୍ତର ଦେବାକୁ କାଦୁଅ ଫିଙ୍ଗା ଚାଲିଛି।



ସତ୍ୟରଞ୍ଜନ ପଟ୍ଟନାୟକ



ଦେବବ୍ରତ ଭଞ୍ଜ

ନିର୍ବାଚିତ ହେବା ପରେ ଉଭୟ କିଛି ଦିନ ଚୁପ୍ ରହିଲେ। ଆଶା କରାଯାଉଥିଲା ପୂର୍ବ ଶତ୍ରୁତା ଭୁଲି ସତ୍ୟରଞ୍ଜନ-ଦେବବ୍ରତଙ୍କ ଯୋଡି ଓଡ଼ିଶା ଚେସ୍‌ରେ ନୂଆ ଇତିହାସ ସୃଷ୍ଟି କରିବେ। କିନ୍ତୁ ସେ ଆଶା ଦିବାସ୍ୱପ୍ନରେ ପରିଣତ ହୋଇଗଲା। ଓଡ଼ିଶା ରାଜ୍ୟ ଚେସ ସଂଘକୁ ପଛରେ ପକାଇ ଅଲ ଓଡ଼ିଶା ଚେସ୍ ସଂଘ ବା ଏଓସିଏ ଯେଉଁ ଉଦ୍ଦେଶ୍ୟରେ ଗଠିତ ହୋଇଥିଲା ତାହା ଏହି ଯୋଡି ନିର୍ବାଚିତ ହେବା ପରେ ସାଧିତ ହୋଇ ପାରିଲା ନାହିଁ। ଏପରି ଉଭୟଙ୍କୁ କୌଣସି ଗୋଟିଏ ଟୁର୍ଣ୍ଣାମେଣ୍ଟ ହେଉ କିମ୍ବା ଉତ୍ସବରେ ଦେଖିବାକୁ ମିଳିଲା ନାହିଁ। ଏହା ପରେ ଗୋଷ୍ଠୀ ବିବାଦ ସୃଷ୍ଟି ହେଲା ଓ ଉଭୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ଉପରେ ଗୁରୁତ୍ୱ ଦେଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ନିଶା ହେଉ କିମ୍ବା ଜିଦ୍ ଯୋଗୁଁ ଏମାନେ ସବୁକିଛି ଭୁଲିଯାଇ ଓଡ଼ିଶାର ଖେଳାଳିଙ୍କୁ ଗୋଟିକ ପରେ ଗୋଟିଏ ଟୁର୍ଣ୍ଣାମେଣ୍ଟ ଭେଟିଦେଇଥିଲେ। ଦିନେ ଓଡ଼ିଶାର ଖେଳାଳିମାନେ ରେଟିଂ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା, ଏବେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ କେବଳ ଦେଶ ନୁହେଁ ବିଦେଶରୁ ଖେଳାଳି ଆସୁଛନ୍ତି। ଏହା ସତ୍ତ୍ୱେ ଓଡ଼ିଶା ଖେଳାଳିଙ୍କର କିଛି ଉନ୍ନତି ହେଲା ନାହିଁ। ପଦ୍ମିନୀ ରାଉତଙ୍କ ପରେ ଆଉ ଜଣେ ଓଡ଼ିଶା ଖେଳାଳି ଯେ କୌଣସି କାଟାଗୋରୀରେ ବିଶ୍ୱ ଚାମ୍ପିଅନ ହୋଇ ପାରିଲେ ନାହିଁ। କିରଣ ମନୀଷା ମହାନ୍ତି ଓ ପଦ୍ମିନୀଙ୍କ ପରେ ଆଉ କେହି ମହିଳା ଗ୍ରାଣ୍ଡ ମାଷ୍ଟର ହୋଇପାରିଲେ ନାହିଁ। ଦେବାଶିଷ ଦାସ ଓ ସ୍ୱୟମ୍ଭ ମିଶ୍ରଙ୍କ ପରେ ଆଉ କେହି ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିପାରିଲେ ନାହିଁ। ଏଭଳି ସ୍ଥିତିରେ ଓଡ଼ିଶା ଚେସ୍‌ର ଉନ୍ନତି ହୋଇଛି ନା ଅବନତି ହୋଇଛି ତାହା ସତ୍ୟରଞ୍ଜନ-ଦେବବ୍ରତ କହିବେ କି?

ରାଜ୍ୟର ଚେସ ପ୍ରଶାସନରେ ଏବେ ଯେଉଁ ଧାରା ଏଓସିଏରେ ଚାଲିଛି ତାହା ଓଡ଼ିଶା ଖେଳାଳିଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ନେଇଯିବ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ଉଭୟଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱର୍ ଏତେ ବଢ଼ିଗଲାଯେ ଗୋଟିଏ ଗୋଷ୍ଠୀ ଅନ୍ୟକୁ ଅସୁବିଧାରେ ପକାଇବାକୁ କୁଚେଷ୍ଟା କଲେ। ସମ୍ପାଦକଙ୍କ ଅଭିଯୋଗ ଅନୁଯାୟୀ ସଭାପତିଙ୍କ ଗୋଷ୍ଠୀ ଏଓସିଏର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦେଲେ। ଯାହା ଫଳରେ ଦୈନନ୍ଦିନ କାର୍ଯ୍ୟକଳାପରେ ପ୍ରତିବନ୍ଧକ ଲାଗିଲା। ଏହା ମଧ୍ୟରେ ପରସ୍ପର ପକ୍ଷ ଛେଦନ ପ୍ରକ୍ରିୟା ଆରମ୍ଭ ହୋଇଗଲା। ସଭାପତି ସତ୍ୟରଞ୍ଜନଙ୍କ ଗୋଷ୍ଠୀ ଏକ ଜେନେରାଲ ବଡି ମିଟିଂ ଡକାଇ ସମ୍ପାଦକ ଦେବବ୍ରତଙ୍କୁ ଏଓସିଏରୁ ବହିଷ୍କାର କଲେ। ଏହାର କିଛି ଦିନ ପରେ ସମ୍ପାଦକ ଦେବବ୍ରତ ମଧ୍ୟ ଜେନେରାଲ ବଡି ମିଟିଂ ଡକାଇ ସଭାପତି ସତ୍ୟରଞ୍ଜନଙ୍କୁ ବହିଷ୍କାର କଲେ। ଆମେ ଯଦି ନିରପେକ୍ଷ ଭାବେ ଏହି ଘଟଣାକୁ ଅନୁଧ୍ୟାନ କରିବା ଓଡ଼ିଶାରେ ଏବେ ଗୋଟିଏ ଏଓସିଏ ନାହିଁ। ଆଇନଗତ ଭାବେ ଯାହା ହେଉନା କାହିଁକି ଉଭୟ ଗୋଷ୍ଠୀଙ୍କର ରାଜ୍ୟ ଚେସ ଉପରେ ପ୍ରଭାବ ରହିଛି। କିନ୍ତୁ ଗୋଷ୍ଠୀ ସୃଷ୍ଟି ହେଲେ ଜାତୀୟ ପ୍ରତିଯୋଗିତାରେ କେଉଁ ଗୋଷ୍ଠୀର ଖେଳାଳି ଭାଗନେବେ? ଅବଶ୍ୟ ଏଭଳି ପରିସ୍ଥିତି ଏବେ ସୃଷ୍ଟି ହୋଇନାହିଁ। ଭବିଷ୍ୟତରେ ଏହା ଯେ ନ ହେବ ତାହା ମଧ୍ୟ କହିହେବ ନାହିଁ। ଏପରି ବି ହୋଇପାରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଅଲିମ୍ପିକ୍ ସଂଘ ଉଭୟ ଗୋଷ୍ଠୀ ଉପରୁ ବା ଏଓସିଏ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରିନେଇ ଏହାକୁ ଅଚଳ କରିଦେଇପାରନ୍ତି। ପୂର୍ବରୁ ଓଡ଼ିଶା ଚେସ୍‌ରେ ଏଭଳି ଘଟଣା ଘଟିଛି ଓ ଖେଳାଳିମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାକୁ ଗୁରୁତ୍ୱ ଦେଇ ସଭାପତି ବା ବିଜୁ ପଟ୍ଟନାୟକ ପୁରସ୍କାର ବିଜେତା ଚେସ୍ ଗୁରୁ ସତ୍ୟରଞ୍ଜନ ପଟ୍ଟନାୟକ କିମ୍ବା ପେସାରେ ଇଞ୍ଜିନିୟର ଦେବବ୍ରତ ଭଞ୍ଜ ଯେତେ ଶୀଘ୍ର ନିଜ ନିଜ ମଧ୍ୟରେ ଥିବା ବିବାଦକୁ ସୁଧାରିନେବେ ସେତେଶୀଘ୍ର ରାଜ୍ୟ ଚେସ୍‌ର ଗାରିମା ତିଷ୍ଠି ରହିବ। ନଚେତ ପୁଣିଥରେ ଓଡ଼ିଶା ଚେସର କୃଷ୍ଣ ଭାବେ ବିବେଚିତ ବିବେକ ତିବରୱାଲଙ୍କୁ ଏହି ଚେସ-ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ଏହାର ସମାଧାନ କରିବାକୁ ପଡ଼ିବ। ବିବାଦ ନ ତୁଟିଲେ ଉଭୟ ଗୋଷ୍ଠୀଙ୍କୁ ହଟାଇ ଏକ କାମଚଳା କମିଟି ହାତରେ ଓଡ଼ିଶା ଚେସ ପରିଚାଳନା ଭାରତ ଯେ ନ୍ୟସ୍ତ ନ ହେବ ତାହା ଜୋର ଦେଇ କହିହେବ ନାହିଁ।

■ କଳାହାଣ୍ଡି କପ୍ କ୍ରିକେଟ

### ବିଶ୍ୱଜିତ୍, ଶୁଭମ୍, ସ୍ୱୟଂଶୁଙ୍କ ବୋଲିଂ ସଫଳତା



ସ୍ୱୟଂଶୁ ପଟ୍ଟନାୟକ



ଶୁଭମ ନାୟକ



ଶୁଭମ ଦାସ

ଭୁବନେଶ୍ୱର, ୨।୩ (ସମିସ): ଆନ୍ତଃଜିଲ୍ଲା ସିନିଅର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଗ୍ରୁପ- ଡି, ଇ ଓ ଏଫ୍ ପର୍ଯ୍ୟାୟ ଖେଳ ଜାରି ରହିଛି। ଏହିକ୍ରମରେ ସୋମବାର କଟକ ଓ ଭୁବନେଶ୍ୱରର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର-ବି'ର ବିଶ୍ୱଜିତ ମଲ୍ଲିକ, କେନ୍ଦୁଝରର ସ୍ୱୟଂଶୁ ପଟ୍ଟନାୟକ ଓ କଟକ-ଏ'ର ଶୁଭମ ନାୟକ ୫ ୱିକେଟ୍ ସଫଳତା ପାଇଛନ୍ତି। ଫଳରେ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କଟକ-ଏ ୧୦ ୱିକେଟରେ ରାୟଗଡ଼ାକୁ, ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦୁଝର ୧୦୯ ରନରେ କନ୍ଧମାଳକୁ ଏବଂ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭ ୱିକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି।

ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭଦ୍ରକ ୬ ୱିକେଟରେ ପୁରୀକୁ, ଅନୁଗୋଳ ୧୦୪ ରନରେ ବରଗଡ଼କୁ, ବାଲେଶ୍ୱର ୬ ୱିକେଟରେ ନୂଆପଡ଼ାକୁ, କଳାହାଣ୍ଡି ୩୧ ରନରେ ରାଉରକେଲାକୁ, କିଟ୍ ୭୯ ରନରେ ପାରାଦୀପକୁ, ଝାରସୁଗୁଡ଼ା ୯ ୱିକେଟରେ ଗଜପତିକୁ ପରାସ୍ତ କରିଛି। ଝାରସୁଗୁଡ଼ାର ତପନ ଗୁପ୍ତା (୩ ୱିକେଟ୍), କିଟ୍‌ର ପାର୍ଥସାରଥୀ ନାୟକ (୪୬ ରନ ଓ ୨ ୱିକେଟ୍), କଳାହାଣ୍ଡିର ଶୁଭମ ଦାସ (୪ ୱିକେଟ୍), ବାଲେଶ୍ୱରର ମାନସ ପାତ୍ର (୪ ୱିକେଟ୍), ଅନୁଗୋଳର ଆକାଶ ପ୍ରଧାନ (୨ ୱିକେଟ୍) ଓ ଭଦ୍ରକର କ୍ଷମାସାଗର ବଳ (୩ ୱିକେଟ୍) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS